ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୨ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 22 MARCH 2021
Vol.No. 32 ■ No. 77 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଯା ଦେବୀ ସର୍ବଭୂତେଷୁ............

ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ସୁପର ସ୍ପେଶାଲିଟି ହସ୍ପିଟାଲ ରାଷ୍ଟ୍ରପତିଙ୍କ ଦ୍ୱାରା ଲୋକାର୍ପିତ

### ସୁନ୍ଦରଗଡରେ ଜନଜାତିଙ୍କ ପ୍ରତି ଥିବା ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱକୁ ପୂରଣ କରାଯାଇଛି : ଧର୍ମେନ୍ଦ୍ର

ରାଉରକେଲା,୨୧/୦୩(ନି.ପ୍ର): ଉଦ୍‌ଘାଟନ ହୋଇଛି ରାଉରକେଲା ଇସ୍ପାତ କାରଖାନାର ସୁପର୍ ସ୍ପେଶାଲିଟି ହସ୍ପିଟାଲ୍। ୨ଶହ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍ପିଟାଲକୁ ଆଜି ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ। ରାଉରକେଲାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ରାଷ୍ଟ୍ରପତି ହସ୍ପିଟାଲର ଫାଇଦା ଓ ଲୋକଙ୍କ ପାଇଁ ଏହାର ଉପକାରିତା ସମ୍ପର୍କରେ କହିଛନ୍ତି । ସାରା ବିଶ୍ୱରେ ସ୍ୱାସ୍ଥ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉଛି ସୁଶାସନର ଦୁଇଟି ପ୍ରଧାନ ସ୍ତମ୍ଭ । ତେଣୁ ରାଉରକେଲାରେ ସୁପର୍ ସ୍ପେଶାଲିଟି ହସ୍ପିଟାଲ୍ ଦ୍ୱାରା ଓଡ଼ିଶା,



ଛତିଶଗଡ଼ ଓ ଝାଡ଼ଖଣ୍ଡ ଉପକୃତ ହେବେ । ତାସହ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ବି ସୃଷ୍ଟି ହୋଇପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି । ଅଭିଭାଷଣ ଆରମ୍ଭରୁ ରାଉରକେଲାର ସହର ଅର୍ଥ ବୁଝାଇ ଏହାର ପୁରାତନ ଇତିହାସ ସମ୍ପର୍କରେ ଅବଲୋକନ କରାଇଥିଲେ ରାଷ୍ଟ୍ରପତି । ରାଉରକେଲାର ଅର୍ଥକୁ ବୁଝାଇଥିଲେ ରାଷ୍ଟ୍ରପତି। ରାଉର ଅର୍ଥ ନିଜ ଓ କେଲାର ଅର୍ଥ ଗାଁ । ▶▶ପୃଷ୍ଠା ୭

## ଆଜି ପୁରୀ ଯିବେ ରାଷ୍ଟ୍ରପତି

ଭୁବନେଶ୍ୱର,୨୧/୦୩ (ନି.ପ୍ର): ୩ ଦିନିଆ ଓଡିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ଆସନ୍ତାକାଲି (ସୋମବାର)ପୁରୀ ଗସ୍ତରେ ଯିବେ। ରାଷ୍ଟ୍ରପତି ପୁରୀରେ ପ୍ରଥମେ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପରେ ଅପରାହ୍ନରେ କୋଣାର୍କ ଯାଇ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଶନିବାର ସଂଧ୍ୟାରେ ପତ୍ନୀଙ୍କ ସହ ଭୁବନେଶ୍ୱରରେ ପହଂଚିବା ପରେ ରାଷ୍ଟ୍ରପତି ରାଜଭବନ ଠାରେ ରାତ୍ରୀଯାପନ କରିଥିଲେ। ରବିବାର ଦିନ ରାଷ୍ଟ୍ରପତି ରାଉରକେଲା ଯାଇ ଏନଆଇଟିର ସମାବର୍ତନ ଉତ୍ସବରେ ଯୋଗ ଦେବା ସହ ଆଇଜିଏଚର ସୁପର ସ୍ପେଶାଲିଟି ହସ୍ପିଟାଲର ଲୋକାର୍ପଣ କରିଥିଲେ। ସଂଧ୍ୟାରେ ସେ ଭୁବନେଶ୍ୱର ରାଜଭବନକୁ ଫେରିଥିଲେ ।

## ଗ୍ୟାସ୍ ଟ୍ୟାଙ୍କର - ଆମ୍ବୁଲାନ୍ସ ଧକ୍କା : ୪ ମୃତ, ୩ ଗୁରତର

ଅନୁଗୋଳ,୨୧/୦୩(ନି.ପ୍ର): ଗ୍ୟାସ୍ ଟ୍ୟାଙ୍କର ଓ ଆମ୍ବୁଲାନ୍ସ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁର୍ଘଟଣାରେ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଆମ୍ବୁଲାନ୍ସଟି ସମ୍ବଲପୁରରୁ ୨ ଜଣ ରୋଗୀଙ୍କୁ ନେଇ ୫୫ ନଂ ଜାତୀୟ ରାଜପଥରେ କଟକ ଅଭିମୁଖେ ଯାଉଥିବା ବେଳେ ଆଜି ସକାଳ ପ୍ରାୟ ୬ଟା ସମୟରେ ଅନୁଗୋଳର ଜରପଡ଼ା ନିକଟରେ ବିପରିତ ଦିଗରୁ ଆସୁଥିବା ଏକ ଟ୍ୟାଙ୍କର ସହିତ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ୪ ଜଣଙ୍କର ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ଗୁରୁତର ଅନ୍ୟ ୩ ଜଣଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । ପୋଲିସ ୪ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଟ୍ୟାଙ୍କରକୁ ଜବତ କରିଛି । ଟ୍ୟାଙ୍କର ଡ୍ରାଇଭରକୁ ଅଟକ ରଖି ପଚରା ଉଚୁରା ଚଳାଇଛି ।

## ମୋ କଲେଜ ଅଭିଯାନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରବିବାର ଦିନ ମୋ କଲେଜ ଅଭିଯାନ ଆରମ୍ଭ କରିବା ସହ ଭର୍ଚୁଆଲ ପ୍ଲାଟଫର୍ମରେ ୱେବ୍ ପୋର୍ଟାଲ୍ ଲୋକାର୍ପଣ କରଛନ୍ତି। ଏହି ଅଭିଯାନରେ ୭୫୫ଟି କଲେଜ ସାମିଲ ଥିବା ବେଳେ ଏହା ପୁରାତନ ଛାତ୍ରଛାତ୍ରୀଙ୍କ ପାଇଁ ଭଲ ପ୍ଲାଟଫର୍ମ ଦେବ ଏବଂ ସେମାନେ ମୋ ସ୍କୁଲ ଭଳି ମୋ କଲେଜରେ ନିଜ ନିଜ କଲେଜକୁ ସହାୟତା କରିପାରିବେ। ଏହି ଅବସରରେ ସମଗ୍ର ବିଶ୍ୱରେ ଥିବା ଓଡ଼ିଆ ପୁରାତନ ଛାତ୍ରଛାତ୍ରୀଙ୍କୁ ନିଜ



ମାତୃଭୂମିରେ ଥିବା ସେମାନଙ୍କ ଶିକ୍ଷାନୁଷ୍ଠାନଗୁଡ଼ିକର ପୁନଃର୍ନିର୍ମାଣରେ ସହଯୋଗୀ ଶକ୍ତି ହେବାକୁ ଆହ୍ୱାନ ଦେଇଛନ୍ତି । ଉଚ୍ଚଶିକ୍ଷାର ଗଠନ ତଥା କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ ଲାଇଭ୍ ଷ୍ଟ୍ରିମ୍ ମାଧ୍ୟମରେ ସଂଯୁକ୍ତ ହୋଇଥିବା ବିଭିନ୍ନ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭ୍ୟ ଏବଂ ସମଗ୍ର ବିଶ୍ୱର ପ୍ରବାସୀ ଓଡ଼ିଆଙ୍କୁ ସ୍ୱାଗତ କରି କହିଛନ୍ତି ଯେ ଏହି ଅଭିଯାନ ଓଡ଼ିଆ ଆଲୁମିନିମାନଙ୍କୁ ଭାବପ୍ରବଣତା ସହିତ ବିନିଯୋଗ କରିବା ପାଇଁ ଏକ ମଂଚ ଏବଂ ଆମ କଲେଜ୍ ଦିନର ସ୍ମୃତିର ରୋମନ୍ଥନଠୁ ଅଧିକ ଲାଭପ୍ରଦ କିଛି ନାହିଁ । ▶▶ପୃଷ୍ଠା ୭

## ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ : ଚାନ୍ଦିପୁର ରାସ୍ତାରୋକ କଲେ ଉତ୍ତ୍ୟକ୍ତ ଲୋକେ

ବାଲେଶ୍ୱର,୨୧/୦୩ (ନି.ପ୍ର): ଚାନ୍ଦିପୁର ରାସ୍ତାର ଏକ ଦୁର୍ଘଟଣାରେ ଜନୈକ ବୃଦ୍ଧଙ୍କର ରବିବାର ମୃତ୍ୟୁ ହୋଇଯାଇଛି । ମୃତ ବୃଦ୍ଧ ଜଣକ ହେଲେ ବାଲେଶ୍ୱର ସହରର ସୁନହଟ ଗଉଡ଼ସାହିର ମହେନ୍ଦ୍ର ଦାସ । ତାଙ୍କର ଚାନ୍ଦିପୁର ରାସ୍ତାର ଗଛମାଳିଆଠାରେ ମଧ୍ୟ ଏକ ଘର ରହିଛି । ପ୍ରତ୍ୟେକ ଦିନ ସକାଳୁ ସେ ଗଉଡ଼ସାହିରୁ ସାଇକେଲ ଯୋଗେ ଗଛମାଳିଆ ଆସି ସେଠାରେ କିଛି ସମୟ ରହି ଫେରିଯାନ୍ତି । ଅନୁରୂପ ଭାବେ ଆଜି ସକାଳେ ସାଇକେଲ ଯୋଗେ ଗଛମାଳିଆରୁ ସୁନହଟ ଫେରୁଥିବା ବେଳେ ସତ୍ୟସାଇ ଇଞ୍ଜିନିୟରିଂ କଲେଜ ନିକଟରେ ଓଆର୦୧ଜେ/୬୯୬୪ ନଂର ଏକ ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଟ୍ରକକୁ ଅଟକାଇ ଡ୍ରାଇଭରକୁ ଧରି ପକାଇଥିଲେ । ସେମାନେ ଟ୍ରକରେ ଭଙ୍ଗାରୁଜା କରିବା ସହ ଡ୍ରାଇଭରକୁ ମଧ ମାରଧର କରିଥିଲେ। ଏହା ସହିତ ସେମାନେ କ୍ଷତିପୂରଣ ଦାବିରେ ଚାନ୍ଦିପୁର ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ଚାନ୍ଦିପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଡ୍ରାଇଭରକୁ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଉଦ୍ଧାର ସହ ଟ୍ରକ ଓ ସାଇକେଲକୁ ଜବତ କରିଥିଲା। ଅବରୋଧ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ଦୀର୍ଘ ସମୟଧରି ଯାନବାହାନ ଅଟକି ରହିଥିଲା । ବିଭିନ୍ନ ରାଜନୈତିକ ଦଳର ନେତୃବର୍ଗଙ୍କ ସମେତ ସଦରବ୍ଲକ ଅଧକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ପରେ ସଦର ଅତିରିକ୍ତ ତହସିଲଦାର ସେଠାରେ ପହଂଚି ରେଡକ୍ରସ ପାଣ୍ଠିରୁ ସହାୟତା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ।

## ଲୋକସଭା ବାଚସ୍ପତି ଓମ ବିର୍ଲା କରୋନା ସଂକ୍ରମିତ

ନୂଆଦିଲ୍ଲୀ,୨୧/୦୩ (ନି.ପ୍ର): ଲୋକସଭା ବାଚସ୍ପତି ଓମ ବିର୍ଲା କରୋନା ସଂକ୍ରମିତ ହୋଇଥିବା ଜଣାପଡିଛି। ରବିବାର ତାଙ୍କ ରିପୋର୍ଟ କରୋନା ପଜିଟିଭ୍ ବୋଲି ଜଣାଯାଇଛି। ଓମ୍ ବିର୍ଲାଙ୍କ ତରଫରୁ ଅନୁରୋଧ କରାଯାଇଛି ଯେ ତାଙ୍କ ସହ ସମ୍ପର୍କରେ ଆସିଥିବା ଲୋକମାନେ କରୋନା ପରୀକ୍ଷା କରନ୍ତୁ, ଯାହା ଦ୍ୱାରା ସଂକ୍ରମଣକୁ ଏଡାଯାଇପାରିବ। କରୋନା ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ଦିଲ୍ଲୀର ଏମ୍ସରେ ଭର୍ତି କରାଯାଇଛି, ଯେଉଁଠାରେ ବରିଷ୍ଠ ଡାକ୍ତର ଏବଂ ତାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିଛନ୍ତି ।

## ଗତ ୨୪ ଘଂଟାରେ ଦେଶରୁ ୪୩ ହଜାରରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ

### ଛତିଶଗଡ଼ରେ ସ୍କୁଲ, କଲେଜ୍, ଅଙ୍ଗନବାଡି କେନ୍ଦ୍ର ବନ୍ଦ

ନୂଆଦିଲ୍ଲୀ,୨୧/୦୩ (ନି.ପ୍ର): ଗତ ୨୪ ଘଂଟା ଭିତରେ ଚଳିତ ବର୍ଷର ସବୁଠାରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗତ କିଛିଦିନ ହେଲା ଏହି ସଂଖ୍ୟା ଲଗାତାର ବଢୁଥିବାବେଳେ ଆଜି ୪୩ ହଜାର ୮୪୬ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ରିପୋର୍ଟ ଆସିଛି । ବିଶେଷକରି ୬ଟି ରାଜ୍ୟ, ମହାରାଷ୍ଟ୍ର, କେରଳ,ପଞ୍ଜାବ, କର୍ଣ୍ଣାଟକ, ଗୁଜରାଟ ଓ ମଧ୍ୟପ୍ରଦେଶରେ କରୋନା ତୀବ୍ର ବେଗରେ ମାଡିଚାଲିଛି । ଦେଶ ତୁଳନାରେ ଏହି ୬ଟି ରାଜ୍ୟରେ ୮୩ ପ୍ରତିଶତ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି ।



ସେପଟେ ଛତିଶଗଡ ସରକାର ଆଜି କଡା ପଦକ୍ଷେପ ନେଇ ସ୍କୁଲ, କଲେଜ ଓ ଅଙ୍ଗନୱାଡି କେନ୍ଦ୍ରକୁ ତୁରନ୍ତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଉ ଏକ ଘଟଣାକ୍ରମରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ମଧ କରୋନାରେ ▶▶ପୃଷ୍ଠା ୭

## ସ୍କୁଲ ଫି' ଛାଡ଼ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ରାୟ

### ଏମ୍‌ଓୟୁ କରିନଥିବା ସ୍କୁଲ ଉପରେ ଲାଗୁ ହେବନି ସରକାରଙ୍କ ଫି' ହ୍ରାସ ବିଜ୍ଞପ୍ତି

ଭୁବନେଶ୍ୱର,୨୧/୦୩ (ନି.ପ୍ର): କରୋନା ଯୋଗୁଁ ଘରୋଇ ସ୍କୁଲ ଫି' ହ୍ରାସ ନେଇ ରାଜ୍ୟ ସରକାରଙ୍କ ନିଷ୍ପତିକୁ ଚ୍ୟାଲେଂଜ କରି ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲା ଓଡ଼ିଶା ଆଇସିଏସଇ ସ୍କୁଲ ସଂଘ । ପିଟିସନ ଦାୟର କରିଥିବା ସଂଘ ଯୁକ୍ତି ବାଢ଼ିଥିଲା, ଯେଉଁ ସ୍କୁଲଗୁଡିକ ରାଜ୍ୟ ସରକାରଙ୍କ ସହ ଏମ୍‌ଓୟୁ କରିଥିଲେ, ସେମାନଙ୍କ ମଧ୍ୟରେ ଆଇସିଏସଇ ସ୍କୁଲ ସଂଘରେ ଅନ୍ତର୍ଭୁକ୍ତ ଥିବା ସ୍କୁଲଗୁଡିକ ନାହାନ୍ତି । ତେଣୁ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଏହି ସ୍କୁଲଗୁଡିକ ଉପରେ



ଲାଗୁ ହେବନାହିଁ । ସ୍କୁଲ ଫି' ହ୍ରାସ ନେଇ ଗତ ଜାନୁଆରି ୭ ତାରିଖରେ ରାୟ ଦେଇଥିଲେ ହାଇକୋର୍ଟ । ଜାନୁଆରୀ ୧୯ ତାରିଖରେ ଫି' କମାଇବା ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ । ସ୍କୁଲ ସଂଘର ଯୁକ୍ତି ହେଉଛି, ଏହା କେବଳ ▶▶ପୃଷ୍ଠା ୭

## ଆୟୁଷ ଡ଼ାକ୍ତରମାନଙ୍କ ଧାରଣା ଆଜିଠୁ

ଭୁବନେଶ୍ୱର,୨୧/୦୩ (ନି.ପ୍ର): ସ୍ଥାୟୀ ନିଯୁକ୍ତି ଦାବିରେ ଓଡ଼ିଶାରେ ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡ଼ାକ୍ତରମାନେ ଆସନ୍ତାକାଲି ଠାରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେବେ। ବାରମ୍ବାର ସ୍ଥାୟୀ ଚାକିରୀ ପାଇଁ ସରକାରଙ୍କ ପାଖରେ ଦାବି ହେବା ପରେ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଥମେ ଆନ୍ତଃମନ୍ତ୍ରୀ କମିଟି ତାଲିକାରେ ଆୟୁଷ ଡାକ୍ତରମାନଙ୍କ ଚାକିରୀ ସ୍ଥାୟୀକରଣ ସ୍ଥାନ ପାଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ଅଫିସ୍ ଚାକିରୀ ଓପିଏସି ପରୀକ୍ଷା ବଦଳରେ ଏକକାଳୀନ ସ୍ଥାୟୀ ନିଯୁକ୍ତି କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇ ଓପିଏସ୍ ପରୀକ୍ଷା ବଦଳି ସ୍ଥାୟୀ ନିଯୁକ୍ତି ଦିଆଯିବ ବୋଲି ନିଷ୍ପତି ହୋଇଥିଲା। କିନ୍ତୁ ଏଯାବତ ସ୍ଥାୟୀ ଚାକିରୀ ଫାଇଲ୍ ଅର୍ଥ ବିଭାଗର ଅନୁମୋଦନ ପାଇଁ ଯାଇନାହିଁ। ସରକାର ଯଦି ତୁରନ୍ତ ସ୍ଥାୟୀ ନିଯୁକ୍ତି ନଦିଅନ୍ତି ତେବେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସଂଘର ସଭାପତି ଡ଼ାକ୍ତର ଜ୍ୟୋତିରଞ୍ଜନ ଗାହାଣ, ଉପସଭାପତି ଡ଼ାକ୍ତର ପାର୍ଥସାରଥୀ ଦାସ, ସାଧାରଣ ସମ୍ପାଦକ ଡା. ପ୍ରଭାକର ଦାସ, ସହ ସମ୍ପାଦକ ଡା. ଉମାକାନ୍ତ ରଣା ଚେତାବନୀ ଦେଇଛନ୍ତି।

## ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ଘୋଷଣାପତ୍ର ଜାରି କଲା ବିଜେପି

ପଶ୍ଚିମବଙ୍ଗ,୨୧/୦୩ (ନି.ପ୍ର): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଆଉ ମାତ୍ର ଦିନ କେଇଟା ବାକି ଥିବାବେଳେ ଆଜି ବିଜେପି ନିଜର ଘୋଷଣାପତ୍ର ଜାରି କରିଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ପଶ୍ଚିମବଙ୍ଗ ବିଜେପି ପ୍ରଭାରୀ କୈଳାସ ବିଜୟବର୍ଗୀୟ ଓ ପ୍ରଦେଶ ଅଧକ୍ଷ ଦିଲ୍ଲୀପ ଘୋଷଙ୍କ ଉପସ୍ଥିତିରେ ଏହି ଘୋଷଣାପତ୍ର ଜାରି ହୋଇଛି । ଏଥିର ବିଜେପି ନିଜର ଘୋଷଣାପତ୍ରରେ ମହିଳାମାନଙ୍କୁ ଚାକିରି କ୍ଷେତ୍ରରେ ୩୩ ପ୍ରତିଶତ ସଂରକ୍ଷଣ ଦେବାକୁ ପ୍ରତିଶ୍ରୁତି



ଦେଇଛି । ଏଥିସହ ଆୟୁଷ୍ମାନ ଯୋଜନାରେ ଲାଭ ପଶ୍ଚିମବଙ୍ଗବାସୀ ପାଇବେ ବୋଲି ବିଜେପି ନିଜର ଘୋଷଣା ପତ୍ରରେ ଉଲ୍ଲେଖ କରିଛି ।

## ରାଜ୍ୟସ୍ତରୀୟ ବିଶ୍ୱ ବନଦିବସ-୨୦୨୧ ପାଳିତ

### ୨୦୨୧-୨୨ରେ ୧ ଲକ୍ଷ ୫୦ ହଜାର ହେକ୍ଟର ବନୀକରଣ ଲକ୍ଷ୍ୟ : ଜଙ୍ଗଲ ଓ ପରିବେଶ ମନ୍ତ୍ରୀ

ଭୁବନେଶ୍ୱର,୨୧/୦୩ (ନି.ପ୍ର): ୨୦୨୧-୨୨ରେ ରାଜ୍ୟରେ ୧ ଲକ୍ଷ ୫୦ ହଜାର ୪୮୧ ହେକ୍ଟର ବନୀକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ୪୪ ହଜାର ୫୦୦ ହେକ୍ଟର କାମ୍ପା ପାଣ୍ଠି ମାଧ୍ୟମରେ ଓ ୫୦ ହଜାର ହେକ୍ଟର ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ ବନୀକରଣ କରାଯିବ। ଚଳିତ ବର୍ଷ ବିଭିନ୍ନ ବନୀକରଣ କାର୍ଯ୍ୟକ୍ରମରେ ସମୁଦାୟ ୩ କୋଟି ୯୨ ଲକ୍ଷ ଚାରା ରୋପଣ କରାଯିବା ସହିତ ୪ କୋଟି ୬୬ ଲକ୍ଷ ବୃକ୍ଷ ଚାରା ଜନସାଧାରଣ ଏବଂ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କ ମଧ୍ୟରେ ବିତରଣ କରାଯାଇଛି ଏବଂ ୧ କୋଟି ୭ ଲକ୍ଷ ହେକ୍ଟର ପରିମିତ ଅଂଚଳରେ ବନୀକରଣ କରାଯାଇଛି । ଚଳିତ ବର୍ଷ ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ନଗର ଓ ପୌରାଂଚଳରେ ସ୍ୱଚ୍ଛ ସୁନ୍ଦର ସବୁଜିମା ପରିବେଶ ସୃଷ୍ଟି କରିବା ନିମିତ ପ୍ରାୟତଃ ୩ ଲକ୍ଷ ୮୦ ହଜାର ବୃକ୍ଷ ଚାରା ରୋପଣ କରାଯାଇଛି ବୋଲି ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି। ରବିବାର ଦିନ ସ୍ଥାନୀୟ ଜୟଦେବ ବାଟିକା ପରିସରରେ ରାଜ୍ୟସ୍ତରୀୟ ବିଶ୍ୱ ବନଦିବସ ମହାସମାରୋହ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ ଯେ ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁସାରେ ୨୦୧୭ରୁ ୨୦୧୯ ମସିହା ମଧ୍ୟରେ ରାଜ୍ୟରେ ୨୭୪ ବର୍ଗ କିଲୋମିଟର ଜଙ୍ଗଲ ଅଂଚଳ ଓ ୬୫୫ ବର୍ଗ କିଲୋମିଟର ବୃକ୍ଷ ଆଚ୍ଛାଦିତ ଅଂଚଳର ବୃଦ୍ଧି ଘଟିଛି। ସଂପ୍ରତି ଆମ ରାଜ୍ୟର ଜଙ୍ଗଲ ଆଚ୍ଛାଦିତ ଅଂଚଳର କ୍ଷେତ୍ରଫଳ ୬୧ ହଜାର ୨୦୪ ବର୍ଗ କିଲୋମିଟର। ଜଙ୍ଗଲ ଆଚ୍ଛାଦିତ ଅଂଚଳର କ୍ଷେତ୍ରଫଳ ଅନୁଯାୟୀ ଆମ ରାଜ୍ୟ ମଧ୍ୟପ୍ରଦେଶ, ଅରୁଣାଂଚଳ ପ୍ରଦେଶ ଓ ଛତିଶଗଡ଼ ପରେ ଦେଶର ଚତୁର୍ଥ ସ୍ଥାନ ଅଧିକାର କରିଛି । ବିଗତ ଦୁଇଦଶନ୍ଧି ମଧ୍ୟରେ କ୍ରମାଗତ ଭାବରେ ଆମ ରାଜ୍ୟରେ ଜଙ୍ଗଲ ଅଂଚଳ ବୃଦ୍ଧି ସମ୍ଭବ ହୋଇପାରିଛି ବୋଲି ମନ୍ତ୍ରୀ ଶ୍ରୀ ଆରୁଖ ପ୍ରକାଶ କରିଥିଲେ । ଆମ ଜଙ୍ଗଲ ଯୋଜନାରେ ପ୍ରାୟତଃ ୧୬ ହଜାର ବନ ସୁରକ୍ଷା ସମିତି ଓ ପରିବେଶ ଉନ୍ନୟନ କମିଟିଙ୍କ ମାଧ୍ୟମରେ ୧୩ ହଜାର ୫୦୦ ବର୍ଗ କିଲୋମିଟର ଜଙ୍ଗଲକୁ ସୁରକ୍ଷା ଦିଆଯାଇପାରିଛି । ପ୍ରାୟତଃ ୧୪ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବିଭିନ୍ନ ଉପାର୍ଜନକ୍ଷମ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଛି । "ସବୁଜ ମହାନଦୀ ମିଶନ''ରେ ମହାନଦୀ, ଇବ୍, ତେଲ, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା ଓ ବଂଶଧାରା ନଦୀଗୁଡ଼ିକର ଉଭୟ ପାର୍ଶ୍ୱର୍ରେ ସବୁଜ ବଳୟ ସୃଷ୍ଟି କରାଯାଉଛି । ବିଗତ ୩ ବର୍ଷ ମଧ୍ୟରେ ଏହି ମିଶନ ଅନ୍ତର୍ଗତ ପ୍ରାୟତଃ ୧୮ ହଜାର ହେକ୍ଟର ଜମିରେ ୯୬ ଲକ୍ଷ ବୃକ୍ଷ ଚାରା ରୋପଣ କରାଯାଇ ପାରିଛି ବୋଲି ମନ୍ତ୍ରୀ ଶ୍ରୀ ଆରୁଖ ସୂଚନା ଦେଇଥିଲେ।

## ଫେରିଯିବ ବାଘୁଣୀ ସୁନ୍ଦରୀ

ଭୁବନେଶ୍ୱର,୨୧/୦୩(ନି.ପ୍ର): ମଧ୍ୟପ୍ରଦେଶର 'କାହ୍ନା' ଅଭୟାରଣ୍ୟକୁ ଫେରିଯିବ ବାଘୁଣୀ ସୁନ୍ଦରୀ। ସୁନ୍ଦରୀକୁ ନେବା ପାଇଁ ସେଠାରୁ ଗୋଟିଏ ୬ ଜଣିଆ ଟିମ୍ ରବିବାର ଓଡିଶା ଆସିଛନ୍ତି । ଟିମ୍‌ରେ ଜଣେ ଏସିସିଏଫ୍ ଓ ଡାକ୍ତର ଅଛନ୍ତି । ଏହି ଟିମ୍ ସୁନ୍ଦରୀର ବ୍ୟବହାର, ଚାଲିଚଳଣ ଓ ସ୍ୱାସ୍ଥ୍ୟ ସମୀକ୍ଷା କରିବେ। ତେବେ



ସୁନ୍ଦରୀ କେବେ ଫେରିବ, ତାହା ୩ରୁ ୪ ଦିନ ସମୀକ୍ଷା ପରେ ଟିମ୍ ଜଣାଇବ। ସୁନ୍ଦରୀକୁ ରଖିବା ଲାଗି 'କାହ୍ନା' ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବଡ଼ ଯନ୍ତା ରଖାଯାଇଛି । ତେବେ ସୁନ୍ଦରୀକୁ ଆଣିବା ଯେତିକି ବାଧା ଥିଲା, ସେତିକି ଶିକ୍ଷା ମଧ୍ୟ ଥିଲା ବୋଲି ପିସିସିଏଫ୍ ଶଶୀ ପଲ୍ କହିଛନ୍ତି। ତେବେ ଏ ପ୍ରକଳ୍ପ ବିଫଳ ହୋଇନାହିଁ। ଏନ୍‌ଟିସିଏ ▶▶ପୃଷ୍ଠା ୭

# କଂଗ୍ରେସ ପକ୍ଷରୁ ନବନିଯୁକ୍ତ ବ୍ଲକସ୍ତରୀୟ କମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୨୧।୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନବ ନିଯୁକ୍ତ ବ୍ଲକ ସଭାପତି, ଏନଏସି ଓ ପୌରପାଳିକା ସଭାପତିଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯିବା ସହ ଦଳୀୟ ସାଂଗଠନିକ ସ୍ଥିତିର ଉନ୍ନତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ସଂଜୀବ ଗିରି ଅଧ୍ୟକ୍ଷତା କରିଥିଲେ । ସମ୍ପ୍ରତି ଜିଲ୍ଲାରେ କଂଗ୍ରେସର ସାଙ୍ଗଠନିକ ସ୍ଥିତି ଦୁର୍ବଳ ହୋଇପଡ଼ିଥିବା ବେଳେ ଏହାର ପୁନରୁ ।ନ ପାଇଁ ଉଦ୍ୟମ ଆରମ୍ଭ ହୋଇଥିବା ସେ କହିଥିଲେ । ଦୀର୍ଘଦିନ ଧରି ବନ୍ଦ ହୋଇରହିଥିବା ଦଳର ସାଙ୍ଗଠନିକ ବିସ୍ତାର ପ୍ରକ୍ରିୟା ଏବେ ଜାରି ରହିଛି । ବ୍ଲକ ସଭାପତି ନିଯୁକ୍ତି ଶେଷ ହୋଇଥିବା ବେଳେ ଖୁବଶୀଘ୍ର ବ୍ଲକ ଓ ପଞ୍ଚାୟତ ସ୍ତରୀୟ କମିଟି ଗଠନ କରାଯିବ ବୋଲି ସେ କହିଥିଲେ। ତେବେ ତୃଣମୂଳସ୍ତରରୁ ସାଙ୍ଗଠନିକ ଭିତ୍ତିଭୂମି ପ୍ରସ୍ତୁତ ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟ ରାଜନୈତିକ ଦଳ ତୁଳନାରେ କଂଗ୍ରେସ କିପରି ଦଳ ନିଜର ପୂର୍ବସ୍ଥିତିକୁ ଫେରିପାରିବ ସେଥି ନିମନ୍ତେ ସାମୂହିକ ଉଦ୍ୟମ ପାଇଁ ସେ ସମସ୍ତଙ୍କୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ପୂର୍ବତନ ବିଧାୟକ ଚିତରଞ୍ଜନ ଷଡଙ୍ଗୀ, ବାଲେଶ୍ୱର ସଦର ବିଧାୟକ ପ୍ରାର୍ଥିନୀ ମମତା କୁଣ୍ଡୁ, ବସ୍ତା ବିଧାୟକ ପ୍ରାର୍ଥୀ ବିଜନ ନାୟକ, ରେମୁଣା ବିଧାୟକ ପ୍ରାର୍ଥୀ ପ୍ରତାପ ସେଠୀ, ଜିଲ୍ଲା କିଶାନ ସେଲ ସଭାପତି ନିରଞ୍ଜନ ବେହେରା, ଶ୍ରମିକ ନେତା ସୁରେଶ ବେହେରା ଓ ବିକାଶ ଦାସ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଦଳୀୟ ସଂଗଠନକୁ ଆଗକୁ ନେବା କ୍ଷେତ୍ରରେ ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକ,ଏନଏସି ଓ ପୌରାଞ୍ଚଳର ର ନିବନିଯୁକ୍ତ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସମ୍ବିଧାନର ୮ମ ଅନୁଚ୍ଛେଦରେ ହୋ ଏବଂ ମୁଣ୍ଡାରୀ ଭାଷା ସାମିଲ କରାଯାଉ : ବିଜେଡି

ଭୁବନେଶ୍ୱର ,୨୧।୩ (ନି.ପ୍ର): ଆଦିବାସୀମାନଙ୍କ ଦ୍ୱାରା ବହୁଳ ବ୍ୟବହାର ହେଉଥିବା ଭାଷା ହୋ ଏବଂ ମୁଣ୍ଡାରୀକୁ ସମ୍ବିଧାନର ୮ମ ଅନୁଚ୍ଛେଦରେ ସାମିଲ ପାଇଁ ବିଜୁ ଜନତା ଦଳ ପକ୍ଷରୁ ଦାବି କରାଯାଇଛି । ଏହି ଭାଷାଗୁଡିକୁ ସମ୍ବିଧାନରେ ସାମିଲ୍‌ର ବହୁଳ ଆବଶ୍ୟକତା ରହିଥିବା ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଜେଡି ବିଧାୟିକା ବାସନ୍ତୀ ହେମ୍ବ୍ରମ ଏବଂ ବିଜେଡିର ସାଧାରଣ ସମ୍ପାଦିକା ଶ୍ରୀମୟୀ ମିଶ୍ର । ସାମ୍ବାଦିକ ସମ୍ମିଳନୀରେ ସେମାନେ କହିଛନ୍ତି ଯେ ଗୋଟିଏ ଜାତିର ପରିଚୟ ପାଇଁ ଭାଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଓଡିଶା ଜନସଂଖ୍ୟାର ୨୨.୮୫ ପ୍ରତିଶତ ଅନୁସୂଚିତ ଜନଜାତି ହୋଇଥିବାବେଳେ ୧୩ ପ୍ରକାରର ବିଲୁପ୍ତପ୍ରାୟ ଜନଜାତିଙ୍କ ସହିତ ମୋଟ୍ ୬୨ ପ୍ରକାର ଜନଜାତି ଏଠାରେ ବସବାସ କରୁଛନ୍ତି । ହୋ ଏବଂ ମୁଣ୍ଡାରୀ ଭାଷାକୁ ସମ୍ବିଧାନରେ ସାମିଲ ପାଇଁ ଦୀର୍ଘଦିନରୁ ରାଜ୍ୟର ଆଦିବାସୀମାନେ ଦାବିକରି ଆସୁଛନ୍ତି । ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଦୁଇଟି ଭାଷାକୁ ସମ୍ବିଧାନର ୮ମ ଅନୁଚ୍ଛେଦରେ ସାମିଲ ପାଇଁ କହିଛନ୍ତି । ଓଡିଶା ଓ ଝାଡଖଣ୍ଡରେ ବସବାସ କରୁଥିବା ପ୍ରାୟ ୧୦ଲକ୍ଷ ବ୍ୟକ୍ତି ହୋ ଭାଷା ବ୍ୟବହାର କରନ୍ତି । ସମ୍ବିଧାନରେ ସାମିଲ ହୋଇଥିବା ସାନ୍ତାଳି ପରେ ହୋ ହେଉଛି ଓଡିଶାର ଆଦିବାସୀଙ୍କ ପ୍ରଚଳିତ ଦ୍ୱିତୀୟ ବୃହତ୍ ଭାଷା । ସେହିଭଳି ମୁଣ୍ଡା ଏବଂ ମୁଣ୍ଡାରୀ ଆଦିବାସୀ ସମ୍ପ୍ରଦାୟର ୬ଲକ୍ଷରୁ ଅଧିକ ଲୋକ ମୁଣ୍ଡାରୀ ଭାଷା ବ୍ୟବହାର କରନ୍ତି । ଓଡିଶାରେ ବ୍ୟବହୃତ କେତେକ ଆଦିବାସୀ ଭାଷା ରହିଛି ଯାହା ସମ୍ବିଧାନର ୮ମ ଅନୁଚ୍ଛେଦରେ ସାମିଲ ପାଇଁ ଯୋଗ୍ୟ । ତେଣୁ ଏହି ଦୁଇ ଭାଷା ହୋ ଏବଂ ମୁଣ୍ଡାରୀକୁ ସମ୍ବିଧାନରେ ସାମିଲ ପାଇଁ ବିଜେଡି ପକ୍ଷରୁ ଦୃଢ ଦାବି କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଇଂରେଜ ସମୟରୁ ଭାଷା ପାଇଁ ସଂଗ୍ରାମ ଜାରି ରହିଛି । ସାଢେ ୪ କୋଟିରୁ ୧ କୋଟି ମାତୃଭାଷାକୁ ଅଲଗା ଭାବେ ବ୍ୟବହାର କରନ୍ତି । ସେ କୋଶଲୀ, ହୋ, ମୁଣ୍ଡାରୀ, ଭୂମିଜ ପରି ଭାଷା । ରାଜନୈତିକ ଦଳ ର୍ନିବାଚନ ଇସ୍ତାହାରରେ ଏହାକୁ ଉଲ୍ଲେଖ କରିଥିଲେ, ହେଲେ କଲେନି । ଏଥିପାଇଁ ଏକ ବିଶେଷଜ୍ଞ କମିଟି ହୋଇଥିଲା ଓ କମିଟିତାହାର ରିପୋର୍ଟ ଦେଇଛି । ଆମେ ସବୁ ସାମ୍ବିଧାନିକ ପ୍ରକ୍ରିୟା ସାରିଛୁ । ଏ ସଂକ୍ରାନ୍ତରେ ଆମେ ରାଷ୍ଟ୍ରପତିଙ୍କୁ ଭେଟିବୁ । ତାଙ୍କର ଏହି କ୍ଷମତା ଅଛି ବୋଲି ସେ କହିଛନ୍ତି । ଶ୍ରୀମତୀ ମିଶ୍ର କହିଛନ୍ତିଯେ ଆମ ପର୍ଶ୍ଚିମ ଓଡ଼ିଶାରୁ ଅନେକ ବିଜେପି ସାଂସଦ ଅଛନ୍ତି । ସେମାନେ ଏହି କଥା ସଂସଦରେ ଉଠେଇଲେ, ରାଜ୍ୟବାସୀ ଧନ୍ୟ ହେବେ ।

# ଯୁବ ମହୋତ୍ସବ ‘ଦି ଇଣ୍ଟିଗ୍ରେସନ’ ଉଦ୍‌ଯାପିତ

ବାଲେଶ୍ୱର,୨୧।୩ (ନି.ପ୍ର): ଦୁଇଦିନିଆ ଯୁବ ମହୋତ୍ସବ ‘ଦି ଇଂଟିଗ୍ରେସନ’ ବାଲେଶ୍ୱର ସହରର ଗାନ୍ଧୀସ୍ମୃତି ଭବନ ପରିସରରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଚାନ୍ଦିପୁର ପ୍ରତିରକ୍ଷା ବିଭାଗ ଆଇଟିଆରର ନିର୍ଦ୍ଦେଶକ ହରେକୃଷ୍ଣ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଆୟୋଜକଙ୍କ ଉଦ୍ୟମକୁ ପ୍ରଶଂସା କରକିବା ସହିତ ଲୁକ୍କାୟିତ ଯୁବ ପ୍ରତିଭା ଚୟନରେ ଏହି ଭଳି କାର୍ଯ୍ୟକ୍ରମ ବେଶ ସହାୟକ ହୋଇପାରିଛି ବୋଲି ମତପ୍ରକାଶ କରିଥିଲେ । ପ୍ରତିଭା ଚୟନ ସହ ସେମାନଙ୍କୁ ଅଗାକୁ ବଢିବା ପାଇଁ ପ୍ରୋତ୍ସାହନ ଦେବା ଆବଶ୍ୟକ ବୋଲି ଶ୍ରୀ ରଥ ଏହି ଅବସରରେ କହିଥିଲେ । କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନରେ ଏହି ଭଳି ମଂଚ ଅତ୍ୟନ୍ତ ଆବଶ୍ୟକ ହୋଇଥିବା ବେଳେ ଏହି ଭଳି କାର୍ଯ୍ୟକ୍ରମ ଜାରି ରଖିବାକୁ ଦି ଇଂଟିଗ୍ରେସନର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ପୂର୍ବତନ କାଉନସିଲର ଚିତ୍ତରଞ୍ଜନ ପଣ୍ଡାଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭୁପଦ ଦାସ ଓ ସୁଶାନ୍ତ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଦି ଇଂଟିଗ୍ରେସନର ସଭାପତି ଗୌତମ ସାହୁ, ସାଧାରଣ ସମ୍ପାଦକ ଅମର ଗିରି, ରଶ୍ମିଲତା ନାୟକ, ଜୀବନ ମହାପାତ୍ର, ଶିବଶଙ୍କର ଦାସ ପ୍ରମୁଖ ଏଥିରେ ମଂଚସୀନ ଥିଲେ । ସଭାପରେ ବଲିଉଡ ଗାୟକ ରାଜୀବ ରାଜା ଆକର୍ଷଣୀୟ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ରଙ୍ଗୀନ ଆଲୋକ ମାଳା ଓ ମତୁଆଲା ସଙ୍ଗୀତର ତାଳେ ତାଳେ ଦର୍ଶକମାନେ କର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ । ସୌରଭ ବେହେରା, ମନୋଜ ପଟ୍ଟନାୟକ, ପ୍ରିୟଙ୍କା ଆଜମେରା, ମୃଣାଳୀ ତ୍ରିପାଠୀ, ଦିବ୍ୟାସା ମହାନ୍ତି, ସୁଶାନ୍ତ ଜେନା, ଚନ୍ଦନ ମହାଳିକ, ରାକେଶ, ବିଶାଲ, ବିକି, ଜ୍ୟୋତି, ଆଲୋକ, ପ୍ରିନ୍ସ ଓ ସାଗର ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ଭିଏସଏସ ନଗରରେ ରକ୍ତଦାନ ଶିବିର

ଭୁବନେଶ୍ୱର,୨୧।୩ (ନି.ପ୍ର): ପୋଲିସ୍ କମିଶନରେଟ ରେଡ଼କ୍ରସ ଓ ବୀର ସୁରେନ୍ଦ୍ର ସାଏ ନଗର ଦୁର୍ଗାପୂଜା ସମିତି ପକ୍ଷରୁ ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ରକ୍ତଦାନ ଶିବିରରେ ମୋଟ ୫୦ଜଣ ରକ୍ତଦାତା ରକ୍ତଦାନ କରିଥିବାବେଳେ ଏହି ଶିବିରକୁ ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ କୁମାର ରାଉତ ଉଦଘାଟନ କରିଥିଲେ । ପୋଲିସ କମିଶନରେଟ ରେଡ଼କ୍ରସର ଯୁଗ୍ମ ସମ୍ପାଦକ ଏସିପି ଲଳିତେନ୍ଦୁ ମହାନ୍ତି, ରାଜ୍ୟ ରକ୍ତ ସଂଚାରଣ ପରିଷଦର ଉପ ନିର୍ଦ୍ଦେଶକ ସ୍ୱରୂପ ଦାସ, ରକ୍ତ ଭଣ୍ଡାରର ନିର୍ଦ୍ଦେଶକ ଦେବାଶିଷ ମିଶ୍ର ଓ ପୂର୍ବତନ କର୍ପୋରେଟର ରସ୍ମିତା ମହାନ୍ତି ଅତିଥି ଭାବେ ଯୋଗ ଦେଇଥିବାବେଳେ ଶିବିରକୁ ପୋଲିସ କମିଶନରେଟ୍ ରେଡ଼କ୍ରସର କାର୍ଯ୍ୟ ନିର୍ବାହୀ ସମିତି ସଦସ୍ୟ ତଥା ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ପରିଚାଳନା କରିଥିଲେ । ଶିବିରରେ ରେଡ଼କ୍ରସର ଆଜୀବନ ସଦସ୍ୟ ପ୍ରସନ୍ନ ରଥ, ମମତା ପାଢ଼ୀ, ଶିଶି ପିଲାଇ ଓ ପ୍ରଭଞ୍ଜନ ପାଣିଗ୍ରାହୀ, ଦୁର୍ଗାପୂଜା ସମିତିର ସଭାପତି ଆର୍ତତ୍ରାଣ ଦଳାଇ, ଉପସଭାପତି ନିମାଇଁ ଚରଣ ଦାସ, ସାଧାରଣ ସମ୍ପାଦକ ଶିତଳଚନ୍ଦ୍ର ମହାନ୍ତି, କୋଷାଧକ୍ଷ ପ୍ରତାପ କୁମାର ନନ୍ଦ, ଯୁଗ୍ମ ସମ୍ପାଦକ ମହେଶ୍ୱର ବିଶ୍ୱାଳ, ଅଜୟ କାନୁନ୍‌ଗୋ, ରାମଚନ୍ଦ୍ର ସାମଲ, ନବୀନ କିଶୋର ଭୁକ୍ତା, ନଳିନି କୁମାର ମହାନ୍ତି, ମନୋଜ ସାହୁ, ସଞ୍ଜୟ ସ୍ୱାଇଁ, ଧୀରେନ୍ଦ୍ର ମହାନ୍ତି, ଖଗେଶ୍ୱର ପରିଡ଼ା, ନିରଞ୍ଜନ ପାତ୍ର, ଧୀରେନ୍ଦ୍ର ନାଥ ଦାଶ, ସୁରେନ୍ଦ୍ର ମଲ୍ଲିକ, ନିତ୍ୟରଞ୍ଜନ ନନ୍ଦ, ସମରଞ୍ଜନ ମହାନ୍ତି, ଅଜୟ ଜେନା, ଜ୍ଞାନରଞ୍ଜନ ବେହେରା, ବିଶ୍ୱଜିତ୍ ବେହେରା ଓ ନିରଞ୍ଜନ ବେହେରା ପ୍ରମଖ ସହଯୋଗ କରିଥିଲେ ।

# ପର୍ଶ୍ଚିମଓଡିଶା ବିକାଶ ପରିଷଦ କାର୍ଯ୍ୟକାରୀ ମୁଲତବୀ ପ୍ରସ୍ତାବ ଆଲୋଚନାରେ ସରକାରଙ୍କୁ ଘେରିଲେ ବିରୋଧୀ

ଭୁବନେଶ୍ୱର ,୨୧।୩ (ନି.ପ୍ର): ଖୁବ୍ ଶୀଘ୍ର ପର୍ଶ୍ଚିମ ଓଡିଶା ବିକାଶ ପରିଷଦ ପୁର୍ନଗଠନ କରାଯିବ । ଏହାର ମୁଖ୍ୟ କାର୍ଯ୍ୟାଳୟ ପର୍ଶ୍ଚିମ ଓଡିଶା ଅଂଚଳର କେଉଁଠାରେ ପ୍ରତିଷ୍ଠା କରାଯିବ ସେନେଇ ବିଧାୟକମାନେ ଏକମତ ହୋଇପାରୁିନାହାନ୍ତି । ଏହି ପରିଷଦ ସଫଳତାର ସହିତ ଆଗେଇ ଚାଲିଛି ଏବଂ ଆଗକୁ ଆଗେଇ ଚାଲିବ । ବର୍ତମାନ ଆଂଚଳିକ ବୈଷମ୍ୟତା ବହୁକାଂଶରେ ହ୍ରାସ ପାଇଛି । ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି ବୋଲି ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ବିଧାନସଭାରେ ପ୍ରକାଶ କରିଛନ୍ତି । ବିରୋଧୀ ଦଳ ପକ୍ଷରୁ ଅଣାଯାଇଥିବା ମୁଲତବୀ ପ୍ରସ୍ତାବ ‘ବ୍ୟାପକ ଦୁର୍ନୀତି ଓ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁଦିଗହରା ପର୍ଶ୍ଚିମ ଓଡିଶା ବିକାଶ ପରିଷଦ । ପର୍ଶ୍ଚିମ ଓଡିଶାବାସୀଙ୍କ ସ୍ୱପ୍ନ ଧୂଳିସାତ୍’ ଆଲୋଚନାର ଉତରରେ ମନ୍ତ୍ରୀ ଏହା କହିଥିଲେ । ମୁଲତବୀ ପ୍ରସ୍ତାବ ଆଲୋଚନାରେ ଅଂଶଗ୍ରହଣ କରି ପ୍ରଦୀପ୍ତ ନାଏକ , ସନ୍ତୋଷ ସିଂ ସାଲୁଜା , ଅଧିରାଜ ପାଣିଗ୍ରାହୀ, ମୁକେଶ ମହାଲିଙ୍ଗ , ସୁବାସ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଅଭିଯୋଗ କରିଥିଲେ ଯେ ଯେଉଁ ଉଦ୍ଦେଶ୍ୟନେଇ ପର୍ଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ ହୋଇଥିଲା ତାହା ସାଧିତ ହୋଇପାରିନାହିଁ । ମନ୍ଥର ଗତିରେ ଚାଲିଛି । ଏହାର କାର୍ଯ୍ୟଧାରା ସନ୍ତୋଷଜନକ ନୁହେଁ । ଖୁବ୍‌ଶୀଘ୍ର ପରିଷଦ ଗଠନ କରିବା , ଲୋକସଭା ସଦସ୍ୟ ଓ ସମସ୍ତ ବିଧାୟକମାନଙ୍କୁ ଏଥିରେ ସଭ୍ୟଭାବେ ରଖିବା ସହ ସେମାନଙ୍କୁ ଭୋଟିଂ ଅଧିକାର ଦେବା ,ବିଶେଷଜ୍ଞ ଆଳରେ ରାଜନୈତିକ ବ୍ୟକ୍ତିଙ୍କୁ ଥଇଥାନ ନକରିବା , ବିଧାୟକମାନଙ୍କ ସୁପାରିଶରେ ୭୦ % ପ୍ରକଳ୍ପ , ସାଂସଦମାନଙ୍କ ସୁପାରିଶରେ ୨୦% ଓ ଜିଲ୍ଲାପରିଷଦ ଅଧ୍ୟକ୍ଷମାନଙ୍କ ସୁପାରିଶରେ ୧୦% ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉ ବୋଲି କହିଥିଲେ । ବିଧାୟକମାନଙ୍କୁ ୧ କୋଟି ଟଙ୍କା ବଦଳରେ ୫ କୋଟି ଟଙ୍କାଦିଆଯାଉ । ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପର୍ଶ୍ଚିମ ଓଡିଶାରେ ପ୍ରତିଷ୍ଠା କରାଯାଉ ଏବଂ ଏହାକୁ ସ୍ୱୟଂ ଶାସିତ କରାଯାଉ ବୋଲି ଦାବି କରିଥିଲେ । ସେହିପରି ଶାସକ ଦଳ ସଦସ୍ୟ ଦେବେଶ ଆଚାର୍ଯ୍ୟ , ରୋହିତ ପୂଜାରୀ , ରାଜେନ୍ଦ୍ର ଢୋଲକିଆ ପ୍ରମୁଖ କହହିଥିଲେ ଯେ ପରିଷଦ ଠିକ୍ ଭାବେ ଚାଲିଛି । ଆଂଚଳିକ ବୈଷମ୍ୟ ହ୍ରାସ ପାଇବା ଆରମ୍ଭ କରିଛି । ସବୁ ଜିଲ୍ଲାରେ ଏହାର ୟୁନିଟ୍ ଖୋଲାଯିବାକୁ ସରକାର ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ । ଆଲୋଚନାର ଉତରରେ ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ ଯେ ପର୍ଶ୍ଚିମ ଓଡିଶା ବିକାଶ ପରିଷଦ ଗଠନ ହେବା ପରଠାରୁ ୧୬୮୨.୫୨ କୋଟି ଟଙ୍କାର ଅନୁଦାନ ସରକାର ଯୋଗାଇଛନ୍ତି । ୨୦୦୮-୦୯ ଆର୍ଥିକ ବର୍ଷରୁ ସ୍ୱତନ୍ତ୍ର ଅନୁଦାନ ରୂପେ ୫୦ କୋଟି ଟଙ୍କାର ଅତିରିକ୍ତ ଅନୁଦାନ ରାଶି ଯୋଗାଇ ଦେଉଛନ୍ତି । ୨୦୨୧-୨୨ ଆର୍ଥିକ ବର୍ଷରେ ପରିଷଦର ଟୋଟ ଅନୁଦାନ ରାଶି ୨୦୦ କୋଟି ଟଙ୍କାକୁ ବୃଦ୍ଧି କରିବା ପ୍ରସ୍ତାବ ରହିଛି । ପର୍ଶ୍ଚିମ ଓଡିଶା ବିକାଶ ପରିଷଦକୁ ଅଧିକ ସକ୍ରିୟ କରିବାପାଇଁ ରାଜ୍ୟ ସରକାର ଜିଲ୍ଲା ସଦରମହକୁମାରେ ଯୋଜନା ଓ ସଂଯୋଜନ ବିଭାଗ ଅଧିନସ୍ଥ ଜିଲ୍ଲା ଯୋଜନା ଓ ମନିଟରିଂ ୟୁନିଟ୍ ର ଉପନିର୍ଦ୍ଦଶକଙ୍କୁ ପର୍ଶ୍ଚିମ ଓଡିଶା ବିକାଶ ପରିଷଦର ଜିଲ୍ଲା ଅଫିସରସ୍ତରୀୟ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।

ଶିମିଳିପାଳ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଯୁବକ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଭଂଜସେନାର ବିକ୍ଷୋଭ

## ଶିମିଳିପାଳ ବାଘ୍ର୍ୟ ସଂରକ୍ଷଣ ପ୍ରକଳ୍ପ ଉପନିର୍ଦ୍ଦେଶକ ଯଜ୍ଞଦତ୍ତ ପତିଙ୍କୁ ବହିଷ୍କାର ଦାବି

ବାରିପଦା ,୨୧।୩ (ନି.ପ୍ର): ଶିମିଳିପାଳ ଅଭୟାରଣ୍ୟରେ ଘଟିଥିବା ଭୟାବହ ଅଗ୍ନୀକାଣ୍ଡର ଖବର ସାରା ବିଶ୍ୱର ପରିବେଶବିତଙ୍କୁ ଅସ୍ତବ୍ୟସ୍ତ କରିଦେଇଥିବା ବେଳେ, ପରିସ୍ଥିତି ଅଧିକ ଅଣାୟତ ହେବା ପୂର୍ବରୁ ଶିମିଳିପାଳ ଏରିଆରେ ଲଗାତର ୨ଦିନ ଧରି ହୋଇଥିବା ବର୍ଷା ଓ ସରକାରଙ୍କ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ପାଇଁ ଶିମିଳିପାଳରେ ଅଗ୍ନୀ ଏବେ ଆୟତ୍ତକୁ ଆସି ଯାଇଛି । କିନ୍ତୁ ବିପଦ ଏବେବି ହଟିନି । ଆଜିବି ଶିମିଳିପାଳ ତଥା ଏହାର ପାଦ ଦେଶରେ ନିଆଁ କିଛି ଅଂଚଳରେ ନିଆଁ ଜଳୁଛି । ଅଗ୍ନୀ ନିୟନ୍ତ୍ରଣ ପାଇଁ ବିଭିନ୍ନ ସ୍ତରରେ ବିଭାଗୀୟ କର୍ମଚାରୀ, ସ୍ୱେଚ୍ଛାସେବୀ ମାନେ ନିୟୋଜିତ ହୋଇଛନ୍ତି । ବୁଧବାର ଦିନ ଶିମିଳିପାଳ ଜଙ୍ଗଲରେ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଜଣେ ଯୁବକ ବୀରକିଶୋର ସିଂ ଅକସ୍ମାତ ଶ୍ୱାସ ରୁଦ୍ଧହୋଇ ମୃତ୍ୟୁ ବରଣ କରିଥିଲେ । ଯୁବକ ଜଣକ ଯଶିପୁର ଠାରେ ସବୁଜ ବାହିନୀରେ ଜଡିତ ଥାଇ ନିଜକୁ ବିପଦ ମୁହଁକୁ ଠେଲି ଦେଇ ନିଆଁ ଆୟତ୍ତ କରିବା ପାଇଁ ନିୟୋଜିତ ହୋଇଥିଲେ । ବନବିଭାଗର ଅପାରଗତା ପାଇଁ ଏଭଳି ଘଟଣା ଘଟିଛି ବୋଲି ଭସେନା ଅଭିଯୋଗ କରିବା ସହିତ ଯୁବକଙ୍କ ମୃତ୍ୟୁ ପାଇଁ ପରିବାରକୁ ଦଶ ଲକ୍ଷ ଟଙ୍କାର କ୍ଷତିପୂରଣ ସହ କାର୍ଯ୍ୟରତ କର୍ମୀ ମାନଙ୍କୁ ସୁରକ୍ଷା କିଟ ପ୍ରଦାନ କରିବା ପାଇଁ ଦାବୀ କରିଛି ଯୁବଛାତ୍ର ସଂଗଠନ ଭସେନା । ବିଭାଗର ଅପାରଗତା ପାଇଁ ଶିମିଳିପାଳ ବ୍ୟାଘ୍ରସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ଯଜ୍ଞଦତ୍ତ ପତିଙ୍କୁ ତୁରନ୍ତ ବହିଷ୍କାର ଦାବି ମଧ ଉଠାଇଛି ଭସେନା । ଏନେଇ ଗୁରୁବାର ଭପୁର ସ୍ଥିତ ଶିମିଳିପାଳ ବ୍ରାଘ୍ୟ ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଭସେନାର ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଶତାଧୀକ ଯୁବଛାତ୍ର ଘେରାଉ କରି ଧାରଣାରେ ବସିଥିଲେ । ଆଗାମୀ ଦିନରେ ଦାବୀ ପୂରଣ ନହେଲେ ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି ଭଂଜସେନାର କର୍ମକର୍ତ୍ତା ମାନେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ଅଧକ୍ଷ ରାକେଶ ସିଂ, ଉପାଧକ୍ଷ ନିମାଁଇ ତ୍ରିପାଠୀ, ଯୁବଛାତ୍ର ସଂଯୋଜକ ରାକେଶ ବେହେରା, ଆଦିବାସୀ ଶାଖା ସଭାପତି ବାଜୁନ ହାଂସଦା, ଯୁବ ସଭାପତି ମାନସ ବେହେରା, ଛାତ୍ର ସଭାପତି ସୌମ୍ୟ ରନ ମିଶ୍ର, ମୁଖପାତ୍ର ଜ୍ୟୋତି ରନ ପୁଷ୍ଟି, ସଂପାଦକ ଏସ୍.କେ ରାଜା ଖାନ୍, ଉପ ସଭାପତି ଜିତୁ ଶିବାନନ୍ଦ, ପ୍ରଶାନ୍ତ ମହାକୁଡ, ଶ୍ୟାମାଖୁଣ୍ଟା ବ୍ଲକ ସଭାପତି ବିଜୁ ସିଂ, ସାଂଗଠନିକ ସମ୍ପାଦକ ଧନଯ ସାହୁ, ଛାତ୍ର ଉପ ସଭାପତି ରବୀନ୍ଦ୍ର ସାହୁ, ରତିକାନ୍ତ ଦାସ, ରୁଦ୍ର ପଟ୍ଟନାୟକ, ଛାତ୍ର ସହର ସଭାପତି ସୟ ମହାନ୍ତ, ଛାତ୍ର ସାଧାରଣ ସମ୍ପାଦକ ସୟ ମାହାର୍ଣ୍ଣା, ସୌମ୍ୟରନ ଦାସବାବୁ, ଉମେଶ ପ୍ରଧାନ, ସୁନିଲ ମହାପାତ୍ର, ସତ୍ୟରନ ନାୟକ, ଦେବଦତ୍ତ ବେହେରା, ମନୋଜ ମହାପାତ୍ର, ଆଶିଷ ମଙ୍ଗରାଜ, ସୌଭାଗ୍ୟ ଦେବାବୁ, ଛାତ୍ର ମୁଖପାତ୍ର ସ୍ୱପ୍ନଜିତ ସାହୁ, ସାଜନ ଗିରି, ବିକାଶ ସିଂ, ଗୌରାଙ୍ଗ ଚକ୍ରବର୍ତ୍ତୀ, ଶୁଭମ ଦେ, ଟିଙ୍କୁ ସିଂ, ଅମରେଶ ସିଂ, ଏମ୍.ଡି ରାଜା ଖାନ୍, ଚିକୁନ ସିଂ, ଏମ୍.ଡି ନାର୍ଜି, ରାଜୁ ବିଶ୍ୱାଳ, ଗୁଲୁ ଦାସ, ହ୍ରିତିକ ନାଥ ପ୍ରମୁଖ ଧାରଣାରେ ସାମିଲ ଥିଲେ ।




## ରାଜ୍ୟରେ ୭ଟି ସରକାରୀ ଉଦ୍ୟୋଗ କ୍ଷତିରେ ଚାଲୁଛି- ମନ୍ତ୍ରୀ

ଭୁବନେଶ୍ୱର,୨୧।୩ (ନି.ପ୍ର): ରାଜ୍ୟରେ ୭ଗୋଟି ସରକାରୀ ଉଦ୍ୟୋଗ କ୍ଷତିରେ ଚାଲୁଛି ବୋଲି ସରକାରୀ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତର ଦେଇ କହିଛନ୍ତି । ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ, ବିଗତ ୨୦୧୯-୨୦ ବର୍ଷରେ ଗ୍ରୀଡ୍‌କୋ ଲିମିଟେଡର ୧୩୫୨.୧୪କୋଟି, ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଲିମିଟେଡର ୩୯.୧୦ଲକ୍ଷ, ଇଡକୋଲ କଳିଙ୍ଗ ଆଇରନ୍‌ର୍କସ ଲିମିଟେଡର ୩.୪୫ କୋଟି, ଇଡକୋଲ୍ଲେକ୍ଟ୍ରୋକ୍ରୋମ ଆଣ୍ଡ ଆଲୋଏଜ୍ ଲିମିଟେଡ୍୨୨.୭୬ କୋଟି, ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିମିଟେଡର ୨୦,୯୮,୧୨୩.୩୭ ଟଙ୍କା, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ୦.୬୭ କୋଟି, ଓଡ଼ିଶା ରାଜ୍ୟ ଅର୍ଥନିଗମ ୨.୩୫ କୋଟି ଟଙ୍କା କ୍ଷତିରେ ଚାଲିଅଛି ।

# ଫୁଲବାଣୀରେ ତିନି ଦିନିଆ ଆଇନ ସଚେତନତା କର୍ମଶାଳା ଉଦ୍‌ଘାଟିତ

କନ୍ଧମାଳ,୨୧।୩ (ନି.ପ୍ର): ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ରିସର୍ଚ୍ଚ ଓ ତାଲିମ ସଂସ୍ଥାଙ୍କ ସହଯୋଗରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଦ୍ୱାରା ଏକ ତିନି ଦିନିଆ ଆଇନ ସଚେତନତା କର୍ମଶାଳାକୁ ଗତକାଲି ପ୍ରକଳ୍ପ ପ୍ରଶାସକ ଶ୍ରୀ ବିରେନ୍ଦ୍ର କୁମାର ଦାସ ଉଦଘାଟନ କରିଛନ୍ତି । ପ୍ରଥମ ଦିନ ନାଗରିକ ଅଧିକାର ସୁରକ୍ଷା ଅଇନ, ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ, ଓଡ଼ିଶା ଡାହାଣୀ ହତ୍ୟା ନିବାରଣ ଆଇନ,୨୦୧୪ ଏବଂ ଏହି ଆଇନ ଗୁଡ଼ିକର ସଫଳ କାର୍ଯ୍ୟକାରୀତା ପାଇଁ ପଂଚାୟତିରାଜ ସଦସ୍ୟ ସଦସ୍ୟା, ସ୍ୱେଚ୍ଛାସେବୀ ସଂଗଠନର ଭୂମିକା ଉପରେ ଆଲୋଚନା କରାଯାଇଥିଲା । ଆଲୋଚନାରେ ଭାଗନେଇ ସ୍ୱତନ୍ତ୍ର ସରକାରୀ ଅଭିଯୋଜକ ଶ୍ରୀ ବିଜୟ କୃଷ୍ଣ ପଟ୍ଟନାୟକ କହିଲେ ଯେ, ଆଜିର ଆଲୋଚନାର ବିଷୟବସ୍ତୁ କନ୍ଧମାଳ ଭଳି ଏକ ଅଦିବାସୀ ବହୁଳ ଜିଲ୍ଲା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସରକାର ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ୱତନ୍ତ୍ର ଯୋଜନା ମାନ ମଧ ରଖିଛନ୍ତି । ନାଗରିକ ଅଧିକାର ସୁରକ୍ଷା ଆଇନ, ୧୯୫୫ ବଳରେ ଜାତିଆଣ ଉଚ୍ଛେଦ କରାଗଲା । ତଥାପି ଆଇନର ମୂଳ ଲକ୍ଷ୍ୟ ପୂରଣ ହୋଇ ପାରିଲା ନାହିଁ । ଫଳରେ ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ ଲାଗୁ କରାଗଲା । ଏହି ଆଇନ ଅନୁସାରେ ସେମାନଙ୍କୁ ଶାରିରୀକ, ମାନସିକ ତଥା ସାମାଜିକ ସ୍ତରରେ ନିର୍ଯ୍ୟାତନା ଦିଆଯାଇପାରିବ ନାହିଁ । ନିର୍ଯ୍ୟାତନା ଦେଉଥିବା ଲୋକ ପାଇଁ ପୂର୍ବାପେକ୍ଷା କଠୋର ଦଣ୍ଡ ବ୍ୟବସ୍ଥା ରଖାଗଲା । ସେହିପରି ଡାହାଣୀ ହତ୍ୟା ବିପଦକୁ ନିୟନ୍ତ୍ରଣ କରିବା ପାଇଁ ଫଳପ୍ରଦ ବ୍ୟବସ୍ଥିତ ଏକ ଆଇନ ଓ ରାଜ୍ୟରେ ଗୁଣିଗାରେଡ଼ି/ଡାହାଣୀ ବିଦ୍ୟା ନିବାରଣ ଏବଂ ତାହା ସହିତ ସଂପୃକ୍ତ ବା ତାହାର ଆନୁସଙ୍ଗୀକ ବିଷୟ ଗୁଡ଼ିକ ନିବାରଣ ନିମନ୍ତେ ଲାଗୁ ହୋଇଥିବା ଓଡ଼ିଶା ଡାହାଣୀ ହତ୍ୟା ନିବାରଣ ଆଇନ,୨୦୧୪ ଉପରେ ମଧ ଶ୍ରୀ ପଟ୍ଟନାୟକ ଆଲୋଚନା କରିଥିଲେ । ନାଗରିକର ସୂଚନା ଅଧିକାର ଆଇନ ଉପରେ ମଧ ଅଲୋଚନା କରାଯାଇଥିଲା ।

ଏହି କର୍ମଶାଳାରେ, ଉପ-ଆରକ୍ଷୀ ଅଧୀକ୍ଷକ ସୂର୍ଯ୍ୟକାନ୍ତ ରାୟ, ଉପ-ଆରକ୍ଷୀ ଅଧୀକ୍ଷକ ନିରଞ୍ଜନ ପାଢ଼ୀ, ସ୍ୱାତୀର ସମ୍ପାଦକ ହରିଶଙ୍କର ରାଉତଙ୍କ ସମେତ ଜିଲ୍ଲା ସ୍ତରୀୟ ପଦାଧିକାରୀ, ଫୁଲବାଣୀ, ଫିରିଙ୍ଗିଆ ଓ ଖଜୁରୀପଡ଼ା ବ୍ଲକର ସରକାରୀ ପଦାଧିକାରୀ, ନିର୍ବାଚିତ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ । ଶ୍ରୀ ବୈଦ୍ୟନାଥ ଖଟୁଆ ଏବଂ ଶ୍ରୀମତୀ ଶୁଭଶ୍ରୀ ମହାନ୍ତି ଏହି କର୍ମଶାଳାକୁ ପରିଚାଳନା କରିଥିଲେ ।

# ନବରଙ୍ଗପୁରରେ ପ୍ରତିଷ୍ଠା ହେବ ଓଡ଼ିଶାର ପ୍ରଥମ ହେଲିପୋର୍ଟ ଉଡ଼ାନ ଯୋଜନାରେ ଉଡ଼ିବ ଯାତ୍ରୀବାହୀ ହେଲିକପ୍ଟର

ନବରଙ୍ଗପୁର,୨୧।୩ (ନି.ପ୍ର): ଓଡିଶାରେ ପ୍ରଥମ ଭାବେ ନବରଙ୍ଗପୁରରେ ପ୍ରତିଷ୍ଠା ହେବାକୁ ଯାଉଛି ହେଲିପୋର୍ଟ । ଜିଲାପାଳ ଡଃ.ଅଜିତ କୁମାର ମିଶ୍ର ଙ୍କର ଆନ୍ତରିକ ଉଦ୍ୟମରେ ଏଥିପାଇଁ ପ୍ରାଥମିକ ପ୍ରସ୍ତୁତି ଆରମ୍ଭ ହୋଇଛି । ଭାରତୀୟ ବୀମାନସେବା ପ୍ରାଧିକରଣ, ଭୁବନେଶ୍ୱରର ସହକାରୀ ସାଧାରଣ ପରିଚାଳକ ତଥା ଉଡାନ ଯୋଜନାର ଓଡିଶାର ନୋଡାଲ ଅଫିସର ସରୋଜ କୁମାର ସାହୁ ନବରଙ୍ଗପୁର ପହଂଚିବା ପରେ ଜିଲାପାଳଙ୍କର ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୁତାର, ଗୃହ ଓ ରାସ୍ତାନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ.ପ୍ରଫୁଲ ମିଶ୍ର, ଜିଲା ପର୍ଯ୍ୟଟନ ଅଧିକାରୀ ମହେନ୍ଦ୍ର କୁମାର ସାହୁ ଓ ନବରଙ୍ଗପର ତହସିଲଦାର ରବୀନ୍ଦ୍ର କୁମାର ରାଉତ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଥିଲେ । ପରେ ଜିଲାପାଳଙ୍କର କାର୍ଯ୍ୟାଳୟରେ ଜିଲାପାଳଙ୍କର ପ୍ରକୋଷ୍ଠରେ ଜିଲାପାଳ ଡଃ.ମିଶ୍ରଙ୍କର ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ସହରର ଉପକଣ୍ଠ ହିର୍ଲି ନିକଟସ୍ଥ ମଣ୍ଡେଇ ପଡିଆ ପଛରେ ଥିବା ସରକାରୀ ଜାଗାରେ ଏହି ନୂତନ ହେଲିପୋର୍ଟ ପ୍ରତିଷ୍ଠା କରାଯିବାକୁ ଚିହ୍ନଟ ହୋଇଥିବା ଜଣାଯାଇଛି । ପ୍ରାୟ ୫ଏକର ଜାଗାରେ ଏହା କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ହେଲିପୋର୍ଟରେ ଏକାସହିତ ୫ଟି ହେଲିକପ୍ଟର ରହିପାରିବାର ବ୍ୟବସ୍ଥା କରାଯିବ । ଏଥିପାଇଁ ଆବଶ୍ୟକ ହ୍ୟାଙ୍ଗର, ଟିକେଟିଂ, ଫ୍ୟୁଏଲ ଟ୍ୟାଙ୍କ, ହେଲିକପ୍ଟରର ରାତ୍ରୀକାଳୀନ ରହିବା ବ୍ୟବସ୍ଥା ସହିତ ସୁରକ୍ଷା, ଦମକଳ, ଆମ୍ବୁଲାନ୍ସ, ଯାତ୍ରୀଟିକେଟ ଘର ଓ ବିଶ୍ରାମ ଗୃହ, ଫୁଡପାର୍କ ରହିବା ପାଇଁ ଯୋଜନା ରଖାଯାଇଛି । ଜିଲାପାଳ ଡଃ.ମିଶ୍ର ଏହି ଅଂଚଳ ଗମନାଗମନ କ୍ଷେତ୍ରରେ ପଛରେ ରହିଥିବାବେଳେ ରାଜଧାନୀ ଯିବାକୁ ବହୁତ ସମୟନଷ୍ଟ ହେଉଛି । ତେଣୁ ଉଡାନ ଯୋଜନାରେ ଏଠାରୁ ଯାତ୍ରୀବାହୀ ହେଲିକପ୍ଟର ଉଡିବା ଉପରେ ଗୁରୁତ୍ୱ ଦେଇଥିଲେ । ତେବେ ଏଥିପାଇଁ ଯାହା ସବୁ ଭିତିଭୂମିର ଆବଶ୍ୟକ ତାହା ଜିଲାପ୍ରଶାସନ ପକ୍ଷରୁ ପ୍ରାଥମିକତା ଭାବେ ଯୋଗାଇ ଦିଆଯିବ ବୋଲି କହିଥିଲେ । ପ୍ରାଧିକରଣ ବୀମାନସେବା ସହକାରୀ ସାଧାରଣ ପରିଚାଳକ ଶ୍ରୀ ସାହୁ ନବରଙ୍ଗପୁର ରେ ଓଡିଶାର ପ୍ରଥମ ଭାବେ ହେଲିପୋର୍ଟ ପ୍ରତିଷ୍ଠା କରାଯିବାକୁ ପଦକ୍ଷେପ ନିଆଯାଉଥିବା କହିଥିଲେ । ସେଥିପାଇଁ ଆବଶ୍ୟକ ଜମି ଓ ଭିତିଭୂମି ଯୋଗାଇ ଦେବାକୁ ସେ ଅନୁରୋଧ କରିଥିଲେ । ଏଠାରୁ କଳାହାଣ୍ଡି ଜିଲାର ଉତକେଲା, ଜୟପୁର ସହ ସଂଯୋଗ କରି ଭୁବନେଶ୍ୱରକୁ ହେଲିକପ୍ଟର ସେବା ଯୋଗାଇ ଦେବାକୁ ପଦକ୍ଷେପ ନିଆଯିବ । ଯାହାଦ୍ୱାରା ଏହି ପଛୁଆ ଅଂଚଳବାସୀ ତ୍ୱରୀତ ଯାତ୍ରାସେବା ପାଇପାରିବେ ବୋଲି କହିଥିଲେ । ତେବେ ଏଥିପାଇଁ ରହିଥିବା ପ୍ରାଧିକରଣ ତଥା ଡିଜିସିଏର ଗାଇଡଲାଇନ ପାଳନ ଉପରେ ଗୁରୁତ୍ୱ ଦେବା ସହ ଏଥିପାଇଁ ରହିଥିବା ବହୁନୀତି ନିୟମ ସଂପର୍କରେ ଅବଗତ କରାଇଥିଲେ । ହେଲିକପ୍ଟର ଉଡାଣ ପାଇଁ ବିଭିନ୍ନ ଘରୋଇ କମ୍ପାନୀ ଆଗ୍ରହ ପାଇଁ ଯୋଗଯୋଗ କରାଯାଉଥିବା କହିଥିଲେ ।

# ଜଙ୍ଗଲରେ କୁକୁଡ଼ା ଚାଷ



ହଜାର ହଜାର ବର୍ଷ ତଳେ ଜଙ୍ଗଲୀ କୁକୁଡ଼ାକୁ ଗୃହପାଳିତ କରାଯାଇଥିଲା । ଏବେ ବି ବିଶ୍ୱରୀ ବିଭିନ୍ନ ଅଞ୍ଚଳରେ ଜଙ୍ଗଲୀ କୁକୁଡ଼ାଙ୍କ ଅଭାବ ନାହିଁ ଆଜିକାଲି ବିଶ୍ୱରେ ସର୍ବତ୍ର ଛୋଟ-ବଡ଼ ଫାର୍ମରେ ବିଭିନ୍ନ ପ୍ରକାରର କୁକୁଡ଼ା ପାଳନ କରାଯାଉଛି । ଫାର୍ମ କୁକୁଡ଼ାଙ୍କୁ ସାଧାରଣତଃ ବାହାରକୁ ଛଡ଼ାଯାଏ ନାହିଁ । ସେମାନଙ୍କ ସ୍ୱାଧୀନତା ସୀମିତ । ଖାଦ୍ୟ ମଧ୍ୟ ପ୍ରାକୃତିକ ନୁହେଁ । ଗ୍ରାମାଞ୍ଚଳରେ ଲୋକେ ଅଳ୍ପ ସଂଖ୍ୟକ କୁକୁଡ଼ା ଘରେ ପାଳନ୍ତି । ସେଗୁଡ଼ିକ ଅବଶ୍ୟ ମୁକ୍ତ ବିଚରଣର ସୁଯୋଗ ପାଆନ୍ତି । ଆଉ ଏବେ ଇଟାଲିରେ, ଜଙ୍ଗଲରେ ଅଭିନବ କୁକୁଡ଼ା ଚାଷ ଆରମ୍ଭ ହୋଇଛି । ଅଠଚାଳିଶ ବର୍ଷ ବୟସ୍କ ମାସିମୋ ରାପେଲା ନାମକ ବ୍ୟକ୍ତି ପ୍ରଥମେ ଏ ଧରଣର କୁକୁଡ଼ା ଚାଷ ଆରମ୍ଭ କରିଥିଲେ ତାଙ୍କ ସଫଳତାର କାହାଣୀ ବହୁଳ ଭାବେ ପ୍ରସାରିତ ହେବା ସହ ଅନ୍ୟମାନେ ଆଗ୍ରହ ପ୍ରକାଶ କରୁଛନ୍ତି । ମାସିମୋଙ୍କ ପୋଷା କୁକୁଡ଼ା ସଂଖ୍ୟା ଏକୋଇଶ ଶହ । ସେ ଏକ ଜଙ୍ଗଲ ଉପକଣ୍ଠରେ ବାସକରୁଛନ୍ତି । କୁକୁଡ଼ାଗୁଡ଼ିକ ଦିନ ସାରା ଜଙ୍ଗଲରେ ଚରି-ବୁଲି ଖାଦ୍ୟ ସଂଗ୍ରହ କରୁଛନ୍ତି ଏବଂ ଏଠି-ସେଠି ଅଣ୍ଡା ପାରୁଛନ୍ତି । ସେଗୁଡ଼ିକୁ ସଂଗ୍ରହ କରିବାରେ ବିଶେଷ ଅସୁବିଧା ହେଉନାହିଁ । କାରଣ, କୁକୁଡ଼ା ବାସସ୍ଥାନ ଛାଡ଼ି ଅଧିକ ଦୂରକୁ ଯାଉଥିବା ଧରଣର ପକ୍ଷୀ ନୁହେଁ । ଆଉ ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି, ସେମାନଙ୍କ ଖାଦ୍ୟ ବାବଦକୁ କୌଣସି ଖର୍ଚ୍ଚ ହେଉନାହିଁ । ଏ ଧରଣର କୁକୁଡ଼ା ଚାଷରୁ ଅଧିକ ଲାଭ ମିଳୁଛି ।

# ଜଳ ହିଁ ଜୀବନ

## ବିଶ୍ୱବିଜୟୀ ଦାଶ

ଜଳ ହିଁ ଜୀବନ। ବିଶ୍ୱର ୪ ଭାଗରୁ ୩ ଭାଗ ଜଳ ଓ ୧ ଭାଗ ସ୍ଥଳ। ବିଶ୍ୱ ଜଳ ଦିବସ ପ୍ରତିବର୍ଷ ୨୨ ମାର୍ଚ୍ଚରେ ବିଶ୍ୱ ସାରା ପାଳିତ ହୁଏ । ବିଶ୍ୱର ସମସ୍ତ ବିକଶିତ ଦେଶରେ ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳ ଉପଲବ୍ଧ କରାଇବା ସହ ଜଳ ସଂରକ୍ଷଣର ମହତ୍ତ୍ୱ ତଥା ଆବଶ୍ୟକତା ବିଷୟରେ ଜନ ସଚେତନତା ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ । ପ୍ରଥମ ଥର ପାଇଁ ୧୯୯୨ ମସିହାରେ ବ୍ରାଜିଲ ସ୍ଥିତ ରିଓ ଡି ଜେନିରୋଠାରେ ମିଳିତ ଜାତିସଂଘର ଆୟୋଜିତ 'ପର୍ଯ୍ୟାବରଣ ଓ ବିକାଶ ସମ୍ମେଳନ'ରେ ବିଶ୍ୱ ଜଳ ଦିବସ ପାଳନ କରାଯିବାର ନିଷ୍ପତ୍ତି ନିଆଯାଇଥିଲା । ପୁଣି ମିଳିତ ଜାତିସଂଘର ସାଧାରଣ ସଭାରେ ୧୯୯୩ ମସିହାରେ ଏହି ନିଷ୍ପତ୍ତି ଅନୁମୋଦନ ଲାଭ କଲା । ସ୍ୱଚ୍ଛ ତଥା ସୁରକ୍ଷିତ ଜଳର ଆବଶ୍ୟକତା ବିଷୟରେ ଜନ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଏହି ଦିନଟିକୁ ପ୍ରତିବର୍ଷ ଏକ ବାର୍ଷିକ କାର୍ଯ୍ୟକ୍ରମ ଭାବେ ପାଳିବାକୁ ସର୍ବସମ୍ମତି କ୍ରମେ ଗୃହିତ ହେଲା,ସେବେଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୨ ତାରିଖରେ ବିଶ୍ୱ ଜଳ ଦିବସ ପାଳନ ହୋଇଆସୁଛି।

ଜଳ ହିଁ ଜୀବନ, ଜଳ ବିନା ସୃଷ୍ଟି ଅସମ୍ଭବ। ବିଶ୍ୱବାସୀଙ୍କୁ ଜଳର ଆବଶ୍ୟକତା ଓ ଜଳ ପ୍ରଦୂଷଣ ବାବଦରେ ଅବଗତ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ। ଜଳ ପ୍ରଦୂଷଣକୁ ଯେତେ ମାତ୍ରାରେ କମାଯାଇପାରିବ, ତାହା ବିଶ୍ୱକୁ ବହୁତ ଉପକାର। ମନୁଷ୍ୟ, ଜୀବଜନ୍ତୁ, ଉଦ୍ଭିଦ ଜଗତ ଜଳ ବିନା ବଞ୍ଚିବା ଅସମ୍ଭବ। ଜଳ ସଂରକ୍ଷଣ କରିବା ନିତାନ୍ତ ଆବଶ୍ୟକ।

ଅଳିଆ, ଆବର୍ଜନାକୁ ଜଳରେ ନପକାଇ ଅନ୍ୟତ୍ର ପକାଇବା ଦରକାର। ଆମେ ଆଗକୁ ବଢୁଥିବା ମଧୁର ଜଳ ସଙ୍କଟର ସମ୍ମୁଖୀନ ହେଉଛୁ ଯାହା ଲୋକଙ୍କୁ ଏବଂ ପୃଥିବୀକୁ ବିପଦରେ ପକାଇଥାଏ । ଆମେ ଇକୋସିଷ୍ଟମକୁ ନଷ୍ଟ କରୁଛୁ, ଯାହା ଜଳ ଏବଂ ସମସ୍ତ ଜୀବନ ଅଧିକାଂଶ ଉପରେ ନିର୍ଭର କରିଥାଏ। ଆର୍ଦ୍ରଭୂମି ଆମର ଅଧିକାଂଶ ମଧୁର ଜଳ ଧାରଣ କରିଥାଏ ଏବଂ ଯୋଗାଇଥାଏ । ସ୍ୱାଭାବିକ ଭାବରେ ପ୍ରଦୂଷକ ଫିଲ୍ଟର୍ କରିଥାଏ ଆଉ ଆମେ ନିରାପଦରେ ପିଇବା ପାଣି ପାଇଥାଉ ।

ଜଳଚର ହେଉଛନ୍ତି ଦ୍ରୁତ ଅଭିବୃଦ୍ଧିଶୀଳ ଖାଦ୍ୟ ଉତ୍ପାଦନ । କେବଳ ଆଭ୍ୟନ୍ତରୀଣ ମତ୍ସ୍ୟଜୀବୀମାନେ ମାଛ ଯୋଗାଉଛନ୍ତି। ଧାନଚାଷ ବାର୍ଷିକ ୩.୫ ବିଲିୟନ ଲୋକଙ୍କୁ ଖାଇବାକୁ ଦେଇଥାଏ । ବିଶ୍ୱର ୪୦% ପ୍ରଜାତି ଆର୍ଦ୍ରଭୂମିରେ ବାସ କରନ୍ତି ଏବଂ ପ୍ରଜନନ କରନ୍ତି । ବାର୍ଷିକ ପ୍ରାୟ ୨୦୦ ନୂତନ ମାଛ ପ୍ରଜାତି ମଧୁର ଜଳ ଆର୍ଦ୍ରଭୂମିରେ ରୁହନ୍ତି । ସମସ୍ତ ପ୍ରଜାତିର ୨୫ ପ୍ରତିଶତ ପ୍ରାଣୀଗୁଡିକ ବାସ କରନ୍ତି ।

ମାଛ, ସାମୁଦ୍ରିକ ପ୍ରାଣୀ, କଙ୍କଡ଼ା ଆଦି ଜଳଚର ପ୍ରାଣୀ। ଜଳ ବିନା ଜଳଚର ପ୍ରାଣୀ ମାନେ ବଞ୍ଚିବା ଅସମ୍ଭବ।ଏହି ଦିବସରେ ଜଳର ସୁରକ୍ଷା ଓ ଜଳ ପ୍ରଦୂଷଣର ନିରାକରଣ ସମ୍ବଧିତ ସଚେତନତା କରାଯାଇଥାଏ, ଯାହାଦ୍ୱାରା କି ଜନସାଧାରଣ ଜଳ ର ସୁରକ୍ଷା, ଜଳ ପ୍ରଦୂଷଣର ନିରାକରଣ ବିଷୟରେ ଅବଗତ ହୋଇପାରିବେ, ଯାହାଦ୍ୱାରା କି ଜଳର ସୁରକ୍ଷା ହୋଇପାରିବ ଓ ଜଳ ସଂରକ୍ଷଣ ହୋଇପାରିବ।

ଜଳ ଆମର ସବୁଠାରୁ ମୂଲ୍ୟବାନ ପ୍ରାକୃତିକ ବନ୍ଧୁ । ଆମ ଦୈନନ୍ଦିନ କାର୍ଯ୍ୟ ତଥା ଆମର ସବୁ କରିବାରେ ଜଳ ଏକାନ୍ତ କାମ୍ୟ । ତେଣୁ ସାରା ଦେଶରେ ଜଳ ଦିବସକୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି ।

ଯେଭଳି ଭିଜୁଆଲ, ଆର୍ଟ, ବିଭିନ୍ନ ପ୍ରକାର ନାଟକ, ସଂଗୀତାତ୍ମକ ଉତ୍ସବ, ଜଳ ପ୍ରବନ୍ଧନ, ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଚର୍ଚ୍ଚା, ଟିଭି ରେଡିଓ ବା ଇଣ୍ଟରନେଟ ମାଧ୍ୟମରେ ଜଳ ସଂରକ୍ଷଣ ଉପାୟ ଆଦି ସଚେତନତା ହୁଏ। ଆଜି ବିଶ୍ୱ ଜଳ ଦିବସ ରେ ଆମେ ଶପଥ ନେବା ଜଳର ସୁରକ୍ଷା ଓ ସଂରକ୍ଷଣ କରିବା ଓ ଜଳ ପ୍ରଦୂଷଣ ଆଦୌ କରିବା ନାହିଁ।


+ଗମ୍ଭାରିମୁଣ୍ଡା,ବାଣପୁର,
ଖୋର୍ଦ୍ଧା- ୭୫୨୦୩୫
୬୩୭୦୨୦୮୪୨୮


# ମଧୁମେହକୁ ଦୂରେଇ ଦିଏ ସାଇକେଲିଂ

ନିକଟରେ କରାଯାଇଥିବା ଏକ ଅଧ୍ୟନରୁ ପାଦରେ ଚାଲୁଥିବା ତଥା ସାଇକେଲ ଚାଳନା କରୁଥିବା ଭାରତୀୟମାନଙ୍କୁ ଉଚ୍ଚ ରକ୍ତଚାପ, ମୁମେହ ଓ ମେଦବୃଦ୍ଧିରେ ଆକ୍ରାନ୍ତ ହେବା ଆଶଙ୍କା ବହୁତ କମ ଥାଏ । ଲର୍ଡନ ଇମ୍ପେରିଆଲ କଲେଜ ଓ ପବ୍ଲିକ୍ ହେଲଥ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ପକ୍ଷରୁ ଏହି ଅଧ୍ୟନ କରାଯାଇଥିଲା । ଅଧ୍ୟନକାରୀମାନେ ଶାରୀରିକ ଗତିବିଧିଚାଲୁ ରଖିବା ପାଇଁ ଆବଶ୍ୟକ ବାହନ ବ୍ୟବହାର କରିବା ସହ ଅଧିକରୁ ଅଧିକ ଚାଲିବା ପାଇଁ ପରାମର୍ଶ ଦେଇଛନ୍ତି । ଏଥିରୁ ମଧୁମେହ ସହ ଅନେକ ଗମ୍ଭୀର ରୋଗରୁ ରକ୍ଷା କମିଳିଥା, ।

ଭାରତ ଓ ଆର୍ଥିକସ୍ତରରେ ଦୁର୍ବଳ ରାଷ୍ଟ୍ରଗୁଡ଼ିକରେ ଆସନ୍ତା ୨୦ବର୍ଷ ମଧ୍ୟରେ ମଧୁମେହ ଓ ହୃଦରେ ବଢ଼ିବା ଅନୁମାନ କରାଯାଉଛି ।

# ମୋଜାର କରାମତି



ଆମେ ପ୍ରତିଦିନ ଜୋତା ଓ ମୋଜା ପିନ୍ଧିବା ଉଚିତ । ଏହାଦ୍ୱାରା ପାଦ ଅପରିଷ୍କାର ହୋଇନଥାଏ । ମୋଜା କେବଳ ପାଦକୁ ଅପରିଷ୍କାର ହେବାରୁ ରକ୍ଷା କରେ ତା ନୁହେଁ, ଏହା ଆମକୁ ସୁସ୍ଥ ରଖିବାରେ ମଧ ସାହାଯ୍ୟ କରିଥାଏ । ମୋଜା ପିନ୍ଧି ଶୋଇବା ଦ୍ୱାରା ଗୋଡି ଫାଟି ନଥାଏ । ଓ ନରମ ରହିଥାଏ । ସାଧାରଣତଃ ବିଛଣାରୁ ଉଠିବା ପରେ ଗୋଇଠି ଶୁଷ୍କ ହୋଇଯାଏ । ତେଣୁ ଶୋଇବା ସମୟରେ ମୋଜା ପିନ୍ଧି ଶୋଇବା ପରେ ଅନେକ ଲୋକଙ୍କ ପାଦ ଥଣ୍ଡା ପଡ଼ିଯାଏ । ତେଣୁ ମୋଜା ପିନ୍ଧି ଶୋଇବା ଫଳରେ ପାଦ ଉଷ୍ମ ରହିଥାଏ । ଯାହାକୁ ଆମେ ହାଇପ୍ରୋହାଇଡ୍ରେସିସ୍ କହିଥାଏ । ପାଦରୁ ଅଧିକ ଝାଳ ବାହାରୁଥିଲେ ମୋଜା ପିନ୍ଧି ଶୋଇବା ଉଚିତ । ଏହା ଦ୍ୱାରା ଦୁର୍ଗନ୍ଧ ଓ ବ୍ୟାକ୍ଟେରିଆ ଠାରୁ ମୁକ୍ତି ମିଳିବା ସହ ସଂକ୍ରାମକ ରୋଗ ହୋବାର ସମସ୍ୟାର କମ ଦେଖାଦେଇଥାଏ । ପଦ ଶରୀରର ଏପରି ଏକ ଅଂଶ ଯାହା ଶରୀରର ଓଜନକୁ ସନ୍ତୁଳିତ ରଖିଥାଏ । ଏହି କାରଣରୁ ବେଳେବେଳେ ପାଦରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ପାଦର ଏହିସବୁ ସମସ୍ୟାକୁ ଆମକୁ ମୋଜା ରକ୍ଷା କରିଥାଏ ।

# ଅଫିସ୍ ଫ୍ୟାଶନ

ଯଦି ଆପଣ କର୍ମଜୀବୀ ହୋଇଥାନ୍ତି, ତେବେ ନିଜର ଡ୍ରେସକୋଡ୍ ଉପରେ ନଜର ଦିଅନ୍ତୁ । କିପରି ଡ୍ରେସ ପିନ୍ଧିଲେ ଆପଣ ସୁନ୍ଦର ଦେଖାଯିବା ସହ ସ୍ମାର୍ଟ ବି ଦେଖାଯିବେ ।

♦ଆପଣ ଯଦି କୌଣସି କର୍ପୋରେଟ୍ ସେକଟରରେ କାମ କରୁଥାନ୍ତି ତେବେ ଧଳା ଲାଇଲନ୍ ଶର୍ଟ ପିନ୍ଧିପାରନ୍ତି । ଏହା ସହିତ କଲରଫୁଲ ସ୍କାର୍ଫ କିମ୍ବା ହାଲୁକା ରଙ୍ଗର ଜ୍ୟାକେଟ୍ ବି ପରିଧାନ କରିପାରନ୍ତି ।

♦ ଆପଣ ଯଦି କୌଣସି ଅଫିସରେ କାମ କରୁଥାନ୍ତି, ତେବେ ସିମ୍ପୁଲ ପ୍ୟାଣ୍ଟ ପସନ୍ଦ କରନ୍ତୁ । ଏଥିପାଇଁ ଆପଣ କଳା କିମ୍ବା ଗ୍ରେ ରଙ୍ଗକୁ ଚୟନ କରିପାରନ୍ତି । ତେବେ ଅଫିସିଆଲ ଗେଟଅପ୍ ଲାଗି ଫର୍ମାଲ ଡ୍ରେସ୍ ଭଲଲାଗିଥାଏ ।

♦କର୍ମଜୀବୀ ହୋଇଥିଲେ ବ୍ଲେଜର ଆପଣଙ୍କୁ ଠିକ୍ ଲାଗିବ । ଅଫିସରେ କୌଣସି ମିଟିଂ ଥିଲେ ବା କୌଣସି କ୍ଲାଏଣ୍ଟଙ୍କୁ ଦେଖା କରିବାକୁ ଚାହୁଁଥିଲେ ଏହି ଗେଟଅପରେ ଆପଣ ମାର୍ଜିତ ଦେଖାଯିବେ ।

♦ଆପଣ ଏପରି କୁର୍ତ୍ତା ପିନ୍ଧନ୍ତୁ ଯାହା ଆରାମଦାୟକ ହୋଇଥିବ । ଏହା ଆପଣଙ୍କୁ କାମ କରିବା ସମୟରେ ହାଲୁକା ଲାଗିବ ।



# ମହଙ୍ଗା ଧାତୁ

ଦୁନିଆରେ ଅନେକ ଏପରି ଧାତୁ ରହିଛି ଯାହାର ମୂଲ୍ୟ ଖୁବ୍ ମହଙ୍ଗା । ସେଥିରେ ହୀରା, ସୁନା, ପ୍ଲାଟିନମ୍ ଇତ୍ୟାଦି ଧାତୁ ରହିଥାଏ । ଆପଣ ଜାଣନ୍ତି କି ଏପରି ଏକ ଧାତୁ ରହିଛି, ଯାହାର ମୂଲ୍ୟ ୧ଗ୍ରାମକୁ ପାଖାପାଖି ୩,୧୨୫୦୦ ଅରବ ଟଙ୍କା ଠାରୁ ଅଧିକ । ଏହି ମୂଲ୍ୟ ଦେଇ ଆପଣ ଦୁନିଆର ଯେକୌଣସି ଛୋଟ ଦେଶକୁ କିଣିପାରିବେ । ନାସାର କହିବାନୁସାରେ, ଏଣ୍ଟିମେଟର ବିଶ୍ୱର ସବୁଠାରୁ ମହଙ୍ଗା ମେଟାଲା । ଯାହା ୧ମିଲିଗ୍ରାମ ଏଣ୍ଟିମେଟର ବନାଇବା ପାଇଁ ୨୫୦ଲକ୍ଷ ଡଲାର ଖର୍ଚ୍ଚ ହୁଏ । ଯେଉଁଠାରେ ଏହି ଧାତୁ ତିଆରି ହୁଏ, ସେହି ଅଞ୍ଚଳକୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ରଖାଯାଇଛି । କେବଳ ସେତିକି ନୁହେଁ, ନାସା ଭଳି ସଂସ୍ଥାରେ ବି ଏହାକୁ ରଖିବା ପାଇଁ ସୁରକ୍ଷାବଳୟ ରହିଛି । ଏହି ଏଣ୍ଟିମେଟର ବ୍ୟବହାର ଅନ୍ତରୀକ୍ଷରେ ଅନ୍ୟ ଗ୍ରହକୁ ଯାଉଥିବା ବିମାନରେ ଇନ୍ଧନ ଭଳି କାମ କରିଥାଏ ।



# ଖରା ଦିନେ ଶରୀରକୁ ଥଣ୍ଡା ରଖିବାକୁ ଚାହୁଁଛନ୍ତି କି ? କ'ଣ ଖାଇବେ ଜାଣନ୍ତୁ



ଏବେ ଖରା ଦିନ। ଆଗକୁ ଖରା ଆହୁରି ବଢ଼ିବ। ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ମଧ ଅନୁଭବ। ଏଭଳି ସ୍ଥିତିରେ ଗରମରୁ ବଞ୍ଚିବା ପାଇଁ ନିଜ ଶରୀରକୁ ପ୍ରାକୃତିକ ରୂପେ ଥଣ୍ଡା ରଖିବା ଉଚିତ। ପ୍ରଚୁର ପାଣି ପିଇବା ସହ ନିଜ ଡାଏଟ୍‌ରେ ବିଶେଷ ଖାଦ୍ୟ ପଦାର୍ଥ ମଧ ସାମିଲ କରିବା ଉଚିତ, ଯାହା ଆଣପଙ୍କ ଶରୀରକୁ ଥଣ୍ଡା ରଖିବାରେ ସହାୟକ ହୋଇପାରିବ। ଏଭଳି ଅନେକ ଫଳ ପନିପରିବା ରହିଛି ଯାହାକୁ ଖାଇବା ଦ୍ୱାରା ଶରୀର ଥଣ୍ଡା ରୁହେ। ପିଆଜ ମଧ ସେଥି ମଧରୁ ଗୋଟିଏ। ଗରମ ଦିନେ ପିଆଜକୁ କିଭଳି ଖାଇବେ ଜାଣନ୍ତୁ।

ପିଆଜରେ ଆଇରନ୍, ଆଣ୍ଟି ଅକ୍ସିଡେଣ୍ଟ, ଭିଟାମିନ ଏବଂ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଛି। ତେଣୁ ଆପଣ ଚାହିଁଲେ ଏହାକୁ କଞ୍ଚାରେ କିମ୍ବା ସାଲାଡ କରି ଖାଇପାରିବେ। ଏଥିରେ ଭିଟାମିନ-ସି ଏବଂ ଭିଟାମିନ-ବି ରହିଛି। ଗରମ ଦିନେ ନିଜକୁ ଥଣ୍ଡା ରଖିବା ପାଇଁ ନିଜ ଡାଏଟ୍‌ରେ ପିଆଜକୁ ନିଶ୍ଚିତ ରୂପେ ସାମିଲ କରନ୍ତୁ।

ଗରମ ଦିନେ ପିଆଜର ଲୋକପ୍ରିୟତା ଢ଼େର ରହିଛି। ଘରେ ଘରେ ଲୋକେ ପିଆଜ ଖାଇବା ପାଇଁ ପସନ୍ଦ କରନ୍ତି। ପିଆଜ ଖାଇବା ଦ୍ୱାରା ଶରୀର ଥଣ୍ଡା ରୁହେ ବୋଲି ବିଶେଷଜ୍ଞମାନେ ମଧ ମତ ଦିଅନ୍ତି। ଶରୀରର ତାପମାତ୍ରା କମ୍ କରିବାରେ ଏହା ସହାୟକ ହୁଏ। ଯଦି ଆପଣ ପିଆଜକୁ ସାଲାଡ ରୂପେ ବ୍ୟବହାର କରୁଛନ୍ତି ତେବେ ଏହାର ସ୍ୱାଦ ବଢ଼ାଇବା ପାଇଁ ଏଥିରେ ଅଳ୍ପ ଲେମ୍ବୁ ରସ ପକାଇ ମଧ ଖାଇପାରିବେ।

କେବଳ ସାଧାରଣ ନୁହେଁ ଡାଇବେଟସି ରୋଗୀଙ୍କ ପାଇଁ ମଧ ବେଶ୍ ଲାଭଦାୟୀ ପିଆଜ। ଡାଇବେଟିସ ରୋଗୀମାନେ ନିଜ ଡାଏଟ୍‌ରେ ସର୍ବଦା ପିଆଜ ସାମିଲ କରିବା ଉଚିତ। ପିଆଜରେ କମ୍ କାର୍ବୋହାଇଡ୍ରେଟ ଏବଂ ଅଧିକ ଫାଇଭର ରହିଛି, ଯାହା ଡାଇବେଟିସ ରୋଗୀଙ୍କ ପାଇଁ ବେଶ ଉପକାରୀ। ଫାଇବର ଏବଂ ପ୍ରିବାୟୋଟିକରେ ଭରପୁର ପିଆଜ ଅନ୍ତନଳୀ ପାଇଁ ମଧ ବେଶ ଲାଭଦାୟୀ। ପିଆଜ ଖାଇବା ଦ୍ୱାରା ଆମ ପାଚନ ତନ୍ତ୍ର ସୁସ୍ଥ ରହେ ଏବଂ ଏହା ଭଲ ଭାବେ କାମ କରେ। ଫଳରେ ହଜମ ଶକ୍ତି ବଢ଼ିଥାଏ। କେବଳ ସେତିକି ନୁହେଁ କୋଲେଷ୍ଟ୍ରୋଲ ସ୍ତର ମଧ ନିୟନ୍ତ୍ରଣରେ ରହେ।



# ହଦଗଡ଼ ଡ୍ୟାମ୍: ବିମୋହିତ କରିବ ମନୋରମ ଦୃଶ୍ୟ

ଆପଣ ଯଦି ବୁଲିବାକୁ ଭଲ ପାଉଥାନ୍ତି, ତାହାଲେ ବହୁତ ଗୁଡ଼ିଏ ଜାଗା ବୁଲିଥିବେ ନିଶ୍ଚୟ। ଓଡ଼ିଶା ବାହାରେ ହେଉ ବା ଓଡ଼ିଶା ଭିତରେ ବହୁତ ଭଲ ଏବଂ ସୁନ୍ଦର ବୁଲିବା ସ୍ଥାନ ସବୁ ରହିଛି। କେବଳ ଭାବନ୍ତୁ ନାହିଁ ଯେ, ବୁଲିବାକୁ ହେଲେ ଆମକୁ ଓଡ଼ିଶା ବାହାରକୁ ହିଁ ଯିବାକୁ ପଡ଼ିବ। ଓଡ଼ିଶା ଭିତରେ ମଧ ଏପରି ସ୍ଥାନ ସବୁ ରହିଛି ଯେଉଁଠିକୁ ନ ଗଲେ ଆପଣ ନିଜ ଆଖିକୁ ବିଶ୍ୱାସ କରିପାରିବେ ନାହିଁ।

ତେବେ ଆମେ ଆଜି ସେହିପରି ଏକ ଜାଗା ବିଷୟରେ କହିବାକୁ ଯାଉଛୁ ଯେଉଁଠିକୁ ଆପଣ ଗଲେ ଆସିବାକୁ ଇଚ୍ଛା ହେବ ନାହିଁ। ଆପଣ କେନ୍ଦୁଝର ଜିଲ୍ଲାର ହଦଗଡ଼ ଡ୍ୟାମ୍ ବୁଲି ଯାଇ ସେଠାକାର ପ୍ରାକୃତିକ ପରିବେଶକୁ ଉପଭୋଗ କରିପାରିବେ। ଆପଣ ଜାଣନ୍ତୁ ସେହି ହଦଗଡ଼ ଡ୍ୟାମ୍ ବିଷୟରେ।

**ଇତିହାସ**

୧୯୭୮ ମସିହାରେ ନିର୍ମିତ ହୋଇଥିଲା ହଦଗଡ଼ ଡ୍ୟାମ୍। ଏହି ଡ୍ୟାମ୍‌ଟି ହଦଗଡ଼ ହସ୍ତି ଅଭୟାରଣ୍ୟ ଭିତରେ ଅବସ୍ଥିତ। ପିତାନଭ ଏବଂ ବଉଳା ନାମକ ଦୁଇ ପାହାଡ଼ ମଧରେ ଏହି ଡ୍ୟାମ୍‌କୁ ନିର୍ମାଣ କରାଯାଇଛି। ଡ୍ୟାମ୍‌ର ଦୁଇ ପଟେ ସୁଉଚ୍ଚ ସବୁଜ ପାହାଡ଼ ରହିଛି। ଆଉ ଏହାର ମଝିରେ ଶାଳନ୍ଦି ନଦୀ। ଆଉ ଏହି ନଦୀ ଉପରେ ହଦଗଡ଼ ଡ୍ୟାମ୍ ନିର୍ମାଣ କରାଯାଇଛି।



ସେଠାକୁ ଗଲେ ଆପଣ ଏହି ସୁନ୍ଦର ପରିବେଶ ମନ ଭରି ଉପଭୋଗ କରି ପାରିବେ। ନଦୀର କୁଳୁକୁଳୁ ଶବ୍ଦ ଆପଣଙ୍କ ମନକୁ ବିମୋହିତ ନିଶ୍ଚୟ କରିବ।

ଏହି ଜଳଭଣ୍ଡାରର ଗଭୀରତା ହେଉଛି ୨୭୨ ଫୁଟ୍। ସମଗ୍ର ବାଲଶ୍ୱରରେ ଜଳସେଚନ ବ୍ୟବସ୍ଥା କରିବା ନିମନ୍ତେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ ଏହି ଡ୍ୟାମ୍ ନିର୍ମାଣ କରାଯାଇଥିଲା।

ଆପଣ ଏହି ଡ୍ୟାମ୍ ଉପରେ ଠିଆ ହୋଇ ଜଳଭଣ୍ଡାରର ଗୋଟିଏ ଦିଗକୁ ଦେଖିଲେ ଆଖି ପାଇବ ନାହିଁ। ଏହାର ବହୁ ଦୂର ପର୍ଯ୍ୟନ୍ତ ଆପଣଙ୍କୁ ସାଳନ୍ଦି ନଦୀ ଏବଂ ପର୍ବତମାଳା ଦେଖାଯିବ। ସେଠାକାର ଥଣ୍ଡା ପବନ ଆପଣଙ୍କୁ ମାନସିକ ଶାନ୍ତି ନିଶ୍ଚିନ୍ତ ଦେବ।

ଏହି ହଦଗଡ଼ ଡ୍ୟାମ୍ ଉପରେ ଚାଲିଚାଲି ଗଲେ ଆପଣ ସେଠାକାର ମନୋରମ ପରିବେଶକୁ ମନଭରି ଉପଭୋଗ କରିପାରିବେ। ସେଠାରେ ଜଳଭାଗର କିଛି ଦୂରରେ ଗୋଟେ ଛୋଟିଆ ଟାପୁ ରହିଛି। ସେହି ସବୁ ସ୍ଥାନ ଦେଖିଲେ ଆପଣଙ୍କୁ ଓଡ଼ିଶା ବାହାରେ ଥିବା ସ୍ଥାନ କଥା ମନେପଡ଼ିବ। ତେଣୁ ଘଞ୍ଚ ଜଙ୍ଗଲ ସାଙ୍ଗକୁ କୁଳୁକୁଳୁ ବହି ଯାଉଥିବା ନଦୀକୁ ଆପଣ ବହୁ ପାଖରୁ ଉପଭୋଗ କରିପାରିବେ।



ଏହା ଏକ ସୁନ୍ଦର ପିକ୍‌ନିକ୍ ସ୍ପଟ୍ ମଧ। ପିକ୍‌ନିକ୍ ଋତୁରେ ଆପଣ ଏଠାରେ ପହଞ୍ଚିଲେ ଏହି ସ୍ଥାନ ଅନ୍ୟ ସବୁ ସ୍ଥାନଠାରୁ ଖାସ୍ ଲାଗିବ। ଆଉ ଆପଣ କେବଳ ପିକ୍‌ନିକ୍ ଋତୁ ନୁହେଁ, ଯେ କୌଣସି ସମୟରେ ଏହି ସୁନ୍ଦର ସ୍ଥାନକୁ ଯାଇ ପ୍ରାକୃତିକ ପରିବେଶକୁ ଉପଭୋଗ କରିପାରିବେ।

**କିପରି ଯିବେ**

କେନ୍ଦୁଝର ସହରଠାରୁ ହଦଗଡ଼ ଡ୍ୟାମ୍‌ର ଦୂରତା ପ୍ରାୟ ୧୧୦ କିମି। ଆପଣ ଆନନ୍ଦପୁର ଦେଇ ଆସିଲେ ଭଦ୍ରକଠାରୁ ଏହର ଦୂରତା ହେବ ୪୮ କିମି। ସେଠାକୁ ଯିବାକୁ ହେଲେ କାର କିମ୍ବା ଟାକ୍ସି ଯୋଗେ ଯାଇପାରିବେ। କିନ୍ତୁ ଥରେ ସେହି ସ୍ଥାନକୁ ଯାଇ ବୁଲି ଆସିଲେ ସେହି ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରେମରେ ପଡ଼ିଯିବେ ନିଶ୍ଚୟ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବଣ୍ଟନରେ ସ୍ଥିରତା ଆବଶ୍ୟକ...

ସମସ୍ତଙ୍କ ମୁହଁକୁ ଆହାର ଯୋଗାଇ ଦେବାର ମହତ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିଲା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍। ସରକାରଙ୍କର ଏହି ଜନକଲ୍ୟାଣକାରୀ ଯୋଜନା ଅନ୍ତର୍ଗତ ଏହି ଆଇନର ପରିସର ଭିତରେ ଅଦ୍ୟାବଧି ରହିଛନ୍ତି ୮୧୪ ମିଲିଅନ୍ ହିତାଧିକାରୀ। ତେବେ ଏହି ଯୋଜନାର ପରିସର ମଧ୍ୟରୁ ବାଦ୍ ପଡ଼ିଛନ୍ତି କେତେକ ପ୍ରକୃତ ହିତାଧିକାରୀ, ସେମାନଙ୍କର ଆଧାର କାର୍ଡ଼ ସର୍ବସାଧାରଣ ବଂଟନ ବ୍ୟବସ୍ଥା ସହିତ ସଂଯୋଗ ହୋଇ ନପାରିବାରୁ। ପରିଣତିରେ ଦେଶର କେତେକ ରାଜ୍ୟରେ ଘଟିଥିବା ଅନାହାର ମୃତ୍ୟୁକୁ ଏଥି ସହିତ ଯୋଡ଼ା ଯାଇଛି। ଏ ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଗତ ବୁଧବାର ଦିନ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି ଉପରୋକ୍ତ ମାମଲାର ଦାବି ଅନୁସାରେ ଆଧାର ସଂଯୁକ୍ତ ହୋଇନଥିବା ଯୋଗୁଁ ଖାରଜ ହୋଇଥିବା ହାରାହାରି ୩୦ ମିଲିଅନ୍ ରାସନ କାର୍ଡ଼ ସମ୍ପର୍କରେ ତାଙ୍କର ପକ୍ଷ ରଖିବାକୁ। ନିଃସନ୍ଦେହରେ ଏହା ପଛର କାରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେହେତୁ ଦେଶର ପିଡିଏସ୍ ବ୍ୟବସ୍ଥା ହେଉଛି ସବୁ ଉନ୍ନୟନମୂଳକ ବ୍ୟବସ୍ଥାର ମୂଳପିଣ୍ଡ। ସାମ୍ପ୍ରତିକ ପିଆଇଏଲ୍ ବାଦ୍ ମଧ୍ୟ ରାସନ କାର୍ଡ଼ ସହିତ ଆଧାର ସଂଯୋଗ କରିବା କଥାକୁ ଅତ୍ୟନ୍ତ ଗୁରୁତ୍ୱର ସହିତ ବିଚାର କରିବା କଥା। ଆଧାର ଏକ ସ୍ୱତନ୍ତ୍ର ଚିହ୍ନଟ ବ୍ୟବସ୍ଥା ଏବଂ ଏହା ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରି ଆସୁଛି। ନିକଟ ଅତୀତର ଏକ ତଥ୍ୟ ଅନୁସାରେ ଦେଶର ଜନସଂଖ୍ୟାର ହାରାହାରି ୯୦ ପ୍ରତିଶତଙ୍କୁ ଆଧାର ନମ୍ବର ଦିଆଯାଇସାରିଛି। ପୁନଶ୍ଚ, ମୋଟ ରାସନକାର୍ଡ଼ ମଧ୍ୟରୁ ପ୍ରାୟ ୯୧ ପ୍ରତିଶତ ସହିତ ଆଧାର ସଂଯୋଗ ହୋଇ ସାରିଥିବାବେଳେ ୭୦ ପ୍ରତିଶତରୁ ଅଧିକ କାରବାର ବାୟୋମେଟ୍ରିକ୍ ଅଥେଣ୍ଟିକେସନ୍ ବା ବୈଧୀକରଣ ଦ୍ୱାରା ସମ୍ପନ୍ନ ହେଉଛି। ତେବେ ଆଇନଗତ ମାନ୍ୟତା ହେଉଛି, ପିଡିଏସଗୁଡ଼ିକରୁ ଖାଦ୍ୟ ସାମଗ୍ରୀ ପାଇବା ପାଇଁ ବାୟୋମେଟ୍ରିକ୍ ବୈଧୀକରଣ ବାଧ୍ୟତାମୂଳକ ନୁହେଁ ଏବଂ କେନ୍ଦ୍ର ସରକାର ଏକଥାକୁ ଦୋହରାଇଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନର କାର୍ଯ୍ୟକାରୀ ଦିଗଟିକୁ ଦେଖିବା ହେଉଛି ରାଜ୍ୟ ସରକାରମାନଙ୍କର କାମ, ଏପରିକି ରାସନ କାର୍ଡ଼ର ଜାଲିଆତି ବା ପ୍ରକୃତ ହିତାଧିକାରୀଙ୍କୁ ଏହା ନ ମିଳିଥିଲେ, ତାକୁ ଖାରଜ କରିବାର କାମ ମଧ୍ୟ। ୨୦୧୩ରୁ ୨୦୨୦ ମଧ୍ୟରେ ପ୍ରାୟ ୪୪ ମିଲିଅନ୍ ରାସନ କାର୍ଡ଼ ଖାରଜ କରାଯାଇଥିଲା। ଏତଦ୍‌ବ୍ୟତୀତ ବାୟୋମେଟ୍ରିକ୍ ବୈଧୀକରଣ କରିବା ଏବଂ ଏହାକୁ ସଦ୍ୟତମ ବା ଅପ୍‌ଡେଟ୍ କରିବା, ବ୍ୟାଙ୍କ ଜମାଖାତା ସହିତ ଆଧାର ସଂଯୋଗ କରିବା ଏବଂ ଆଧାର ସଂଯୋଗ ଦ୍ୱାରା ଦେୟ ପ୍ରଦାନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଇବାରେ ଦକ୍ଷତାହୀନ ଅନେକାଂଶରେ ଅସୁବିଧାର କାରଣ ହୋଇଥିବାବେଳେ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ଯଥା ପିଡିଏସ୍, ଏନ୍‌ଆର୍‌ଇଜିଏ ଏବଂ ଏଲପିଜି ରିହାତି ପାଇବା ନିମନ୍ତେ ଆବଶ୍ୟକ ଆଧାର ନମ୍ବର ଦାଖଲ କରିବାରେ ବିଫଳତା ଗରିବ ଲୋକମାନଙ୍କ ପାଇଁ କଷ୍ଟଦାୟକ ସାବ୍ୟସ୍ତ ହେଉଛି। ୨୦୧୬-୧୭ରେ ଝାଡ଼ଖଣ୍ଡରେ ଜଣେ ଅର୍ଥନୀତିଜ୍ଞ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ଦର୍ଶାଇ ଥିଲା ଯେ ଆଧାର ସଂଯୋଗ ହୋଇନଥିବା କାରଣରୁ କେତେକ ପ୍ରକୃତ ହିତାଧିକାରୀଙ୍କ ରାସନ କାର୍ଡ଼ ଖାରଜ ହୋଇଯାଇଥିଲା, ଯଦିଓ ସରକାର ଉପରୋକ୍ତ ବିଫଳତାଗୁଡ଼ିକ ଯୋଗୁଁ ହିତାଧିକାରୀମାନଙ୍କୁ ଅବ୍ୟାହତି ଦେବାକୁ ଯାଇ ସେମାନେ ବିନା ଆଧାର ସଂଯୋଗରେ ମଧ୍ୟ ରିହାତି ଏବଂ ସରକାରୀ ଯୋଜନାର ଲାଭ ପାଇବେ ବୋଲି କହିଥିଲେ। କିନ୍ତୁ ଏବେ ସୁଦ୍ଧା ଆଧାର ସଂଯୋଗ ଅଭାବରୁ ଅନେକ ହିତାଧିକାରୀ ଲାଭରୁ ବଂଚିତ ହେବା ତଥା ଝାଡ଼ଖଣ୍ଡର ଉପରୋକ୍ତ ଦୃଷ୍ଟାନ୍ତ ସୂଚନା ପ୍ରଦାନ କରେ ଯେ ଯୋଜନାର ଲାଭ ଏବଂ ରିହାତି ଲାଭ କରିବାରୁ ବାଦ୍ ପଡ଼ିବା ଅନାହାର ମୃତ୍ୟୁ ଦିଗରେ ବାଟ କଢ଼ାଇ ନେଇଛି। ତଥ୍ୟ ମୁତାବକ ସିଦ୍ଧାନ୍ତମୂଳକ ଏନ୍‌ଆରସି ରେଜିଷ୍ଟରରେ ନାମ ସ୍ଥାନିତ କରିବା କ୍ଷେତ୍ରରେ ଆସାମରେ ଯେଉଁ ୪ ମିଲିଅନ୍ ଅଧିବାସୀ ଉଦ୍ୟମ ଚଳାଇଛନ୍ତି, ସେମାନେ ଆଧାର କାର୍ଡ଼ ପାଇବାରୁ ବଂଚିତ ହୋଇଛନ୍ତି। ସେହିପରି ରାସନ କାର୍ଡ଼ ଖାରଜ କରାଯିବା କ୍ଷେତ୍ରରେ ରାଜ୍ୟଭିତ୍ତିକ ତଥ୍ୟ ମଧ୍ୟ କମ୍ ନୁହେଁ। ୨୦୧୭-୨୦୨୦ ଭିତରେ କେବଳ ଗୋଟିଏ ରାଜ୍ୟ ଉତ୍ତରପ୍ରଦେଶରେ ୨୧ ମିଲିଅନ୍ କାର୍ଡ଼ ମଧ୍ୟଧରୁ ଅଧାରୁ ଅଧିକ ସଂଖ୍ୟକ କାର୍ଡ଼ ଖାରଜ ହୋଇଛି। ଅପରପକ୍ଷରେ ବିହାରରେ ଗୋଟିଏ ହେଲେ କାର୍ଡ଼ ଖାରଜ ହୋଇନାହିଁ। ଏଭଳି ପରିସ୍ଥିତିରେ ତେଣୁ କାର୍ଡ଼ଗୁଡ଼ିକ ସହିତ ଆଧାର ସଂଯୋଗ କରିବାପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ମାର୍ଚ୍ଚ ୩୧କୁ ଧାର୍ଯ୍ୟ କରାଯାଇଥିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେବା ବିଜ୍ଞତାର ପରିଚାୟକ ହେବ। ଜଣାପଡ଼ିଛି ଯେ ଆଧାର ସଂଯୋଗ କରିବାପାଇଁ କେତେକ ରାଜ୍ୟରେ ମଧ୍ୟ ପ୍ରଶାସନିକ ସାମର୍ଥ୍ୟର ଅଭାବ ରହିଛି। ତେଣୁ ଉପରୋକ୍ତ ତାରିଖ ମଧ୍ୟରେ ସେହିସବୁ ରାଜ୍ୟର ହିତାଧିକାରୀମାନଙ୍କ କାର୍ଡ଼ଗୁଡ଼ିକ ସହିତ ଆଧାର ନମ୍ବର ସଂଯୋଗ କାର୍ଯ୍ୟ ସମ୍ପନ୍ନ କରିପାରିବା ନେଇ ସନ୍ଦେହ ରହିଛି। ଯଦି ସେମାନେ ତାହା କରି ନପାରନ୍ତି, ତା'ହେଲେ ଯୋଗ୍ୟ ବା ପ୍ରକୃତ ହିତାଧିକାରୀମାନେ ସରକାରୀ ଯୋଜନାର ଲାଭ ପାଇବାରୁ ବଂଚିତ ହେବାର ସମ୍ଭାବନା ରହିବ। ତେଣୁ ଗ୍ରାମ ପଂଚାୟତ ସ୍ତରରେ ସେବା ପ୍ରଦାନର ବିକେନ୍ଦ୍ରୀକରଣ କରାଯିବା ସହିତ ଏନ୍‌ଏଫ୍‌ଏସ୍‌ଏର ଡିଜିଟାଇଜେସନ ପ୍ରକ୍ରିୟାରେ ସ୍ଥିରତା ଆଣିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

## କବିତା କୋଣାର୍କ



### ମୁଁ କୃଷକ ..

ଦୁଷ୍ମନ୍ତ ବେହେରା

ମୁଁ କୃଷକ ସଂସାର ସଭ୍ୟତାର ମୂଳ
କୃଷି ସକଳ ଜୀବିକାର ଚୂଳ
କୃଷି କଲା ନରକୁ ଅନ୍ନଦାନ
ଅନ୍ନ ପାଇଁ ମାନବ ଉଠଇ ତେଜି !

ଶସ୍ୟ ବୋଲେ ମୁଁ ଅଛି ମାନବ ନିମନ୍ତେ
ଫଳିବି ବୁଣି ଦେଲେ ମତେ
କୃଷିଟିଏ ଚାହେଁ ସକଳ ଉନ୍ନତି
ଅନ୍ନ ଖାଇ ଜୀବ ହୋଇବେ ଗତି !

ମୋ ପରିଶ୍ରମ ମୂଲ୍ୟ ଏଠି କିଏ ବୁଝେ
ମୂଳଚାଳ କରି ଫେରିଯାନ୍ତି ସଭିଁଏ
ଲାଜ କରିନି ଶ୍ରମକୁ ମୋର
ରଖିଛି ମୋ ଜାତିକୁ ଉଚ୍ଚ ସମ୍ମାନ !

ମୋ ଦେଶ ଜାତି ମାଟିକୁ ଧରି
କରେ ମୁଁ ଲଙ୍ଗଳ
ଜନ ମୁହେଁ ହସିବ ହସ
ଘେନି କୃଷି ସଭ୍ୟ ନର !

ଧାନ ଗହମ ଚଣା ମୁଗ ବିରି
ମକା କନ୍ଦମୂଳ ଆଳୁ ଉଲି
ବାଇଗଣ ଲଙ୍କା କୋବି କଦଳୀ
କପା କାଉଁରିଆ ପାନ ଆଦି !

ଚାଷ କରି ମୁଁ ପାଏ ଲୋକହସା
ବୁଝିବ କେମିତି ତୁମେ ଚାଷ ମିଠା
ଉଠଇ ମୁଁ ରଜନୀ ଘଡି ଥାଇ
ତୁମେ ଥଠାକରି ହସି ଉଠଇ ସଭିଁଏ !

ଦେଖ ମାନବ ମୁଁ କୃଷକ ଜାତି
ଅନ୍ନ ଘେନି ରଖିଛି ସଂସାର
ଅନ୍ନ ବିନା ଜଗତେ ଉଠେ ହାହାକାର
ମାନବ ବୁଝିବୁ କେମନ୍ତ !

ଅନ୍ନ ପାଇଁ ରାଜା ହେଉ କି ମନ୍ତ୍ରୀ
ଆଦର କରନ୍ତି ସଭିଁଏ ମତେ
ଅନ୍ନ ମୁଁ ଉଚ୍ଚ ନିଚ୍ଚ ଦେଖିନି
ସଭିଙ୍କ କ୍ଷୁଧା ମେଣ୍ଟେଇ ଦିଏ !

ଏଠି ବଡ ବାବୁମାନେ ବୁଝନ୍ତିନି
ମୋ ଦୁଃଖ ମୁଁ କୃଷକ
ବୋଲି କୁହ ହୀନ ଏ ପ୍ରାଣ
ଦରିଦ୍ରରେ ଯାଉଛି ଜୀବନ !

+ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪

## ଅମୂଲ୍ୟ ସମ୍ପଦ- 'ଜଳ'



ଅଜିତ୍ କୁମାର ଜେନା

ଜଳ ହେଉଛି ଜୀବଜଗତ ରକ୍ଷାକାରୀ ଅମୂଲ୍ୟ ସଂପଦ । ଜଳରୁ ହିଁ ଶୁଭିଥିଲା ବିବର୍ତ୍ତନର ପ୍ରଥମ ସ୍ୱର । ଏହା ସୃଷ୍ଟିର ସର୍ବଶ୍ରେଷ୍ଠ ତଥା ସର୍ବତ୍ର ବିଦ୍ୟମାନ ଅମୂଲ୍ୟ ସଂପଦ । ପାଣି ଆଣିଦେଇଛି ସୃଷ୍ଟି ପାଇଁ ଜୀବନର ଆଦ୍ୟ ସମ୍ଭାବନା । ତୃଷାର୍ତ୍ତର ତୃପ୍ତି ପାଣି, ଅସହାୟର ଆଶ୍ୱାସନା ପାଣି ଓ ପାଣିରେ ଆବଦ୍ଧ ଜୀବନର ଆନନ୍ଦ। ତେଣୁ ପାଣି ହିଁ ଅମୃତ । ପୃଥିବୀରେ ପାଣି ଅଜସ୍ର ଓ ଅମାପ ଥିବାବେଳେ ପାଣି ସମସ୍ୟା ବେଳକୁ ବେଳ ଉତ୍କଟ ହେବାରେ ଲାଗିଛି। ପାଣି ଟିକେ ପାଇଁ ମଣିଷ ମଣିଷ ମଧରେ ଆରମ୍ଭ ହେଲାଣି ଲଢ଼େଇ। ସଂପ୍ରତି ସମଗ୍ର ବିଶ୍ୱରେ ଜଳ ପାଇଁ ବିଭିନ୍ନ ବର୍ଗରୁ ଉଦ୍‌ବେଗ ପ୍ରକାଶ ପାଉଛି । ଏହା ନିଶ୍ଚିତ ଯେ, ଆସନ୍ତା ବିଶ୍ୱଯୁଦ୍ଧ ପରମାଣୁ ଶକ୍ତି ପାଇଁ ନୁହେଁ ବା ତେଲ ପାଇଁ ନୁହେଁ ବା ଅର୍ଥର ପ୍ରାଚୁର୍ଯ୍ୟ ପାଇଁ ନୁହେଁ ବରଂ ବାସ୍ତବିକ "ଜଳ ପାଇଁ ହିଁ ଯୁଦ୍ଧ", ଜଳ ଜଳ ହୋଇ ଦିଶୁଛି। ଯେଉଁ ଜଳ ଥିଲା ଅମୃତ ସମ ତାହା ଆଜି ପାଲଟିଛି ବିଷ । ଅମୃତ ବଦଳରେ ବିଷପାନ କରି ଆଜି ସମସ୍ତେ ମୃତ୍ୟୁକୁ ଆହ୍ୱାନ କରୁଛନ୍ତି। । ବର୍ତ୍ତମାନ ସମଗ୍ର ବିଶ୍ୱରେ ପାନୀୟ ଜଳକୁ ନେଇ ସମସ୍ୟା ଦେଖା ଦେଇଛି। ଏପରିକି ପାନୀୟ ଜଳ ଟୋପେ ପାଇଁ ଲୋକେ ବ୍ୟାକୁଳ ହେଲେଣି। ବିଶ୍ୱରେ ପ୍ରଦୂଷଣ ଯୋଗୁଁ ଅନେକ ଲୋକ ବିଶୁଦ୍ଧ ଜଳ ନ ପାଇ ଦୂଷିତ ଜଳ ବ୍ୟବହାର କରିବା ପାଇଁ ବାଧ ହେଉଛନ୍ତି। ବର୍ତ୍ତମାନ ସମଗ୍ର ବିଶ୍ୱରେ ୭୮୩ ମିଲିୟନ ଲୋକ ବିଶୁଦ୍ଧ ଜଳ ପାଇ ପାରୁନାହାନ୍ତି ଏବଂ ୧.୮ ବିଲିୟନ ଲୋକ ଦୂଷିତ ଜଳ ବ୍ୟବହର କରିବାକୁ ବାଧ ହେଉଛନ୍ତି ବୋଲି ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ) ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସମଗ୍ର ସୌରଜଗତର ପୃଥିବୀ ଏକମାତ୍ର ଗ୍ରହ ଯେଉଁଠାରେ ଜୀବନ ଧାରଣ ନିମନ୍ତେ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିଛି। ଯାହାର ପୃଷ୍ଠଭୂମିରେ ରହିଛି ଜଳର ଅବଦାନ। ପୃଥିବୀ ପୃଷ୍ଠରେ ୨୯ ପ୍ରତିଶତ ସ୍ଥଳ ଭାଗ ରହିଥିବା ବେଳେ ୭୧ ପ୍ରତିଶତ ହେଉଛି ଜଳ ଭାଗ । ବିଶ୍ୱର ଜଳ ସଂପଦ (୧୩୮.୬ କୋଟି ଘନ କି.ମି.)ର ୯୭.୫ ପ୍ରତିଶତ (୧୩୬.୫ ଘନ କି.ମି) ଲବଣାକ୍ତ ହୋଇଥିବା ବେଳେ ୨.୫ ପ୍ରତିଶତ (୩.୫ ଘନ କି.ମି.) ମଧୁର ଜଳ ମଧରୁ ୨.୪ କି.ମି. ପର୍ବତ ଓ ମେରୁ ଅଞ୍ଚଳରେ କଠିନ ଅବସ୍ଥାରେ ବରଫାବୃତ ହୋଇ ରହିଛି ଏବଂ ୧.୧ କୋଟି ଘନ. କି.ମି. ମଧୁର ଜଳ ତରଳ ଅବସ୍ଥାରେ ମଣିଷର ବ୍ୟବହାର ଉପଯୋଗୀ ହୋଇ ରହିଛି । ଏହି ତରଳ ଅବସ୍ଥାରେ ଥିବା ମଧୁର ଜଳ ମଧରୁ ମାତ୍ର ୦.୯ ପ୍ରତିଶତ ନଦୀ ଓ ହ୍ରଦରେ ରହିଛି ଯାହା ବିଶ୍ୱର ଜଳସମ୍ପଦର ମାତ୍ର ୦.୦୦୩୫ ପ୍ରତିଶତ । ଜଳ ପରିବେଷ୍ଟିତ ପୃଥିବୀରେ ଜଳ ସଂକଟ ବିଶ୍ୱବାସୀଙ୍କ ମଧରେ ଚିନ୍ତାର କାରଣ । ବିଶ୍ୱର ପ୍ରାୟ ୧୨୦ କୋଟିରୁ ଉର୍ଦ୍ଧ ଲୋକ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଏବେବି ବଞ୍ଚିତ । କାଲି ଫର୍ଣ୍ଣିଆରେ କୃଷିର ବିକାଶ ହେବା ସହିତ ଆଶଙ୍କା ସୃଷ୍ଟି ହେଲାଣି ଯେ ଆଗାମୀ ୨୦ ବର୍ଷ ପରେ କାଲିଫର୍ଣ୍ଣିଆ ବାସୀଙ୍କୁ ଜଳ ଯୋଗାଣ ସମ୍ଭବ ହେବ ନାହିଁ। ଜଳଶୂନ୍ୟ ହୋଇଯିବ ମେକ୍ସିକୋ ନଗରୀ ଆଉ ୧୦ ବର୍ଷ ପରେ। ଆଗାମୀ ୩୦ ବର୍ଷପରେ ଗଙ୍ଗାନଦୀରେ ମଧ ଜଳ ସଂକଟ ଦେଖାଦେବ । ଜଳ କ୍ଷେତ୍ରରେ କାମ କରୁଥିବା ଏକ ଆନ୍ତର୍ଜାତୀୟ ସଂସ୍ଥା ଇ.ଏ. ୱାଟର ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ ୨୦୨୫ ସୁଦ୍ଧା ଆମ ଭାରତ ହୋଇଯିବା ପାଣି ବିହୀନ ଦେଶ । ଫସଲ ଉତ୍ପାଦନ ଓ ଦୈନନ୍ଦିନ ଜୀବନ ନିର୍ବାହ ପାଇଁ ଯେତିକି ଜଳ ମିଳୁଛି ଆଗାମୀ ଦିନରେ ଏହା ସ୍ୱପ୍ନ ହୋଇଯିବ। ପ୍ରାଣ ବିକଳରେ ଦୂଷିତ ପାଣି ପିଇବା ଯୋଗୁଁ ପ୍ରତିବର୍ଷ ପୃଥିବୀରେ ୫୦ ଲକ୍ଷ ଲୋକ ନାନା ରୋଗରେ ଆକ୍ରାନ୍ତ ହୋଇ ମରୁଛନ୍ତି ଏବଂ ଏଥି ସହିତ ଆହୁରି ଦୁଃଖର କଥାଯେ ପ୍ରତିଦିନ ୨୦ ହଜର ଶିଶୁଙ୍କର ଅକାଳ ମୃତ୍ୟୁ ଘଟୁଛି । ପ୍ରତି ୧୯ ସେକେଣ୍ଡରେ ଜଳ ପ୍ରଦୂଷଣ ଯୋଗୁଁ ରୋଗରେ ଆକ୍ରାନ୍ତ ହୋଇ ଜଣେ ଶିଶୁ ମୃତ୍ୟୁ ବରଣ କରୁଛି । ଜଳର ପରିମାଣକୁ ନେଇ ବିକଶିତ ରାଷ୍ଟ୍ରମାନଙ୍କର ଚର୍ଚ୍ଚା ହେଉଥିବା ବେଳେ ଜଳର ଶୁଦ୍ଧତା ଓ ପରିମଳ ବ୍ୟବସ୍ଥା ବିକାଶଶୀଳ ଦେଶମାନଙ୍କରେ ସମସ୍ୟାକୁ ଆହୁରି ଘନୀଭୂତ କରିଛି । ପୃଥିବୀର ୭୮ କୋଟି ଲୋକଙ୍କ ପାଖରେ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନ ଥିବା ବେଳେ ୪ ପ୍ରତିଶତ ମାତୃମୃତ୍ୟୁ ଏବଂ ପ୍ରତି ୨୦ ମିନିଟ୍‌ରେ ଏକ ଶିଶୁ ମୃତ୍ୟୁର କାରଣ ହେଉଛି । ଭାରତରେ ୨୦ କୋଟି ଅର୍ଥାତ୍ ପ୍ରାୟ ୪୫ ଭାଗ ଲୋକ ଆବଶ୍ୟକ ପିଇବାପାଣି ପାଇ ପାରୁନାହାନ୍ତି । କେବଳ ଜନ ସାଧାରଣ ନୁହନ୍ତି ପଶୁପକ୍ଷୀଙ୍କ ପାଇଁ ମଧ୍ୟ ଜଳ ସମସ୍ୟା ସୃଷ୍ଟି ହୋଇଛି । ପାଣି ଜୀବନର ରକ୍ଷାକାରୀ ହୋଇଥିବା ବେଳେ ତାହା ଜୀବନ ନାଶକାରୀ ସାଜିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିର୍ପୋଟ ଅନୁଯାୟୀ ପ୍ରତିଦିନ ପ୍ରାୟ ୪ ହହଜାର ଶିଶୁ ପାନୀୟ ଜଳ ନ ପାଇ କିମ୍ବା ଦୂଷିତ ଜଳ ପିଇ ପ୍ରାଣ ହରାଉଛନ୍ତି । କେବଳ ଭାରତରେ ପ୍ରତିବର୍ଷ ଜଳ ଜନିତ ରୋଗରେ ୭ ଲକ୍ଷ ଲୋକଙ୍କର ଅସମୟରେ ମୃତ୍ୟୁ ଘଟୁଛି । ପ୍ରଦୂଷିତ ପାଣି ପିଇ ମୃତ୍ୟୁ ମୁଖରେ ପଡୁଥିବା ଲୋକଙ୍କ ମଧରେ ୯୦ ପ୍ରତିଶତ ହେଉଛନ୍ତି ୫ ବର୍ଷରୁ କମ୍ ଶିଶୁ । ଆମ ଦେଶରେ ୧ ଲକ୍ଷ ଗ୍ରାମରେ ଅଧିବାସୀଙ୍କଠାରେ ଆଜି ବି ଅପହଞ୍ଚ ପିଇବା ପାଇବା ପାଣି । ପ୍ରାପ୍ତ ତଥ୍ୟ ଅନୁସାରେ ଆମ ରାଜ୍ୟରେ ୫୫ ହଜାର ୧୮୬ ଟି ଗ୍ରାମ ଓ ପୌରସଂସ୍ଥାରେ ଥିବା ୧.୪୫ଟି ୱାର୍ଡରେ ବିଶୁଦ୍ଧ ଜଳ ସ୍ୱପ୍ନ । ରାଜ୍ୟର ୧ ଲକ୍ଷ ୫୭ ହଜାର ୨୧୬ ଗ୍ରାମ ମଧରୁ ୧ଲକ୍ଷ ୨ ହଜାର ୧୧୦ ଗ୍ରାମର ବାସୀନ୍ଦା ପାଉଛନ୍ତି ୪୦ ଲିଟର ହାରରେ ପାଣି । ସେମାନଙ୍କ ମଧରୁ ୪୮ ହଜାର ୪୬୬ ଗ୍ରାମବାସୀ ଆଂଶିକ ପିଇବା ପାଣି ପାଉଛନ୍ତି। ଖାଦ୍ୟାଭାବ ଅପେକ୍ଷା ଜଳାଭାବ ଅତ୍ୟନ୍ତ କଷ୍ଟ ଦାୟକ । ମିଳିଥିବା ତଥ୍ୟ ଅନୁସାରେ ବିକାଶଶୀଳ ଦେଶମାନଙ୍କରେ ଦୂଷିତ ଜଳ ବ୍ୟବହାର କରି ପ୍ରତିବର୍ଷ ୨ ମିଲିୟନରୁ ଅଧିକ ଲୋକ ମୃତ୍ୟୁ ସମ୍ମୁଖରେ ପଡୁଛନ୍ତି । ସେମାନଙ୍କ ମଧରୁ ୯୦% ହେଉଛନ୍ତି ଶିଶୁ। ୨.୫ ବିଲିୟନ ଲୋକଙ୍କ ପାଇଁ ସାଧାରଣ ପରିମଳ ବ୍ୟବସ୍ଥା ନାହିଁ । ପ୍ରତି ୯ ଜଣରେ ଜଣେ ବ୍ୟକ୍ତି ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି । ବିଶ୍ୱରେ ୭୮ କୋଟି ଲୋକ ବିଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ଜୀବନ ଧାରଣ ପାଇଁ ବିଶୁଦ୍ଧ ଜଳ ଅତ୍ୟନ୍ତ ଆବଶ୍ୟକ । ସମଗ୍ର ପୃଥିବୀରେ ଭାରତରେ ସର୍ବାଧିକ ଅର୍ଥାତ୍ ୬୩ ମିଲିୟନରୁ ଅଧିକ ଲୋକ ବିଶୁଦ୍ଧ ଜଳ ପାଇବାରୁ ବଞ୍ଚିତ । ପ୍ରତିବର୍ଷ ଭାରତରେ ୧ ଲକ୍ଷ ୪୦ ହଜାର ଜଣ ଲୋକ ଦୂଷିତ ଜଳ ବ୍ୟବହାର କରି ଝାଡାବାନ୍ତିରେ ମୃତ୍ୟୁବରଣ କରୁଛନ୍ତି। ପାଣିରେ ପରିବ୍ୟାପ୍ତ ଆମ ପୃଥିବୀ ସତ କିନ୍ତୁ ପାଣି ପାଇଁ ଆର୍ତ୍ତନାଦ କରୁଛନ୍ତି ପୃଥିବୀ ବାସୀ।

(କ୍ରମଶଃ)

+ବିଜ୍ଞାନ ଶିକ୍ଷକ
ରଘୁନାଥ ଉଚ୍ଚ ବିଦ୍ୟାଳୟ,
ରାଇକମା
ମୋ.- ୯୪୩୭୭୪୪୫୮୫

## ସଂକ୍ଷିପ୍ତ ରାମାୟଣ

ଶଙ୍କର ଚରଣ ରାଉତ

ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା । ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍‌କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।



ଭାଗ -୯

ବଳି କହିଲେ- ଭଉଣୀ କ'ଣ ମାଗୁଛ ମାଗ। ଲକ୍ଷ୍ମୀ କହିଲେ-ଏହି ଦ୍ୱାରପାଳଟି ମୋର ଦରକାର। ବଳି କହିଲେ- ଦ୍ୱାରପାଳ ସହିତ ତୁମର ସମ୍ପର୍କ କ'ଣ। ଲକ୍ଷ୍ମୀଙ୍କ ଠାରୁ ସମସ୍ତ ବିଷୟ ଶୁଣି ବଳି ଲକ୍ଷ୍ମୀନାରାୟଣଙ୍କର ପଦ ବର୍ଣ୍ଣନା କଲେ। ନାରାୟଣଙ୍କୁ ଦ୍ୱାରପାଳରୁ ମୁକ୍ତ କରି ବଳି ଲକ୍ଷ୍ମୀଙ୍କ ସହିତ ବୈକୁଣ୍ଠକୁ ପଠାଇ ଦେଲେ। ବାମନ କହିଲେ- ଭଉଣୀ ଠାରୁ ସ୍ୱର୍ଗର ଇନ୍ଦ୍ରପଦ ପାଇଲ।

ଭଗବାନଙ୍କୁ ଯେ କିଛି ଦେଇଛି ସେ ନିଶ୍ଚୟ କିଛି ପାଇଛି। ବଳି, ଦ୍ରୌପଦୀ ପାଇଲେ। ରାବଣ ଓ ଦୁର୍ଯ୍ୟୋଧନ ନ ଦେଇ ମଲେ।

ଯେତେବେଳେ ଭଗବାନ ବାମନ, ବଳି ରାଜାଙ୍କ ପୁରରେ ପହଞ୍ଚିଲେ, ସେତେବେଳେ ରାଜପ୍ରସାଦର ଅନ୍ୟମାନଙ୍କ ସହିତ ବଳି ରାଜାର କନ୍ୟା ରତ୍ନମାଳା ସେଠାରେ ଉପସ୍ଥିତ ଥିଲେ। ବାମନ ରୂପୀ ଭଗବାନଙ୍କର ସୁନ୍ଦର ଓ ମନୋହର ରୂପ ଦେଖି ସେ ମୋହିତ ହୋଇ, ମନ ମଧରେ ଚିନ୍ତା କଲେ-ଏହିପରି ପିଲାଟିଏ ଯଦି ମୋର ଥାଆନ୍ତା, ମୁଁ ତାକୁ ସ୍ତନ୍ୟ ଦାନକରି କେତେ ଆନନ୍ଦ ପାଆନ୍ତି। ପ୍ରଭୁ ବାମନ କହିଲେ-ତଥାସ୍ତୁ।

ବାମନ ଭଗବାନ ଆସିବା ପରଠାରୁ, ଶେଷ ପର୍ଯ୍ୟନ୍ତ ଯାହା ସବୁ ଘଟିଲା, ବଳି ରାଜାଙ୍କ କନ୍ୟା ରତ୍ନମାଳା ନିର୍ବାକ ଭାବରେ ସମସ୍ତ କାର୍ଯ୍ୟ ଦେଖୁଥିଲେ ଓ ଶୁଣୁଥିଲେ। ଶେଷରେ ଯେତେବେଳେ ପ୍ରଭୁ ବାମନ ନିଜ ନାଭିରୁ ପାଦ ବାହାର କରି ବଳି ରାଜାଙ୍କ ଶିରରେ ପାଦ ରଖି ପାତାଳକୁ ପଠାଇଦେଲେ- ସେତେବେଳେ ରତ୍ନମାଳା ଆଉ ସ୍ଥିର ହୋଇ ରହିପାରିଲେ ନାହିଁ। ସେ କ୍ରୋଧରେ ଅସ୍ଥିର ହୋଇ ଚିତ୍କାର କରି କହି ଉଠିଲେ-ଏପରି ପିଲାକୁ, ସ୍ତନରେ ବିଷ ବୋଳି, ସ୍ତନ୍ୟପାନ କରାଇ ମାରି ଦିଅନ୍ତି। ପ୍ରଭୁ ବାମନ କହିଲେ- ତଥାସ୍ତୁ, ଦ୍ୱାପରରେ ପାଇବ।

### ପର୍ଶୁରାମ ଅବତାର
### (୬ଷ୍ଠ ଅବତାର)

ପିତାଙ୍କ ନାମ ଯମଦଗ୍ନି ଏବଂ ମାତାଙ୍କ ନାମ ରେଣୁକା।

ପର୍ଶୁରାମ ରୂପରେ
ଷଷ୍ଠ ଅବତାରରେ
ପୃଥିବୀ ନିକ୍ଷେତ୍ରୀ କଲେ
ଏକବିଂଶ ବୀର।

ତାଙ୍କର ପିତା ଯମଦଗ୍ନିଙ୍କୁ ବାରମ୍ବାର କ୍ଷତ୍ରୀୟ ରାଜାମାନେ ହଇରାଣ କରି ଶେଷରେ ତାଙ୍କୁ ବିନାଶ କରିଥିଲେ। ଶେଷରେ ସହସ୍ରାର୍ଜୁନ ନାମରେ ଜଣେ ରାଜା ତାଙ୍କ ପିତା ଯମଦଗ୍ନିଙ୍କୁ ନିହତ କରି ତାଙ୍କର ସମସ୍ତ ଗୋରୁ ଗାଈ ନେଇଯାଇଥିବାରୁ ତାଙ୍କର ଶେଷ ପୁତ୍ର ପର୍ଶୁରାମ ସହସ୍ରାର୍ଜୁନଙ୍କୁ ବଧକରି ଏକବିଂଶବାର ସମଗ୍ର ଜମ୍ବୁଦ୍ୱୀପର କ୍ଷତ୍ରୀୟ ମାନଙ୍କୁ ବିନାଶ କରିଥିଲେ। ଦଶରଥ ସେତେବେଳେ ଛୁଆଟିଏ ହୋଇଥିବାରୁ ତାଙ୍କୁ ନ ମାରି ଛାଡି ଦେଇଥିଲେ ଏବଂ ସେ କ୍ଷତ୍ରୀୟ ମାନଙ୍କୁ ଖୋଜିବା ସମୟରେ ମିଥିଳା ଦେଶର ରାଜା ଜନକଙ୍କ କନ୍ୟା ସୀତାଙ୍କ ସ୍ୱୟଂମ୍ବର ଠାରେ ପହଞ୍ଚିଲେ। ସେତେବେଳେ ଅଯୋଧାର ଦଶରଥ ପୁତ୍ର ଶ୍ରୀରାମ ଶିବ ଧନୁକୁ ଭଙ୍ଗ କରିବା ପରେ ସୀତା ଶ୍ରୀରାମଙ୍କ ଗଳାରେ ପୁଷ୍ପମାଳା ପ୍ରଦାନ କରୁଥିଲେ। ସେତେବେଳେ ପର୍ଶୁରାମ ସେଠାରେ ପହଞ୍ଚ ଶ୍ରୀରାମଙ୍କୁ କହିଲେ, 'ତମେ କିଏ?' ଗୋଟେ ପୁରୁଣା ଧନୁକୁ ଭାଙ୍ଗିକରି ବୀରତ୍ୱ ଦେଖାଉଅଛ। ନିଅ ମୋର ଏ ଧନୁକୁ ଭାଙ୍ଗିଲ ଦେଖି?

(କ୍ରମଶଃ)

+ମଣ୍ଡଗାଁ, ବରୁଣସିଂ,
ବାଲେଶ୍ୱର

## ବାଲେଶ୍ୱର କଣ ସତରେ ସରକାରଙ୍କ ଦୃଷ୍ଟିରୁ ବାହାରେ ?

ସୁବ୍ରତ କର



ଯଦି ଏହା ସତ ହୁଏ ତେବେ ଆମର ବଛା ହୋଇଥିବା ଲୋକ ପ୍ରତିନିଧିମାନେ କଣ କରୁଛନ୍ତି ? ସରକାର କଣ ସତରେ ଆମେ ବାଛିଥିବା ପ୍ରତିନିଧିମାନଙ୍କୁ ଠିକ୍ ଭାବରେ ଗ୍ରହଣ କରୁନାହାନ୍ତି। କାରଣ ଏବେ କିଛି ଆଗ ଧାଡ଼ିର ନେତାମାନେ ଖବରକାଗଜ ମାଧ୍ୟମରେ ବିବୃତ୍ତି ରଖିଛନ୍ତି ଯେ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ। ଜିଲ୍ଲାରେ ବହୁତ କାର୍ଯ୍ୟକ୍ରମକୁ ହାତକୁ ନିଆହୋଇଛି ଏବଂ ଏହାପାଇଁ ଖୁଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ଭିତ୍ତି ନେଇଛନ୍ତି କିନ୍ତୁ କେଉଁ ଜାଗାରେ ଅଟକ ରହିଛି ? ୧୧ ବର୍ଷ ତଳେ ବସ୍ ଷ୍ଟାଣ୍ଡ ରେମୁଣା ଗୋଲାଇଠାରେ ହବାପାଇଁ ଠିକ୍ ହୋଇଥିଲା। ବାଲେଶ୍ୱର ସହରର ୨୦୧୧ ମସିହାର ଜନଗଣନା ଅନୁସାରେ ଲୋକସଂଖ୍ୟା ଏକ ଲକ୍ଷ ଷାଠିଏ ହଜାର ଏବଂ ସହରର ଉପକଣ୍ଠରେ ଥିବା ବାସିନ୍ଦାମାନଙ୍କୁ ହିସାବକୁ ନେଲେ ପ୍ରାୟ ୨ ଲକ୍ଷ ଟପିବ। ବହୁତ ଦିନ ତଳେ ବାଲେଶ୍ୱର ସହର ପାଇଁ ଏକ ରିଙ୍ଗବନ୍ଧ ହେବାପାଇଁ ଯୋଜନା ହେବା ପରେ ଅଟକି ରହିଯାଇଛି। ଏହି ବନ୍ଧଟି ସହରର ଉପକଣ୍ଠରେ ହୋଇପାରିଲେ ବାହାରୁ ଆସୁଥିବା ବା ସହରର ବାହାରକୁ ଯିବାପାଇଁ ଲୋକଙ୍କ ସୁବିଧା ହୋଇପାରନ୍ତା। ବେଶ କିଛି ବର୍ଷ ତଳେ କୋଷ୍ଟ କେନାଲକୁ ଖୋଳି ନୂଆ ଜୀବନ ଦେବାପାଇଁ ଚେଷ୍ଟା ହୋଇଥିଲା। କିନ୍ତୁ ସେ ଯୋଜନା ମଧ୍ୟ ଥମିଯାଇଛି। ପ୍ରଶ୍ନ ହେଉଛି ଏହିସବୁ ମୂଳ ଯୋଜନା ସହରକୁ ଏବଂ ବାଲେଶ୍ୱର ବାସିନ୍ଦାକୁ ଏ ପର୍ଯ୍ୟନ୍ତ କାହିକି ମିଳିନାହିଁ ଏବଂ କେବେ ମିଳିବ ? ସରକାର ଏହା ସ୍ୱଷ୍ଟିକରଣ ଦେବା ଉଚିତ୍। ମୋ ଜାଣିବାରେ ବାଲେଶ୍ୱର ଜିଲ୍ଲାରେ ସବୁଠାରୁ ବଡ଼ କଲେଜ ପାଇଁ ତିଆରି ହେଉଥିବା ଡାକ୍ତରଖାନା। ଏବେ ଏହି ଯୋଜନାର ମୂଲ୍ୟାଙ୍କନ ହୋଇଛି ୨୪୫ କୋଟି ଟଙ୍କା ଏବଂ ଏହା ୩ ବର୍ଷ ପରେ ପହଂଚିପାରେ ୩୦୦ କୋଟି ଟଙ୍କା। ହଁ ବାଲିଆପାଳଠାରେ ଟାଟା ସହାୟତାରେ ବନ୍ଦର ଭିତ୍ତିକ ବଡ଼ ଯୋଜନା ଏବେ ମଧ୍ୟ ଝୁଲା ଅବସ୍ଥାରେ ଅଛି। ସେଠିକାର ବାସିନ୍ଦା ଏହାକୁ ଗ୍ରହଣ କରିବେ କି ନାହିଁ ଠିକ୍ ନାହିଁ। କିଛିଦିନ ତଳେ ଏହାର ସମାଧାନ ପାଇଁ ଆର.ଡି.ସି (କେନ୍ଦ୍ରାଂଚଳ) ଏବଂ କଲେକ୍ଟର ବାଲିଆପାଳ ଯାଇଥିଲେ ଏବଂ ସରକାରଙ୍କ ପାଖରେ ସେମାନେ ତାଙ୍କର ମତ ରଖିଥିବେ। ସବୁ ଜିଲ୍ଲା କିଛି ନା କିଛି ଯୋଜନା ଦ୍ୱାରା ସରକାରଙ୍କ ଦ୍ୱାରା ଲାଭବାନ ହୋଇପାରୁଛନ୍ତି। କିନ୍ତୁ ବାଲେଶ୍ୱରର କଥା ଆସିଲାବେଳକୁ ସବୁ ଚୁପ୍ ଚାପ୍। ଚୁପ୍ ଚାପ୍ ସରକାର, ଚୁପଚାପ ଆମର ଜନ ପ୍ରତିନିଧି ଏବଂ ଶେଷରେ ଆମ୍ଭେମାନେ। ସହରର ଦୁଇଟିଯାକ ଅନୁଷ୍ଠାନ ମେଡିକାଲ କଲେଜ ଏବଂ ୟୁନିଭରସିଟି (୨ଟି ଯାକ ଫକୀରମୋହନଙ୍କ ନାମରେ ନାମିତ) ବାଲେଶ୍ୱର ବାସିନ୍ଦାଙ୍କ ସହଯୋଗ ଏବଂ ଚେଷ୍ଟାରେ ହୋଇଛି। ଏଥିରେ କୌଣସି ରାଜନୈତିକ ନେତା ବା ଦଳ ଦାବି କରିପାରିବେ ନାହିଁ ଯେ ତାଙ୍କର ସାହାଯ୍ୟ ଏବଂ ଚେଷ୍ଟା ଏଥିରେ ଲାଗିଛି। ଏବେ ଅନୁରୋଧ ଦଳ ହେଉ ବା ନେତା ହେଉଁ ତାଙ୍କର ଦାୟିତ୍ୱ ନଭୁଲି ଏକତ୍ରୀତ ହୋଇ କିଛି ନୂଆ ଯୋଜନା ଆଣିବାପାଇଁ ଚେଷ୍ଟା କରନ୍ତୁ ଏବଂ ବାଲେଶ୍ୱରବାସୀଙ୍କୁ ଖୁସି କରାନ୍ତୁ।

## କବିତା କୋଣାର୍କ

### 'ଆମ ଗାଆଁର ପ୍ରଭାତ'...

ଅମୂଲ୍ୟ କୁମାର ପଣ୍ଡା



ପୂରୁବ ଦିଗରୁ ରକ୍ତିମ ଅରୁଣ
ସୁନେଲି ମୁରୁଜ ନେଇ
ପ୍ରକାଶେ ଧରାକୁ ନବ ବଧୂ ପରି
ସୁନ୍ଦରୀ ସଜାଇ ଦେଇ।

ଉଠି ବିହଙ୍ଗମେ ଖାଦ୍ୟ ଅନ୍ୱେଷଣେ
କିଚିରି ମିଚିରି କରି
ଉଡିଲେ ଗଗନେ ଅତି ଆନନ୍ଦରେ
କେତେ ଆଶା ମନେ ଭରି।

ସରସେ ପ୍ରସ୍ଫୁଟି ପାଖୁଡା ବିସ୍ତାରି
କମଳିନୀ ହସି ଉଠେ
ସରାଗ ମନରେ ଚାଷୀ ଭାଇ ଆମ
କର୍ତ୍ତବ୍ୟରେ ତାର ଛୁଟେ।

ନିଦ୍ରା ତେଜି ସୁପ୍ତ ଜନଗଣ ଏବେ
କର୍ମରେ ତତ୍ପର ହେଲେ
ନୀଳ ଆକାଶରୁ ଶଶି ତାରା ଗଣ
କିରଣେ ବିଦାୟ ନେଲେ।

ବିଦ୍ୟାଳୟ ଅଭିମୁଖେ ବାହାରିଲେ
ପଢିବାକୁ ଛାତ୍ରଛାତ୍ରୀ
ବିଷର୍ଣ୍ଣ ଭାବକୁ ତେଜି କର୍ମେ ଗଲେ
ପଥ ପରେ ପଥ ଯାତ୍ରୀ।

ସକାଳର ନଈ ଯାଉଥାଏ ବହି
କଳ କଳ ରାବ କରି
ସ୍ନାନ ସାରି ସଦ୍ୟସ୍ନାତା ଗ୍ରାମବଧୂ
କଳସୀକୁ ଫେରେ ଧରି।

ବିପ୍ର ମନ୍ତ୍ରେ ଉଲ୍ଲସିତ ଦେବାଳୟ
ସୁନ୍ଦର ପ୍ରଭାତ ଶୋଭା
ବନ୍ଦେ ନବବଧୂ ଚଉଁରା ମୂଳରେ
ସୌନ୍ଦର୍ଯ୍ୟଟି ମନଲୋଭା।

ଆସ ଆସ ମୋର ପ୍ରିୟ ପରିଜନ
ସାହସ ମନରେ ଭରି
ଆଗେଇବା କାମେ ହରସ ମନରେ
ସଦ୍-ଗୁରୁ ନାମ ଧରି ।

+ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ :- ୯୯୩୮୯୦୬୦୭୦

### ତୁମକୁ ଦେଖିଲା ପରେ...

ରାମ ଚନ୍ଦ୍ର ପ୍ରଧାନ



ଗପିବାକୁ ମୋତେ ଭଲ ଲାଗେ ନାହିଁ
କେବେ ତ କାହା ସାଥିରେ
ହେଲେ କାହିଁ ଆଜି ବେଶି ମୁଁ ଗପୁଛି
ତୁମକୁ ଦେଖିଲା ପରେ ।

ଚାହିଁବାକୁ ମୋତେ ଭଲ ଲାଗେ ନାହିଁ
କେବେ କାହାକୁ ଆଖିରେ
ହେଲେ କାହିଁ ଆଜି ବେଶି ମୁଁ ଚାହୁଁଛି
ତୁମକୁ ଦେଖିଲା ପରେ।

ହସିବାକୁ ମୋତେ ଭଲ ଲାଗେ ନାହିଁ
କେବେ ତ କାହା ପାଖରେ
ହେଲେ କାହିଁ ଆଜି ବେଶି ମୁଁ ହସୁଛି
ତୁମକୁ ଦେଖିଲା ପରେ ।

ଲେଖିବାକୁ ମୋତେ ଭଲ
ଲାଗେ ନାହିଁ
କେବେ କାହା ବିଷୟରେ
ହେଲେ କାହିଁ ଆଜି ବେଶି ମୁଁ ଲେଖୁଛି
ତୁମକୁ ଦେଖିଲା ପରେ ।

ଭାବିବାକୁ ମୋତେ ଭଲ ଲାଗେ ନାହିଁ
କେବେ ତ କାହା କଥାରେ
ହେଲେ କାହିଁ ଆଜି ବେଶି ମୁଁ ଭାବୁଛି
ତୁମକୁ ଦେଖିଲା ପରେ ।

ସତ ମୁଁ କହୁଛି ବଦଳି ଯାଇଛି
ସବୁ ଭୁଲି ଜୀବନରେ
ଖୋଜୁଅଛି ତୁମ ମଧୁର ପରଶ
ତୁମକୁ ଦେଖିଲା ପରେ ।

+ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬



## ● ଧାରାବାହିକ ଆତ୍ମଜୀବନୀ ●

ଭାଗ-୯

# ମୋ ସାହିତ୍ୟ ସାଧନା: ତିକ୍ତ ମଧୁର ଅନୁଭବ

ରମାକାନ୍ତ ବେହେରା



**(ପୂର୍ବ ପ୍ରକାଶିତ ଉତ୍ତାରୁ)**

କିନ୍ତୁ ସବୁଠୁ ସ୍ମରଣୀୟ ପତ୍ରଟି ମୋତେ ବିଶେଷ ପ୍ରେରଣା ଦେଲା, ତାହା ହେଲା ଭାରତ ବିଖ୍ୟାତ ସଂସ୍କୃତଜ୍ଞ ରାଷ୍ଟ୍ରପତି ସମ୍ମାନିତ ପଣ୍ଡିତ ପ୍ରହ୍ଲାଦ ମିଶ୍ରଙ୍କ ତା ୩/୧୧/୧୯୯୪ ରାତ୍ରି ୯/୧୫ରେ ବଳଦେବ ଜିଉ କେନ୍ଦ୍ରପଡ଼ାରୁ ଲିଖିତ ପତ୍ର ଯାହା ପ୍ରଶଂସା କଲେ ଲେଖୁନାହିଁ- ପିତାମାତା, ବିଶେଷତଃ ମା' ସ୍ୱର୍ଗରେ ଥାଇ ୯୫ ବର୍ଷର ଜଣେ ବୃଦ୍ଧଙ୍କଠାରୁ ସମ୍ମାନ ପାଇଲେ ମୋ ପାଇଁ ଏହାଠୁ ଗୌରବ ଜନକ ପ୍ରାପ୍ତି ଆଉ କ'ଣ ଅଛି ?

ପତ୍ରଟି ଏଯାଏଁ ସାଇତି ରଖିଛି କେବଳ ନୁହେଁ 'ବିଶ୍ୱଭାଷା ସଂସ୍କୃତ : ଏ ବିସ୍ମୟ' ଗବେଷଣା ପୁସ୍ତକଟିରେ ପ୍ରଥମେ ଏ ପତ୍ରର ଫଟୋଷ୍ଟାଟ କପି ଛପାଇଛି । ମୋ ଲେଖାଟିକୁ ତାଙ୍କ ଦୃଷ୍ଟିକୁ ଆଣିଥିବା ମୋର ଅଜଣା, ଅଥଚ ମୋର ଜଣେ ପ୍ରିୟ ପାଠକ ଶିକ୍ଷକ ଶ୍ରୀ ନିତ୍ୟାନନ୍ଦ ଦାଶଙ୍କୁ ମଧ ଅଜସ୍ର ଧନ୍ୟବାଦ ଜ୍ଞାପନ କରୁଛି ।

ସେଇ ପତ୍ରର ପ୍ରେରଣାରେ ହିଁ ସଂସ୍କୃତ ଅନଭିଜ୍ଞ ହୋଇବି ବହିଟି ଲେଖିଲି । କିନ୍ତୁ ଦୁର୍ଭାଗ୍ୟ ସେହି ପିତୃପ୍ରତିମ ପରମ ପୂଜ୍ୟ ଯାହାଙ୍କୁ ମୁଁ ଜୀବନରେ ଦେଖିନଥିଲି, ବହିଟି ଉପହାର ଦେବା ବେଳକୁ ସେ ସ୍ୱର୍ଗରେ ।

ପ୍ରକୃତରେ ସନ୍ତରଣ ନଜାଣି ସମୁଦ୍ରକୁ ଲମ୍ଫ ପ୍ରଦାନ ଭଳି ମୋର ଏ ସାଧନା । ଗୋଟିଏ ଝୁଙ୍କରେ ଲେଖିଗଲି ସିନା କିନ୍ତୁ ତାହା ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବାର ନିଷ୍ଫଳ ପ୍ରଚେଷ୍ଟା କି ନୁହେଁ କିପରି ଜାଣିବି ? ତେଣୁ କୌଣସି ବିଶିଷ୍ଟ ସଂସ୍କୃତଜ୍ଞଙ୍କୁ ପ୍ରଥମେ ପଢ଼ାଇ ତାଙ୍କ ମତ ନେବା ପାଇଁ ଉଚିତ୍ ଭାବି 'ଅମୃତବାଣୀ' ପ୍ରତିଷ୍ଠାନର ପ୍ରତିଷ୍ଠାତା ତଥା ରାଜ୍ୟ ସଂସ୍କୃତ ସଂଗଠନର ସମ୍ପାଦକ ବାଲେଶ୍ୱରବାସୀ ପଣ୍ଡିତ ଡ. କୁମାର ମିଶ୍ରଙ୍କୁ ପଢ଼ିବା ପାଇଁ ଡି.ଟି.ପି କପିଟି ଦେଲି ।

କିଛିଦିନ ବିତିଗଲା । ମୁଁ ମୋର ଅନ୍ୟାନ୍ୟ ରଚନା ଏବଂ ପାରିବାରିକ କର୍ମ ବ୍ୟସ୍ତତାରେ ବୁଡ଼ି ରହିଲି । ହଠାତ୍ ଦିନେ ରାତି ଏଗାରଟା ବେଳେ ନିଦ୍ରିତ ଥିବାବେଳେ ଫୋନ ବାଜି ଉଠିଲା । ମୁଁ ତ୍ରସ୍ତ ହୋଇ ଫୋନ୍ ଉଠାଇ ଶୁଣିଲି - ଆଜ୍ଞା ପ୍ରଥମେ ଆପଣଙ୍କୁ ପ୍ରଣାମ ଜଣାଇ କ୍ଷମା ମାଗୁଛି ଆପଣଙ୍କ ନିଦ ଭାଙ୍ଗିବାକୁ ମୁଁ ବାଧ ହେଲି, ଦୁଃସମ୍ବାଦ ନୁହେଁ ସୁସମ୍ବାଦ, ବ୍ୟସ୍ତ ହେବେ ନାହିଁ ।

- ଆଜ୍ଞା ଆପଣ କିଏ ? କେଉଠୁଁ କହୁଛନ୍ତି ।

- ମୁଁ ତିରୁପତିରୁ କହୁଛି, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ଡ. ହରେକୃଷ୍ଣ ଶତପଥୀ ।

ମୁଁ ଆଶ୍ଚର୍ଯ୍ୟ ହେଲି, ଆପଣଙ୍କ ଭଳି ମହାନ ବିଦ୍ୱାନ ଏତେ ରାତିରେ ମୋତେ ସ୍ମରଣ କରୁଛନ୍ତି, ଏହା ମୋର ଭାଗ୍ୟ, ଆପଣ ପରମଜ୍ଞାନୀ ବର୍ଣ୍ଣଶ୍ରେଷ୍ଠ ବ୍ରାହ୍ମଣ, ବରଂ ମୋର ନମ୍ର ପ୍ରଣତି ନିଅନ୍ତୁ । ତେବେ ଆପଣ ଏତେ ରାତିରେ ସ୍ମରଣ କରୁଛନ୍ତି । ମୋର ଫୋନ ନମ୍ବର ଏବଂ ମୋତେ କିମିତି ଜାଣିଲେ ?

ଆପଣଙ୍କ ବହିର ମାତ୍ର ଦିଓଟି ଅଧ୍ୟାୟ ପଢ଼ିଛି, ଆଜି ରାତି ବରଂ ଉଜାଗର ରହିବି, ବହିଟି ସଂପୂର୍ଣ୍ଣ ପଢ଼ିବି, କିନ୍ତୁ ତା' ପୂର୍ବରୁ ପ୍ରଣାମ ନଜଣାଇ ରହି ପାରିଲି ନାହିଁ । ଆପଣ ଯଥାର୍ଥରେ ସରସ୍ୱତୀଙ୍କର ବରପୁତ୍ର ।

ମୁଁ ଆଶ୍ଚର୍ଯ୍ୟ, ନମ୍ର ଭାବରେ ପଚାରିଲି ମୋ ବହି, କି ବହି ?

- ବିଶ୍ୱଭାଷା : ସଂସ୍କୃତ ଏକ ବିସ୍ମୟ ।

- ତାହାତ ପାଣ୍ଡୁଲିପି ଆକାରରେ ଅଛି, ଛପା ତ ହୋଇନି, ଡ. କୁମାର ମିଶ୍ରଙ୍କୁ ମୁଁ କେବଳ ଡି.ଟି.ପି. କପି ପଢ଼ିବାକୁ ଦେଇଥିଲି ଆପଣ ପାଇଲେ କିମିତି ?

- ଆପଣଙ୍କୁ କୁମାର ବାବୁ କିଛି କହିନାହାନ୍ତି ? ସେ ତିରୁପତି ଆସିଛନ୍ତି, ମୋ ପାଖରେ ବସିଛନ୍ତି, ଆପଣଙ୍କ ସେଇ ଡି.ଟି.ପି. ମୋତେ ଦେଲେ, ମୁଁ ତ ସଂଧ୍ୟାରୁ ପଢୁଛି, ମୁଁ ଆଶ୍ଚର୍ଯ୍ୟ, ଆପଣ ଜଣେ ସଂସ୍କୃତ ଅନଭିଜ୍ଞ ବ୍ୟକ୍ତି, ପୁଣି କଲେଜ ପଢ଼ି ନାହାନ୍ତି, ଆନୁଷ୍ଠାନିକ ଶିକ୍ଷା ନଥାଇ ଜଣେ ଏଭଳି ଲେଖିପାରେ ଯାହା ଆମର ହଜାର ବର୍ଷର ସ୍ୱପ୍ନକୁ ସାର୍ଥକ କରିଛି । ଆମର ସ୍ୱପ୍ନ ଥିଲା ସଂସ୍କୃତର ଅତୀତ ବର୍ତ୍ତମାନ ନେଇ ତାର ବିଶ୍ୱବ୍ୟାପ୍ତ ଅବଦାନ ଉପରେ ସଂକ୍ଷେପରେ ଏକ ଗ୍ରନ୍ଥ ଲେଖାଯାନ୍ତା, ଆମେ ଯେଉଁମାନେ ଉଚ୍ଚପଦମଣ୍ଡନ କରି ସମସ୍ତ ସମ୍ମାନ, ସରକାରୀ ସୁବିଧା ଭୋଗ କରୁଛୁଁ, ପାଠ୍ୟପୁସ୍ତକ ରଚନାରେ ବ୍ୟସ୍ତ ଅର୍ଥ ପାଇଁ, ଅନ୍ୟ ଗବେଷଣା ବି କରୁଛୁଁ କିନ୍ତୁ ଏ ଦୁରୂହ ସାଧନ ପ୍ରତି ବୀତସ୍ପୃହ; କାରଣ ଏଭଳି ଦୁର୍ଲଭ ସାଧନା କେବଳ ଇଂରାଜୀ ଓ ସଂସ୍କୃତ ବିଜ୍ଞ ମନୀଷୀଙ୍କ ଦ୍ୱାରା ଅକ୍ସଫୋର୍ଡ଼, କେମ୍ବ୍ରିଜ୍ ଆଦି ବିଖ୍ୟାତ ବିଶ୍ୱବିଦ୍ୟାଳୟରେ ଥାଇ ବିଶାଳ ଗ୍ରନ୍ଥ ଭଣ୍ଡାର ଆଜୀବନ ଅଧ୍ୟୟନ ଅଧ୍ୟବସାୟ କରି ହୁଏତ ଲେଖିବା ସମ୍ଭବ ମାତ୍ର ଆପଣ ବାଲେଶ୍ୱରରେ ବସି ସଂସ୍କୃତରେ ଗଭୀର ଜ୍ଞାନ ନଥାଇ କିମିତି ଏଭଳି ଗ୍ରନ୍ଥ ରଚନା କଲେ ? ସଂସ୍କୃତ ତ ବିସ୍ମୟ, କିନ୍ତୁ ଆପଣ ବି ସ୍ୱୟଂ ତା'ଠାରୁ ଅଧିକ ବିସ୍ମୟ ।

ଏକଟଣା ଏତେ ପ୍ରଶଂସା ଶୁଣି ନମ୍ର ଭାବେ କହିଲି-ଆଜ୍ଞା ଆପଣଙ୍କ ଭଳି ଜଣେ ଦେଶର ବିଖ୍ୟାତ ଧୀମାନ ବ୍ୟକ୍ତିଙ୍କ ମୁଖରୁ ଏହା ଶୁଣିବା ମୋର ସୌଭାଗ୍ୟ । କିନ୍ତୁ ଅନୁରୋଧ, ପ୍ରଶଂସା ନୁହେଁ ଆପଣଙ୍କ ଯାହା ଯଥାର୍ଥ ହୃଦବୋଧ ତାହାହିଁ ସଂକ୍ଷେପରେ ଲେଖିଦେଇ ପାରିବେ କି ?

- କାହିଁକି ପାରିବି ନାହିଁ ? ମୋ ପ୍ୟାଡ଼ରେ ମୋ ଅଭିମତ ଲେଖି କୁମାର ବାବୁଙ୍କ ହାତରେ ପଠାଇ ଦେବି । ବହିଟି କୌଣସି ନାମକରା ପ୍ରକାଶକଙ୍କ ଦ୍ୱାରା ପ୍ରକାଶ କରାଇ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଉନ୍ମୋଚିତ କରାଇବା, ମୁଁ ନିଜେ ଆପଣଙ୍କୁ ସମ୍ବର୍ଦ୍ଧିତ କରିବି ।

ଅବଶ୍ୟ ସେ ତାଙ୍କର ଅଭିମତ ଲେଖିଦେଲି ମାତ୍ର ଜୁଆର ବେଳର ପରିବ୍ୟାପ୍ତି ବେଶି କ୍ଷଣ ରହେନା । ଅଚିରେ ଭଟ୍ଟା ଆସେ । ମଣିଷର ମନର ବି, କିନ୍ତୁ ନଦୀ, ସମୁଦ୍ରରେ ଭଟ୍ଟାପରେ ପୁଣି ଜୁଆର ଆସେ ମାତ୍ର ମଣିଷ ମନରେ ଥରେ ଭଟ୍ଟା ଆସିଲେ ପୁଣି ଜୁଆର ଆସିବା କ୍ୱଚିତ ଘଟେ । ମୋର ଭାଗ୍ୟରେ ତାହା ହିଁ ହେଲା । ସେ ବିରାଟ ଲୋକ, ଥରେ ଭାବାବେଗରେ ଉଚ୍ଛ୍ୱସିତ ହୋଇ ଉଠିଥିଲେ, ମାତ୍ର ଏ ନେଇ ଧ୍ୟାନ ଦେଲେ ନାହିଁ ।

ମୋର ଅନ୍ୟତମ ହିତୈଶୀ ବନ୍ଧୁ ଅଧ୍ୟାପକ ଗୌରୀ କୁମାର ରଥ ତଥା ଜାତୀୟ ସାହିତ୍ୟ ପ୍ରକାଶନୀର କଟକ ଶାଖାର ମୁଖ୍ୟ ପ୍ରଫେସର ଗୋପାଳ ଚନ୍ଦ୍ର ମହାପାତ୍ରଙ୍କ ପ୍ରଚେଷ୍ଟାରେ ତାହା ଜାତୀୟ ସାହିତ୍ୟ ପ୍ରକାଶନୀ କଟକ ଦ୍ୱାରା ପ୍ରକାଶିତ ହୋଇ କଟକ ଶ୍ରୀରାମଚନ୍ଦ୍ର ଭବନରେ ବହୁ ବିଦ୍ୱାନଙ୍କ ସମାବେଶରେ ତା ୨୦/୦୯/୧୫ରେ ଉନ୍ମୋଚିତ ହେଲା । ପ୍ରଫେସର ଡ. ଶତପଥୀଙ୍କୁ ରେଜେଷ୍ଟ୍ରି ଡାକରେ ବହିଟି ଉପହାର ପଠାଇଥିଲେ ବି କୌଣସି ଉତ୍ତର ପାଇଲି ନାହିଁ । ପରେ ବାଲେଶ୍ୱରରେ ଏକ ସଂସ୍କୃତ ରାଜ୍ୟସ୍ତରୀୟ ମହାସମ୍ମିଳନୀକୁ ଆସି ମୋତେ ଖୋଜିଲେ ନାହିଁ କି କୁମାର ବାବୁ ବି ମୋତେ ମନେ ପକାଇଲେ ନାହିଁ । ଅନିମନ୍ତ୍ରିତ ଭାବେ ମୁଁ ବି ଗଲି ନାହିଁ ବା ଅଯାଚିତ ଭାବେ ସାକ୍ଷାତ କରି ଆତ୍ମ ପରିଚୟ ଦେଲି ନାହିଁ । ଜଗନ୍ନାଥ ବିଶ୍ୱବିଦ୍ୟାଳୟ ଦ୍ୱାରା ବହି ଉନ୍ମୋଚନ ବା ସମ୍ବର୍ଦ୍ଧନା କଥା ଦୂରେଥାଉ ସେ ପ୍ରାୟ ସଂପୂର୍ଣ୍ଣ ଭୁଲିଗଲେ ବା ଜାଣି ଜାଣି ଉପେକ୍ଷା କଲେ ମୁଁ ଜାଣେନା ।

ତଥାପି ମୁଁ ତାଙ୍କଠାରେ ଋଣୀ, କୁମାର ବାବୁଙ୍କଠାରେ ବି । ଡ. ହରେକୃଷ୍ଣ ଶତପଥୀଙ୍କ ଅଭିମତ ବହିଟିର ଗୌରବ, ସେ ମୋତେ 'ସରସ୍ୱତୀଙ୍କ ବରପୁତ୍ର' ଲେଖିଲେ ମୁଁ ନିଜକୁ ସଂକୁଚିତ ମନେ କଲି, ଏହା ଯେମିତି ମୋର ଅଧିକ ପ୍ରାପ୍ୟ । ସାମାନ୍ୟକୁ ସେଭଳି ବିଦ୍ୱାନ ଅସାମାନ୍ୟ କହିବା ମୁଁ ଆଶା କରି ନଥିଲି ।

ବହିଟିର ପରିବର୍ଦ୍ଧିତ ୨ୟ ସଂସ୍କରଣ ୨୦୧୭ରେ ସେଇ 'ଜାତୀୟ ସାହିତ୍ୟ ପ୍ରକାଶନୀ' ସଂସ୍ଥା ଦ୍ୱାରା ପ୍ରକାଶ ପାଇଲା । ଆନନ୍ଦର କଥା ବହିଟି ସୁଲେଖକ ରବୀନ୍ଦ୍ର ନାଥ ପାତ୍ରଙ୍କ ଦ୍ୱାରା ବଙ୍ଗଳାରେ ଅନୂଦିତ ହୋଇ କଲିକତାର ବଙ୍ଗଭବନରେ ବହୁ ବିଦ୍ୱାନଙ୍କ ସମାବେଶରେ ଉନ୍ମୋଚିତ ହେଲା । ଉଦ୍‌ଘାଟକ ଗୌରବଙ୍ଗ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଗୋପାଳଚନ୍ଦ୍ର ମିଶ୍ର ବହିଟିର ଭୂୟସୀ ପ୍ରଶଂସା କଲେ । ଭାରତୀୟ ଗବେଷଣା ସାହିତ୍ୟରେ ଏହା ଏକ ଉଲ୍ଲେଖଯୋଗ୍ୟ କୃତି ବୋଲି ମତ ପ୍ରକାଶ ସହ ଏକ ଅଭିମତ ମଧ ଲେଖିଥିଲେ ।

ଏହାର ହିନ୍ଦୀ ଅନୁବାଦ ମଧ ପ୍ରକାଶ ଅପେକ୍ଷାରେ ରହିଛି, ଆନନ୍ଦର କଥା ମୈଥିଳୀ ସାହିତ୍ୟର ମହାନ ବିଦ୍ୱାନ ପ୍ରଫେସର ଡ. ଉଦୟନାଥ ଝା ଏହାକୁ ମୈଥିଳୀ ଭାଷାରେ ଅନୁବାଦ କରି ପ୍ରକାଶ କରିବା ପାଇଁ ମୋର ସମ୍ମତି ନେଇଛନ୍ତି, ଏଥିପାଇଁ ମୁଁ ଅଧ୍ୟାପକ ଗୌରୀ ପ୍ରସାଦ ରଥଙ୍କୁ ଯୋଗାଯୋଗ ପାଇଁ ତାଙ୍କ ଠାରେ କୃତଜ୍ଞ ।

ବହିଟି ସମ୍ବନ୍ଧରେ ଆଉ କିଛି ସ୍ମୃତି ରହିଛି । ମାତ୍ର ଦି ତିନିଟି ସ୍ମରଣ କରୁଛି । ଅଯୋଧ୍ୟା ଗ୍ରାମର ସୁସାହିତ୍ୟିକ ଶ୍ରୀବଟକୃଷ୍ଣ ଖୁଣ୍ଟିଆ ମୋର ଜଣେ ବନ୍ଧୁ, ଏ ଲେଖକଙ୍କୁ ଈର୍ଷାକରେ । ମାତ୍ର ଜ୍ଞାନ ପିଆସୁ ଉଦାର ହୃଦୟର ଲେଖକଙ୍କ ସାନ୍ନିଧ ଏକ ପରମ ଗୌରବ, ଏକ ବିରଳ ସ୍ମୃତି । ବଟକୃଷ୍ଣ ବାବୁ ମୋର ଏ ବହିଟି ଅନ୍ୟଠୁ ପଢ଼ି ପ୍ରଥମେ ନିଜେ ଖଣ୍ଡେ କିଣିଲେ, ତାପରେ ପୁଅକୁ ପଠାଇ ଛ'ଟି ବହି କିଣିଲେ । ମୁଁ ଆଶ୍ଚର୍ଯ୍ୟ ହେଲି । ଜଣେ ପୂର୍ଣ୍ଣ ମୂଲ୍ୟ ଦେଇ ଛ' ଖଣ୍ଡ କାହିଁକି କିଣୁଛି ? ପରେ ସେ ତାଙ୍କର ଏକ ପୁସ୍ତକ ଉନ୍ମୋଚନ ଉତ୍ସବରେ ମୋତେ ଅତିଥି କଲେ । ସେଇ ସଭାରେ ସେ ପ୍ରକାଶ କଲେ ତାଙ୍କର ତିନିପୁଅ, ଦୁଇଝିଅ, ପ୍ରତ୍ୟେକ ବହିଟି ପଢ଼ି ନିଜ ପାଖରେ ଖଣ୍ଡେ ରଖିବାକୁ ଚାହିଁବାରୁ ଛ' ଖଣ୍ଡ କିଣିଲେ, ସେମାନେ ବାହାରେ ଚାକିରି କରନ୍ତି, ଘରକୁ ଆସି ବହିଟି ପଢ଼ି ବାରମ୍ବାର ପଢ଼ିବା ପାଇଁ ନିଜ ପାଖରେ ରଖିବାକୁ ନେଇଯାନ୍ତି - ଧନ୍ୟ ସେ ପରିବାର, କେବଳ ଦେଶପ୍ରେମର ଉଦ୍ଦୀପ୍ତ ପ୍ରାଣ ହିଁ ଏ ପ୍ରୟାସ ରଖେ - କାରଣ ବହିଟିରେ ଭାରତର ବିଶ୍ୱବ୍ୟାପ୍ତ ଗୌରବର ଆଲେଖ୍ୟ ରହିଛି ।

ଆଉ ଏକ ସ୍ମୃତି ସୁଦୂର ଗଞ୍ଜାମର, ଆନ୍ଧ୍ରସୀମା ନିକଟବର୍ତ୍ତୀ ଜରଦାଗଡ଼ ଅଞ୍ଚଳର କଇଁଫୁଲିଆ ଗ୍ରାମର ଶ୍ରୀ ସୁଦର୍ଶନ ଚୌଧୁରୀ ଜଣେ ସାଧାରଣ ରଚିଶୀଳ ପାଠକ । ପାଖ ସରସ୍ୱତୀ ଶିଶୁ ମନ୍ଦିରରୁ ବହିଟି ପାଇ ପାଠ କଲେ, ମୋତେ ଫୋନ୍‌ରେ ତାଙ୍କର ମନକଥା ଜଣାଇ ଅନ୍ୟ ବନ୍ଧୁମାନଙ୍କୁ ପଢ଼ିବାକୁ ପ୍ରେରଣା ଦେଲେ । ସେମାନେ ବହି ପାଠ ମାତ୍ରେ ଖଣ୍ଡିଏ ଲେଖାଏଁ ରଖିବାକୁ ଇଚ୍ଛାକଲେ । ତେଣୁ ଉପଯୁକ୍ତ ମୂଲ୍ୟ ପଇଠ କରି ଡାକରେ ଦଶଖଣ୍ଡ ସଂଗ୍ରହ କଲେ ।

ଏ ଦୁଇ ଜଣା ଅଜଣା ପାଠକଙ୍କ ହୃଦ୍ୟ ସଂପର୍କ ମୋ ପାଇଁ ଅଭୁଲା ସ୍ମୃତି ।

ବାଲେଶ୍ୱରରେ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ଏବଂ ମୂର୍ଦ୍ଧନ୍ୟ ବୁଦ୍ଧିଜୀବଙ୍କ ଏକ ସମ୍ମିଳନୀରେ ଭାରତର ବିଶ୍ୱକୁ ଅବଦାନ ସମ୍ବନ୍ଧରେ ମୋର ବକ୍ତବ୍ୟ ଶୁଣିଲା ପରେ ଅଧିକାଂଶଙ୍କ ପ୍ରଶ୍ନ ଥିଲା କେଉଁ ସୂତ୍ରରୁ ଏସବୁ ତଥ୍ୟ ମିଳିବ-ମୋର ଏ ବହିଟି ଜାଣିଲା ପରେ କେତେଜଣ ପ୍ରାଜ୍ଞ ଜ୍ଞାନ ଲିପ୍ସୁ ବିଦ୍ୱାନ୍ ସେ ପୁସ୍ତକଟିକୁ ଆଗ୍ରହରେ ସଂଗ୍ରହ କଲେ ।

ଏହାର ବିପରୀତ ଦୁଃଖଦ ସ୍ମୃତି ବି ରହିଛି । ତାହା ଘୃଣା ଓ ଲାଞ୍ଛନାର । ଏ ଯୁଗରେ ବି ଜଣକୁ ଜନ୍ମ ପାଇଁ ଅସ୍ପୃଶ୍ୟ ଘୃଣ୍ୟ ଦୃଷ୍ଟିରେ ନାକ ଟେକିବା, ନିଜେ ବା ଅନ୍ୟ କେହି ଜନ୍ମ ସୂତ୍ରରେ ବ୍ରାହ୍ମଣ, ବିଦ୍ୱାନ ହେଉ କି ସାତମୂର୍ଖ ଫକୀରମୋହନଙ୍କ ଭାଷାରେ 'ଚିତା ପଇତା ଦି ହୀନ/ ବିଲୁରୁ ଚିପନ୍ତି ମୀନ/ ସଭାରେ ନଫିଟେ ପାଟି/ ନାମଟି ସୁନ୍ଦର ତ୍ରିପାଠୀ' ହେଉ କେବଳ ଜନ୍ମପାଇଁ ସେ ହିଁ ଉଚ୍ଚ, ପୂଜ୍ୟ- ଏ ବଦ୍ଧ ଧାରଣା ଅନେକ ବିଦ୍ୱାନ ବ୍ରାହ୍ମଣଙ୍କ ମଗଜରୁ ଏଯାଏଁ ଧୋଇଯାଇ ନାହିଁ । ଏବେ ବି ଉଚ୍ଚବର୍ଣ୍ଣରେ ଜନ୍ମ ପାଇଁ ସେମାନେ ମଦମତ୍ତ ।

(କ୍ରମଶଃ)


+ସାଧନାଳୟ, ବିକାଶନଗର,
ବାଲେଶ୍ୱର, ମୋ: ୯୪୩୭୭୫୪୭୯୬


## ● ଆଜିର ଗଳ୍ପ ●

# ଅସୁନ୍ଦରୀର ଅଶ୍ରୁନୀଡ଼

## କାଜଲ କାଦମ୍ବିନୀ ଖୁଣ୍ଟିଆ



ଏବେକାର ଦୁନିଆରେ ବେଶୀ ରୂପକୁ ଗୁରୁତ୍ୱ ଦିଆଯାଉଛି । କଳା ଆଉ ସାବନି ପ୍ରତି ଖୁବ୍ ହୀନମାନ୍ୟତା କରାଯାଉଛି । ସମାଜ ଏତେ କଳୁଷିତ ହୋଇଗଲାଣି ଯେ, ସୁନ୍ଦରତାକୁ ନେଇ ପ୍ରତିଯୋଗିତା ଗ୍ରାସିଛି । ଝିଅର ଭିତର ଯେତେ ଖରାପ ହେଉଥାଉ ନା କାହିଁକି ଯଦି ଉପର ଚର୍ମ ସୁନ୍ଦର ହୋଇଥିବ ତେବେ ତା ପାଇଁ ତା ବାପା ମା' ଭାଇ ଭାଉଜଙ୍କ କୌଣସି ଚିନ୍ତା ନଥିବାର ଆଶଙ୍କା ନଥିବ । ଯଦି ବି କଳା ଝିଅ ଜନ୍ମ ହୁଏ ତ, ବାପା ମାଆଙ୍କ ପାଇଁ ଏକ ପ୍ରକାର ଭାଳେଣି ପଡ଼ିଯାଏ । ଯାହା ବି ହେଲେ ଜନ୍ମ ଦେଇଛନ୍ତି ଯେତେବେଳେ ପାଳି ପୋଷି ବଡ଼ କରିବାର କର୍ତ୍ତବ୍ୟ ରହିଛି ନା... ସେମିତି ଘଟିଛି ରିନି ଜୀବନରେ...

ଏକ ଗ୍ରାମର ରିନିର ଘର । କହିବାକୁ ଗଲେ ଭାରି ଦୁଃଖିନୀ ଝିଅଟିଏ । ପରିବାର କହିଲେ, ତା'ର ବାପା ମାଆ ଭାଇ ଭାଉଜଙ୍କୁ ନେଇ ଏକ ଛୋଟ ପରିବାର । ଚଳିବା ଏତେ ଭଲ ନୁହେଁ । ଅଦିନରେ ବାପା ମାଆ ଚାଲିଗଲେ । ସବୁ ପୁଅ ଝିଅଙ୍କ ପାଇଁ ବାପା ମାଆ ଏକ ରକ୍ଷା କବଚ ଅଟନ୍ତି । ହେଲେ ବାପା ବାପା ମାଆ ଚାଲିଗଲା ପରେ ପୁଅ ଝିଅ ବେସାହାରା ହୋଇଯାଆନ୍ତି । ଆଉ ବାପା ମାଆ ଥିବା ଯାଏ ଝିଅର ଦମ୍ଭ ଥାଏ । କିନ୍ତୁ ବାପା ମାଆ ଛେଉଣ୍ଡ ହୋଇଗଲେ ସବୁ ସାହାସ ଶକ୍ତି ଆପେ ଆପେ ଅପସରି ଯାଏ । ଆଉ ଧୀରେ ଧୀରେ ବେସାହାରା ହୋଇଯାଏ ।

ଠିକ୍ ସେମିତି ରିନିର ବାପା ମାଆ ଚାଲିଗଲା ପରେ ବେସାହାରା ହୋଇଯାଇଛି ରିନି । ସେ ଏକରେ କଳା ଦ୍ୱିତୀୟରେ ବିଲକୁଲ ପାଠ ପଢ଼ିନି । ଏକଦମ କହିବାକୁ ଗଲେ ପାଠ ଘର ଶୂନ । ବାପା ମାଆ ଗଲା ପରେ ଭାଇ ଭାଉଜ ରିନି ପ୍ରତି ଘୃଣା ଭାବ ଜାତ ହେଲା । ଯାକୁ ପାଖରେ କିଏ ରଖିବ... ? ଯାକୁ କିଏ ବାହାହେବ... ? ନା ପାଠ ପଢ଼ିଛି ନା ସୁନ୍ଦର ଦେଖିବାକୁ ହେଇଛି । ଯାକୁ ପାଖରେ ରଖି ସାରା ଜୀବନ ଆମ ରାସ୍ତାର କଣ୍ଟା କରି କିଏ ରଖିବ... ?

ତେଣୁ କରି ରିନିକୁ କହିଲେ ଆମେ ତତେ ଆମ ସହିତ ରଖିପାରିବୁନି । ତୋ ବାଟ ତୁ ଦେଖ୍ । ଏହା କହି ଘରୁ ବାହାର କରି ଦେଲେ । ରିନିର ଉପାୟ ବା କ'ଣ... ? କୋଉ ବାପା ମାଆ ଅଛନ୍ତି ଯେ ତାକୁ ରୋକିବାକୁ । ନିରାଶ୍ରୀ ହୋଇ ଘରୁ ପଳେଇ ଆସିଲା । ହେଲେ ଯିବ କୋଉଠିକି... ? ବାକି ଜୀବନ ବଞ୍ଚିବ କିପରି... ? କ'ଣ କରିବ ? କୋଉଠି ରହିବ ? ଯେଉଁଠି ନିଜ ମା ପେଟର ଭାଇ, ପାଖରେ ରଖିଲେନି ଅସୁନ୍ଦରୀ ଦେଖିବାକୁ କହି । ଆଉ କିଏ ବା କାହୁଁ ତାଙ୍କ ପାଖରେ ଆଶ୍ରୟ ଦେବ । ବହୁତ ଜୋରରେ କାନ୍ଦିବାକୁ ଲାଗେ । ନିଜ ଭାଗ୍ୟକୁ ଦୋଷ ଦେବା ଛଡ଼ା ତା'ର ଆଉ ବା କ'ଣ କରିପାରିବ... ? ନିଜେ ନିଜକୁ ବହୁତ ଧିକ୍କାର କରେ । ଭଗବାନଙ୍କୁ ଗୁହାରି କରେ, ହେ ପ୍ରଭୁ ମୋ ପରି ଦୁନିଆରେ କଳା ଝିଅକୁ କେବେ ଜନ୍ମ ଦେବନି । କଳା ଅସୁନ୍ଦରୀ ଏକ ପ୍ରକାର ଅଭିଶପ୍ତା ଜନ୍ମ । ଅସୁନ୍ଦରୀ ଜୀବନରେ କେବେ ଖୁସି ନାହିଁ । ସ୍ୱପ୍ନ ଦେଖିବାକୁ ମନା । କେବେ ପୁନେଇଁର ରାତି ନାହିଁ । ସଦାବେଳେ ଅମାବାସ୍ୟାର ରାତି । ଚତୁଃପାର୍ଶ୍ୱ ଅନ୍ଧାର ହିଁ ଅନ୍ଧାର ଘେରି ରହିଥାଏ । ସୁନ୍ଦରୀଙ୍କ ନିକଟତର ହେଉଥିବା ଲୋକେ ଅସୁନ୍ଦରୀ ପାଖରୁ ଖୁବ୍ ଦୂରେଇ ଯାଆନ୍ତି ।

ଯୋଉ ବାପା ମା' କୋଳରେ ଜନ୍ମ ଦେଇଥିଲ ସେମାନେ ଛାଡ଼ିଦେଇ ଚାଲିଗଲେ । ମତେ ନିଃସ୍ୱ କରିଦେଇ । ମୁଁ କଳା ବୋଲି ମୋ ଠାରୁ ମୋ ନିଜ ଲୋକଙ୍କୁ ଭଗବାନ ଦୂରେଇ ଦେଲେ । ଆଜି ଏକାକିନୀ ହୋଇ ଘୁରିବୁଲିବି ଏତେ ବଡ଼ ଦୁନିଆରେ । କାଳିଆ ଠାକୁର କଳା ବିଶ୍ୱରେ ପୂଜିତ । ମୁଁ କଳା ବୋଲି ଘରୁ ହୁଏ ବାଛନ୍ଦ । ମୁଁ କ'ଣ ଚାହିଁଥିଲି ମୁଁ କଳା ହୁଏ । କୋଉ ଝିଅ ଚାହେଁନି ସୁନ୍ଦର ହେଉ ବୋଲି । କଳା ବୋଲି କ'ଣ ତା'ର ସ୍ୱପ୍ନ ନାହିଁ । ସେ ସ୍ୱପ୍ନ ଦେଖିଥିଲା ଯୋଉ ଭାଇ ହାତରେ ରାକ୍ଷୀ ବାନ୍ଧି ଦେଉଥିଲା ସେହି ହାତ ଭଉଣୀ ପାଇଁ ରକ୍ଷା କବଚ ହେବ ।

ସେଇ ଭାଇ ଆଜି ନିଜ ପାଖରୁ ଦୂରେଇ ଦେଇଛି । ତଥାପି ବି ଦୁନିଆ ସହିତ ସଂଘର୍ଷ କରି ବଂଚିବି । ମୋର ନୂଆ ପରିଚୟ ସୃଷ୍ଟି କରିବି । ମନକୁ ଦୃଢ଼ କଲା । ଗନ୍ତବ୍ୟ ପଥରେ ଚାଲିଲା । ଯାଇ ଯାଇ ଏକ ପ୍ରାଇଭେଟ ହସ୍ପିଟାଲରେ ପହଞ୍ଚିଲା । ଡ଼କ୍ଟରଙ୍କ ପାଦ ତଳେ ପଡ଼ି ନେହୁରା ହୋଇ କାକୁତି ମିନତି ହୋଇ କିଛି କାମ କରିବା ପାଇଁ ଅଳି କରିଲା । କହିଲା ମୁଁ ଜମା ପାଠ ପଢ଼ିନି । ମୋର ବାପା ମାଆ ନାହାଁନ୍ତି । ମୁଁ କଳା ବୋଲି ମତେ ଘରୁ ଭାଇ ଭାଉଜ ବାହାର କରିଦେଲେ । ମୁଁ ଏବେ ବଂଚିବି କେମିତି ରହିବି କୋଉଠି ଖାଇବି କ'ଣ... ?

ବଂଚିବାକୁ ହେଲେ କିଛି କାମ ତ କରିବାକୁ ପଡ଼ିବ । ମୁଁ ପାଠ ପଢ଼ିନି ପୁଣି ଦେଖିବାକୁ କଳା । କୋଉଠି ଭଲ ଚାକିରୀ କରିପାରିବିନି । ମତେ ଦୟା କରନ୍ତୁ । ଯୋଉ କାମ ଦେବେ ମୁଁ କରିବି । ମୁଁ କିଛି କରିବାକୁ ଚାହେଁ । ମୁଁ ବଂଚିବାକୁ ଚାହେଁ । ମୋ ପ୍ରତି ଆପଣଙ୍କର ଦୟା ହେଉ । ଏଣେ କହୁଥାଏ ଦୁଇ ଆଖିରୁ ଧାରା ଶ୍ରାବଣର ବର୍ଷା ଝରି ପଡୁଥାଏ । ଏଭଳି କରୁଣ କ୍ରନ୍ଦନ ଆଉ ହୃଦୟ ଭିଜା କାହାଣୀ ଶୁଣି ଡକ୍ଟର ସ୍ତବ୍ଧ ହୋଇଗଲେ । ଆଉ କହିଲେ ଆଛା ହଉ ତୁ ଏଇଠି ରହି ଧାଈ କାମ କରିବୁ । ଏତିକି ଶୁଣିଲା ପରେ ରିନି ଯେମିତି ଆକାଶର ଚାନ୍ଦ ପାଇଲା ପରି ଲାଗିଲା । ଖୁବ୍ ଧନ୍ୟବାଦ ଜଣେଇଲା । ସାର ଆପଣଙ୍କ ଏଇ ଋଣ କେବେ ସୁଝିପାରିବିନି । ରିନିର ମୁହଁରେ ଚେନାଏ ହସ ଖେଳିଗଲା ।

ଦିନ ଗଡ଼ି ମାସ ବର୍ଷ ଧୀରେ ଧୀରେ ବିତି ଗଲାଣି । ଯା ଭିତରେ ଧାଈରୁ ନର୍ସ ହୋଇଗଲାଣି । ଯିଏ ପାଠ ପଢ଼ିନି କିନ୍ତୁ ଧାଈ କାମ କରିବା ସାଙ୍ଗକୁ ଡକ୍ଟର ଆଉ ନର୍ସଙ୍କ ନିକଟତର ହୋଇବାରୁ ଭଲ ନର୍ସ ହୋଇ ପାରିଲା । ତା'ର ମନରେ ଗୋଟିଏ ଲକ୍ଷ୍ୟ ଥିଲା । ଯୋଉ ଝିଅକୁ କଳା କହି ନିଜଠାରୁ, ମୋ ପ୍ରିୟ ପରିଜନଙ୍କ ପାଖରୁ ଦୂରେଇ ଦେଲେ, ଏମିତି କିଛି ପରିଚୟ ସୃଷ୍ଟି କରି ନିଜକୁ ଗଢ଼ି ତୋଳିବି । ଯାହା ମୋର ଅତୀତର ଦୁଃଖକୁ ଭୁଲିଯିବି ।

ଏଇ ନର୍ସ କାମରେ କେତେ ମାସ ବିତିଗଲା । ଆଉ ସେ ହସ୍ପିଟାଲରେ ନ ରହି ଚାଲି ଆସିଲା କଟକର ବଡ଼ ମେଡ଼ିକାଲକୁ । ସେଠି କିଛି ବର୍ଷ ରହିଲା ପରେ ଭଲ କାମ କରିଲା । ଧୀରେ ଧୀରେ ଡକ୍ଟରଙ୍କ କାମ କରୁ କରୁ ନିଜ ଭାଗ୍ୟ ବଦଳିଗଲା । ଜୀବନରେ ସ୍ୱପ୍ନରେ ସୁଦ୍ଧା ଭାବି ନଥିବା ଯେଉଁମାନେ ଡକ୍ଟର ହେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ପାଣି ଭଳି ଖର୍ଚ୍ଚ କରିଗଲେ ବି ଚାକିରୀ ପାଇ ପାରୁନାହାନ୍ତି । କିନ୍ତୁ ପାଠ ଘର ଶୂନ ଥିଲେବି ରିନି ଆଜି ଭଲ ଡକ୍ଟର ହୋଇପାରିଛି । ସବୁ ସେଇ ଉପରବାଲାର ଦୟା । ଦେବୀ ସରସ୍ୱତୀଙ୍କ କୃପାରୁ ମୂର୍ଖ କାଳିଦାସ ମହା ପଣ୍ଡିତ ହୋଇପାରିଥିଲେ । ସେମିତି ସେଇ ଦେବୀଙ୍କ କୃପାରୁ ଅପାଠୋଇ ବଡ଼ ମେଡ଼ିକାଲରେ ଭଲ ଡ଼ାକ୍ତରାଣୀଟିଏ ହୋଇ ପାରିଛି । ମାସକୁ ଷାଠିଏ ସତୁରୀ ହଜାର ଟଙ୍କା ରୋଜଗାର କରୁଛି । ଏମିତି ଏକଲା ଏତେ ଟଙ୍କା କେତେ ଖର୍ଚ୍ଚ କରିବ । ସିଏ ଗରିବ ଲୋକଙ୍କୁ ସାହାଯ୍ୟର ହାତ ବଢ଼ାଏ ।

ଯା ଭିତରେ ଜଣେ ନୀଚ ଜାତି ପୁଅ ଆସି ବିବାହ ପାଇଁ ହାତ ବଢ଼େଇଲା । ଇଏ ବି ମନା କଲାନି । କାହିଁକି ନା ଏକଲା କେତେ ଦିନ ବଞ୍ଚିବ... ? ଯାହା ରୋଜଗାର କରୁଛି କରିବି କ'ଣ ? ମୋ ଅନ୍ତେ ହବ କ'ଣ... ? ଏହା ଭାବିଲା । ପୁଣି ଅତୀତର କଥାକୁ ମନେ ପକେଇଲା । ବାପା ମାଆ ଛାଡ଼ିଗଲା ପରେ ଭାଇ ଭାଉଜଙ୍କର ବୋଝ ହେବି ଭାବି ତଡ଼ି ଦେଇଥିଲେ । କଳା ଆଉ ଅପାଠୋଇକୁ କିଏ ବାହାହେବ... ? ଆଜି କିନ୍ତୁ ମୁଁ ଟଙ୍କା କମେଇଲି ବୋଲି ପୁଅ ପ୍ରସ୍ତାବ ଦେଉଛି ବିବାହ ପାଇଁ ।

ଆଜିକା ଦୁନିଆ ଘଡ଼ି ଘଡ଼ିକୁ ରଙ୍ଗ ବଦଳାଏ । କଳା ଅପାଠୋଇ ପାଇଁ ମୋ ଗାଁ ଛାଡ଼ିଛି । ଆଜି ଟଙ୍କା ପାଇଁ କଳା ବି ହାରମାନିଛି । ଅସୁନ୍ଦରୀକୁ ବର ମିଳିଛି । ପୁଣି ପୁଅର ପରିବାର ଲୋକଙ୍କର ଝିଅ ପସଂଦ ହେଇଛି । ଝିଅ କଳା ହୋଇଥାଉ । ସେଥିରେ କ'ଣ ଅଛି... ? ଚାକିରୀ ତ କରିଛି ନା । ତାଙ୍କ ପରିବାର ଖୁସି । ରିନି ବି ଖୁସି । ପୁଅ ରୋଜଗାର ଯେତିକି କରୁ ବା ନକରୁ । ମୋର ତ ଏତେ ରୋଜଗାର ଅଛି । ତେବେ ମୋ ଜୀବନରେ ସାହାନାଇ ବାଜିବ ଅନ୍ୟମାନଙ୍କ ପରି ମୁଁ ବି ଏକ ନୂଆ ରୂପରେ ସଜେଇ ହେବି । ମୋର ମରିଯାଇଥିବା ସ୍ୱପ୍ନକୁ ପୁଣି ଉଜ୍ଜୀବିତ କରିବି । ସୁଖର ସଂସାର ଗଢ଼ିବି । ଆଉ ଗଢ଼ିଲା ମଧ ।

ବିବାହ ହେବାର ପ୍ରାୟ କିଛି ବର୍ଷ ବିତି ଯାଇଛି । ରିନି କୋଳରେ ସୁପୁତ୍ର ମଣ୍ଡିତ ହୋଇସାରିଛି । ବେଶ ହସ ଖୁସିରେ ଦିନ ବିତୁଛି । ଏମିତି ଦିନକର ଘଟଣା । ରିନି ବଡ଼ ମେଡ଼ିକାଲରେ ଭିତରେ ଯାଉଥାଏ । ଯୋଗକୁ ରିନିର ବାପା ଘର ଗାଆଁର ଜଣେ ଲୋକ ଆସିଥିଲେ ଜଣକୁ ନେଇ ଦେହ ଦେଖେଇ । ସେଇ ପଥରେ ଯାଉ ଯାଉ ରିନିକୁ ଦେଖି ଦେଲେ । ଦୋ ଦୋ ଚିହ୍ନା ହୋଇ କହିଲେ ଇଏ ତ ଆମରି ଗାଆଁ ଝିଅ ରିନି ପରି ଦେଖା ଯାଉଛି । ହେଲେ ଇଏ ତ ଡାକ୍ତରାଣୀ । ସିଏତ ପାଠ ପଢ଼ିନି ସେ କେମିତି ଡାକ୍ତର ହେବ । ହଉ ଦେଖେ ଡାକିକି । ଶୁଣିବ ଯଦି ଭଲ କଥା ନ ହେଲେ ଆଉ କିଏ ହୋଇଥିବେ । ଡାକିଲେ ରିନିକୁ ରିନି ଶୁଣିକି ଅଟକିଗଲା ମୋ ନା ଧରି କିଏ ଡ଼ାକିଲେ । ପଛକୁ ବୁଲି ଚାହିଁଲା ବେଳକୁ ତାଙ୍କ ଗାଁ ଲୋକ । ରିନି ଚିହ୍ନି ପାରି କହିଲା ଦାଦା ତମେ ଏଠି ! କୁଆଡ଼େ ଆସିଛ ?

ଗାଆଁର ଦାଦା କହିଲେ ଦେହ ଖରାପ ହୋଇଥିଲା ଦେଖେଇବାକୁ ଆସିଛି । ହେଲେ ତୁ ଏଠି କ'ଣ କରୁଛୁ... ? ବେକରେ ଏଇଟା କ'ଣ ପକେଇଛୁ... ? ଦାଦା ମୁଁ ଏଠି ଡକ୍ଟର ଅଛି ।

ତୁ କଣ କହୁଛୁ ? ତୁ ପାଠ ପଢ଼ିନୁ ତ ଡାକ୍ତର କେମିତି ହେଲୁ ? ନା ମତେ ମିଛ କହୁଛୁ ।

ମିଛ କାହିଁ କହିବି ଦାଦା । ମୁଁ କଳା ବୋଲି ଭାଇ ଭାଉଜଙ୍କ ପାଖରୁ ଦୂରେଇ ଦେଲେ । ହେଲେ ମୁଁ ବହୁତ ଖୁସିରେ ଅଛି । ଏବେ ମୋ ଟଙ୍କା କିଏ ଖାଉଛନ୍ତି । ହଉ ଦାଦା ଚାଲ କୋଉ ବିଭାଗରେ କୋଉ ଡକ୍ଟରଙ୍କୁ ଦେଖାଉଛ ଚାଲ ଛାଡ଼ିଦେବି ।

ହଉ ମା' ଚାଲେ । ରିନି ନେଇକି ଗଲା ଛାଡ଼ିଲା । ଆଉ ମେଡିସିନ, ଖାଇବା ଆଉ ବାଟ ଖର୍ଚ୍ଚ ପାଇଁ ଟଙ୍କା ଦେଇ ତା କାମରେ ଗଲା ।

ଗାଁର ଦାଦା ଗାଁରେ ଯାଇ ସବୁ କଥା କହିଲେ ଭାଇ ଭାଉଜଙ୍କ ଆଗରେ । ସେମାନେ ଶୁଣି ବିଶ୍ୱାସ ଗଲେନି । କହିଲେ ଯୋଉମାନେ ଡାକ୍ତର ପାଠ ପଢ଼ିକି ଚାକିରୀ ଖଣ୍ଡେ କରି ପାରୁନାହାନ୍ତି ଇଏ ପାଠ ନପଢ଼ି ଡାକ୍ତରାଣୀ ହୋଇଗଲା । ତମେ ଭୁଲ ଦେଖିଥିବ । ଡାକ୍ତର ଯାକୁ କିଏ କରେଇବ... ?

ଗାଆଁର ଦାଦା କହିଲେ ହଉ ତୁ ଯାଆ ଦେଖିବୁ । ତା ପରେ ମୋ କଥା ବିଶ୍ୱାସ ଯିବୁ । ଭାଇ ଭାଉଜ କହିଲେ ହଉ ଆମେ ଯାଇ ଲୁଚାଣିଆ ଦେଖି ଆସିବୁ । ସତକୁ ସତ ଗଲେ ଦେଖିବାକୁ । ଆଉ ଦେଖିଲେ ମଧ । ସାହାସ ପାଉ ନଥାଏ ରିନି ସାମ୍ନାକୁ ଯିବାକୁ । ତଥାପି ଛାତିକୁ ଦମ୍ଭ କରି ରିନିକୁ ଡ଼ାକିଲେ ରିନି । ରିନି ଚାହିଁଦେଲା ବେଳକୁ ଦେଖେ ତ, ଘରୁ ତଡ଼ି ଦେଇଥିବା ତା'ର ଭାଇ ଭାଉଜ । କହିଲା ତମେ ଏଠି ! କାହିଁ କେଜାଣି ଆପେ ଆପେ ହାତ ଚାଲିଗଲା ଦୁହିଁଙ୍କ ପାଦ ପାଖକୁ । ପାଦ ଛୁଇଁ ପ୍ରଣାମ କରି ପଚାରିଲା,

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ମୟୁରଭଂଜ ଜିଲ୍ଲାର ସଫଳତା




ବାରିପଦା ,୨୧।୩ (ନି.ପ୍ର): ଚଳିତ ମାସ ୧୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ମୟୁରଭଂଜ ଜିଲାକୁ ସଫଳତା ମିଳିଅଛି । ମୟୁରଭଂଜ ଜିଲାର ମୟୁରଭଂଜ ଜିମ୍ନାସିୟମ ଏବଂ ଶକ୍ତିମାନ ଜିମ୍ନାସିୟମ ରୁ ମୋଟ ୧୭ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହିତ ସମସ୍ତେ ପଦକ ହାସଲ କରିଛନ୍ତି । ୬୬ କେଜି କାଟାଗରିରେ ଅବିଶେକ ମହାନ୍ତ ଜୁନିଅର ଏବଂ ସିନିଅର ବିଭାଗରେ ସ୍ୱର୍ଣ୍ଣପଦକ ହାସଲ କରିବାସହ ଷ୍ଟ୍ରଙ୍ଗ ମ୍ୟାନର ଆଖ୍ୟା ଅର୍ଜନ କରିଛନ୍ତି । ସେହିପରି ଅନ୍ୟ ପ୍ରତିଯୋଗୀ ମାନଙ୍କ ମଧ୍ୟରେ ୬୬ କେଜି କାଟାଗରିରେ ଜଗନ୍ନାଥ ବେଶ୍ରା ଜୁନିଅର ଏବଂ ସିନିଅର ବିଭାଗ ଉଭୟରେ ରୌପ୍ୟପଦକ , ୮୩ କେଜି କାଟାଗରିରେ ବାପୁନ ବେହେରା ସିନିଅର ବିଭାଗରେ ସୌର୍ଣ୍ଣ ଏବଂ ଜୁନିଅର ବିଭାଗରେ ରୌପ୍ୟ ପଦକ , ୯୩ କେଜି କାଟାଗରିରେ ସତ୍ୟବ୍ରତ ବେହେରା ସିନିଅର ବିଭାଗରେ ରୌପ୍ୟ , ୫୯ କେଜି କାଟାଗରିରେ ପ୍ରବୀର ପୃଷ୍ଟି ଜୁନିଅର ବିଭାଗରେ ସୌର୍ଣ୍ଣ , ୫୩ କେଜି କାଟାଗରିରେ ରିଙ୍କୁ ମହାନ୍ତ ଜୁନିଅର ବିଭାଗରେ ସ୍ୱର୍ଣ୍ଣ , ୬୬ କେଜି କାଟାଗରିରେ ଦୁଃଖୀରାମ ମାରାଣ୍ଡି ସବଜୁନିଅର ବିଭାଗରେ ସ୍ୱର୍ଣ୍ଣ , ୫୩ କେଜି କାଟାଗରିରେ ଗଗନ କୁମାର ମହାନ୍ତ ସବଜୁନିଅର ବିଭାଗରେ ରୌପ୍ୟ , ୫୩ କେଜି କାଟାଗରିରେ ଗୌର ମହାନ୍ତ ଜୁନିଅର ବିଭାଗରେ ବ୍ରଞ୍ଜ , ୭୪ କେଜି କାଟାଗରିରେ ଲକ୍ଷ୍ମୀକାନ୍ତ ବିନ୍ଧାଣୀ ଜୁନିଅର ବିଭାଗରେ ବ୍ରଂଚ , ୫୯ କେଜି କାଟାଗରିରେ ମନୋଜ କୁମାର ମହାନ୍ତ ସିନିଅର ବିଭାଗରେ ବ୍ରଞ୍ଜ , ୭୪ କେଜି କାଟାଗରିରେ ଚନ୍ଦନ ମହାନ୍ତ ଜୁନିଅର ବିଭାଗରେ ରୌପ୍ୟ , ୪୭ କେଜି କାଟାଗରିରେ ସୁଷମା ରାୟ ଜୁନିଅର ଏବଂ ସିନିଅର ବିଭାଗରେ ଯଥାକ୍ରମେ ରୌପ୍ୟ ଏବଂ ବ୍ରଂଚ , ୪୭ କେଜି କାଟାଗରିରେ ସୀମାରାଣୀ ସିଂ ସିନିଅର ବିଭାଗରେ ରୌପ୍ୟ , ୪୭ କେଜି କାଟାଗରିରେ ଭାରତୀ ପାତ୍ର ଜୁନିଅର ଏବଂ ସିନିଅର ବିଭାଗରେ ସ୍ୱର୍ଣ୍ଣ , ୫୨ କେଜି କାଟାଗରିରେପ୍ରଭାତୀ ସିଂ ଜୁନିଅର ଏବ ସିନିଅର ବିଭାଗରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି । ଏମାନଙ୍କର ସଫଳତା ପାଇଁ ଜିଲା ଶକ୍ତିଉତ୍ତୋଳନ ସଂଘର କର୍ମକର୍ତ୍ତା ନବ କୁମାର ସାହୁ , ରବୀନ୍ଦ୍ର ମହାନ୍ତି , ପରେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ସମସ୍ତ ଖେଳାଳୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହାକୁ ନେଇ ଜିଲା କ୍ରୀଡା ମହଲରେ ଆନନ୍ଦର ଲହରୀ ଖେଳିଯାଇଅଛି ।

# ଗୋଳେଇପୁର ପୋଖରୀରୁ ମୋରମ ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ

କୋରେଇ,୨୧।୩ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତର ଗୋଳେଇପୁର ମୌଜାର ଖାତା ନମ୍ବର ୫୯୦, ପ୍ଲଟ ନମ୍ବର ୧୨୬୬(ଜଳାଶୟ-୧)ରେ ଥିବା ୬.୧୦ ଏକର ଜମିରୁ ମାଟି ଉଠାଣ କରିବାକୁ ବ୍ୟାସନଗର ତହସିଲ ପକ୍ଷରୁ ଜିଲ୍ଲା ପ୍ରଶାସନର ପତ୍ର ସଂଖ୍ୟା ୩୮୬୬ ତା ୧୭-୩-୨୧ ଅନୁଯାୟୀ ପତ୍ର ସଂଖ୍ୟା ୨୦୭୭ ତା ୧୯-୩-୨୧ ରେ ବ୍ୟାସନଗର ତହସିଲ ପକ୍ଷରୁ ପ୍ରଦାନ କରାଯାଇଛି । ମାର୍ଚ୍ଚ ୨୦ ତରିଖରୁ ମେ ୧୯ ପର୍ଚ୍ଚନ୍ତ ଏହା ଖୋଳାଯାଇ ପାରିବା ସହିତ ୩୦ଟି ଟିପର ଏହି କାର୍ଯ୍ୟରେ ବ୍ୟବହାର ହୋଇପାଇବ ବୋଲି ପତ୍ରରେ ଦର୍ଶାଯାଇଛି । ୨୦ ତାରିଖରୁ ୨ ଦିନ ସରକାରୀ ଛୁଟି ଥିବା ବେଳେ ଟଂଚକତା କରାଯାଇ ଛୁଟି ଦିନରୁ ମାଟି ନାମରେ ମୋରମ ଖୋଳିବାକୁ ଅନୁମତି ଦିଆଯାଇଛି । କାରଣ ଯଦି ପ୍ରତିବାଦ ହୁଏ ତାହେଲେ ୨ଦିନ ଛୁଟି ମଧ୍ୟରେ ବହୁ ପରିମାଣରେ ମରମ ଚାଲାଣ ହୋଇପାରିବ । ପ୍ରକାଶଯେ ୧୬ ନମ୍ବର ଜାତୀୟ ରାଜପଥ ୬ ଲେନ କାମ ଚାଲୁଥିବା ବେଳେ ଭଦ୍ରକରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଠିକାସଂସ୍ଥା ଡିବିଏଲ ଏହାର ଦାୟିତ୍ୱ ନେଇଛି । ରାସ୍ତା ସମ୍ପସାରଣରେ ମାଟି ଆବଶ୍ୟକତା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନକୁ ଅନୁମତି ମଗାଯାଇଥିଲା । ଫଳରେ ଜିଲ୍ଲା ପ୍ରଶାସନର ଆଦେଶରେ ବ୍ୟାସନଗର ତହସିଲ ଗୋଳେଇପୁର ମୌଜାରେ ଥିବା ପୁରାତନ ପୋଖରୀ ରାହାସପୋଖରୀକୁ ମାଟି ନେବାକୁ ଅନୁମତି ଦେଲେ । ହେଲେ ସେଠାରେ ମାଟି ବଦଳରେ ମୋରମ ବାହାରୁଛି ଏହା ପୂର୍ବରୁ ଜାଣିଥିଲେ । ଯେତେବେଳେ ଗ୍ରାମବାସୀ ଏକଥା ଜାଣିଗଲେ ଗତ ଫେବୃଆରୀ ୨୨ ତାରିଖ ଗ୍ରାମବାସୀ ଓ ପଂଚାୟତର ସମିତି ସଭ୍ୟାାଙ୍କ ପକ୍ଷରୁ ବ୍ୟାସନଗର ତହସିଲକୁ ଦୁଇଟି ଲିଖିତ ଅଭିଯୋଗ କରାଯାଇଥିଲା । ପୋଖରୀ ଉଦ୍ଧାର ନାମରେ ବାହାରୁ ଥିବା ମାଟି ଓ ମୋରମକୁ ଠିକାସଂସ୍ଥାକୁ ଦିଆନଯାଇ ପୋଖରୀ ହୁଡା ବା ପଂଚାୟତ ସ୍ୱାର୍ଥରେ ଲଗାଯିବାକୁ ଦାବି କରାଯାଇଥିଲା । ମାତ୍ର ତହସିଲ ପ୍ରଶାସନ ପଂଚାୟତବାସୀ, ଗ୍ରାମବାସୀ ଓ ଜନପ୍ରତିନିଧିଙ୍କ ଲିଖିତ ଅଭିଯୋଗକୁ ଗ୍ରହଣ କରି ମଧ୍ୟ ଠିକାସଂସ୍ଥାକୁ ଡିବିଏଲକୁ ଅନୁମତି ଦେଲା । ଡିବିଏଲ ଅନୁମତି ପୂର୍ବରୁ ଓ ଟିପର ବଦଳରେ ହାଇୱା ଲଗାଇ ସରପଂଚଙ୍କ ସମର୍ଥନରେ ବେଆଇନଭାବେ ମୋରମ ଉତୋଳନ କରି ଚାଲାଣ କଲା । ଯାହାକୁ ନେଇ ଉପୁଜିଲା ଦ୍ୱନ୍ଦ । ଏହି ମୋରମ ଚାଲାଣକୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଗଲା । ଏନେଇ ସମିତିସଭ୍ୟା ତହସିଲଦାରଙ୍କୁ ଜଣାଇବା ପରେ ତହସିଲଦାରଙ୍କ ପ୍ରତିନିଧିଭାବେ ପାଣିକୋଇଲି ରାଜସ୍ୱ ନିରୀକ୍ଷକ ସୁଧିରଂଜନ ମଲ୍ଲୀକ ଘଟଣାସ୍ଥଳେ ପହଂଚି କାମ ବନ୍ଦ କରିଥିଲେ । ହେଲେ ଏହାକୁ ନେଇ ମାମଲା ଥାନା ପର୍ଯ୍ୟନ୍ତ ଆସିଛି । ପୁଲିସ ଦୁଇଟି ଅଭିଯୋଗ ଗ୍ରହଣ କରି ଘଟଣାର ତଦନ୍ତ ଜାର ରଖିଛି ।

# ଇ ଅଟୋକୁ ନିର୍ଯାତନା ବନ୍ଦ ପାଇଁ ସଂଘର ଦାବି

ପୁରୀ,୨୧।୩ (ନି.ପ୍ର): ଶ୍ରୀକ୍ଷେତ୍ରରେ ଚାଲୁଥିବା ଇ ଅଟୋଗୁଡ଼ିକୁ ବିଭିନ୍ନ ସମୟରେ ଡିଜେଲ ଓ ପେଟ୍ରୋଲ ଅଟୋ ଚାଳକମାନେ ନିର୍ଯାତନା ଦେଉଛନ୍ତି । ଏହା ବିରୁଦ୍ଧରେ ଶ୍ରୀକ୍ଷେତ୍ର ଇରିକ୍ସା ମଜଦୂର ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ଦିଆଯାଇଥିବା ସଂପର୍କରେ ଆଜି ନାୟକପ୍ଲାଜାଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର କର୍ମକର୍ତାମାନେ କହିଛନ୍ତି । ତୁରନ୍ତ ଏହି ସମସ୍ୟାକୁ ସମାଧାନ କରିବା ସହ ଏକ ଇ ଅଟୋ ପ୍ରିପେଡ କାଉର ଜଗନ୍ନାଥ ବଲ୍ଲଭ ଭିତରେ ଖୋଲିବା ପାଇଁ ଦାବି କରିଛନ୍ତି । ସମୁଦ୍ରକୂଳେ ଡିଜେଲ ଓ ପେଟ୍ରୋଲ ଅଟୋଚାଳକମାନେ ଇଅଟୋରେ ପର୍ଯ୍ୟଟକଙ୍କୁ ଉଠାଇ ଦେଉନାହାଁନ୍ତି । ଜଗନ୍ନାଥ ବଲ୍ଲଭରୁ ମନ୍ଦିର ପର୍ଯ୍ୟନ୍ତ ଇଅଟୋ ଛାଡିବା ପାଇଁ ଦାବି କରିଛନ୍ତି । ଇ ଅଟୋ ପରିବେଶ ଅନୁକୂଳ ଉପଯୋଗୀ ହୋଇଥିବା ବେଳେ ଗରିବ ଚାଳକମାନେ ବ୍ୟାଙ୍କ ଋଣ କରି ଅଟୋ ଚଳାଉଛନ୍ତି । ସେମାନଙ୍କୁ ସ୍ୱତନ୍ତ୍ର ପାର୍କିଂସ୍ଥଳ ସହ ପୁଲିସ ସୁରକ୍ଷା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ବିଜୟ କୁମାର ପାତ୍ର, ସଂପାଦକ ବିଭୁଦେନ୍ଦ୍ର ନାୟକ, ଅକ୍ଷୟ ଦାସ, ଭବାନୀ ମିଶ୍ର, ପ୍ରଭାତ ନଳିନୀ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ ବନାଗ୍ନି ସମସ୍ୟା ସମ୍ପୂର୍ଣ୍ଣ ଆୟତ୍ତାଧିନ : ଫରେଷ୍ଟ ଫାୟାର ଟାସ୍କଫୋର୍ସ

ଭୁବନେଶ୍ୱର,୨୧।୩ (ନି.ପ୍ର): ରାଜ୍ୟରେ ନିଆଁର ସ୍ଥିତି ବର୍ତମାନ ଆୟତାଧିନ ଅଛି । ଅଳ୍ପକିଛି କ୍ରମାଗତ ଜଙ୍ଗଲ ନିଆଁ ଯାହା ରହିଛି ତାକୁ ପ୍ରଶମିତ କରିବା ପାଇଁ କ୍ଷେତ୍ର କର୍ମଚାରୀମାନଙ୍କ ପ୍ରଚେଷ୍ଟା ଜାରି ରହିଛି ବୋଲି ଫରେଷ୍ଟ ଫାୟାର ଟାସ୍କଫୋର୍ସ ପକ୍ଷରୁ ଏକ ରିପୋର୍ଟରେ ସୂଚନା ଦିଆଯାଇଛି । ରିପୋର୍ଟରେ ଆହୁରି କୁହାଯାଇଛି କ୍ଷେତ୍ର କର୍ମଚାରୀମାନେ ଅଗ୍ନିପ୍ରବଣ ଓ ହଟ୍‌ସ୍ପଟ ଅଂଚଳରେ ଲାଗିଥିବା ନିଆଁକୁ ଅଧିକ ମାନବ ଶକ୍ତି, ଭିତିଭୂମି, ଆଗ୍ନିକ ଏବଂ ଆଗ୍ନିକ ଅଫିସରମାନଙ୍କ ସହଯୋଗରେ ପ୍ରଶମିତ କରୁଛନ୍ତି । ସମସ୍ତ କ୍ଷେତ୍ର କର୍ମଚାରୀ ସଜାଗ ଓ ସତର୍କ ରହିଛନ୍ତି । ଆଇଏମଡି, ଭୁବନେଶ୍ୱର ପୂର୍ବାନୁମାନ ଅନୁସାରେ ଆସନ୍ତା କିଛିଦିନରେ ରାଜ୍ୟର କିଛି ଅଂଚଳରେ ହେବାକୁ ଥିବା ବର୍ଷା ଜଙ୍ଗଲ ନିଆଁ ଲିଭାଇବାରେ ଫଳପ୍ରଦ ହୋଇପାରେ । ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ଦପ୍ତରରେ ଥିବା ଏଫଆଟିଜିସି ବିଭାଗ ଦ୍ୱାରା ରାଜ୍ୟର ବନାଗ୍ନି ସ୍ଥିତିକୁ ଓଏଫଏମଏସ ୱେବ ପୋର୍ଟାଲ ସହାୟତାରେ ନିରନ୍ତର ମନିଟରିଂ କରାଯାଉଛି । ପ୍ରତିଦିନ କ୍ଷେତ୍ରାଧିକାରୀମାନଙ୍କ ସହିତ ନିଆଁର ସ୍ଥିତିକୁ ପର୍ଯ୍ୟାଲୋଚନା ଓ ସମୀକ୍ଷା କରାଯାଉଛି ବୋଲି କୁହାଯାଉଛି ।

# ଗାନ୍ଧୀ ଶିଳ୍ପ ବଜାରରେ ଆକର୍ଷଣୀୟ ହସ୍ତଶିଳ୍ପ ସାମଗ୍ରୀ

ଭୁବନେଶ୍ୱର,୨୧।୩ (ନି.ପ୍ର): ସ୍ଥାନୀୟ ୟୁନିଟ ୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆ ଠାରେ ମାର୍ଚ୍ଚ ୧୫ ତାରିଖଠାରୁ ଆରମ୍ଭ ହୋଇଥିବା 'ଗାନ୍ଧୀ ଶିଳ୍ପ ବଜାର'ରେ ଆଉ ଦୁଇଟି ରାଜ୍ୟ ଅଂଶଗ୍ରହଣ କରିବା ପରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ୧୬ରେ ପହଂଚିଛି । ଏଥିରେ ୬୦ଟି ହସ୍ତଶିଳ୍ପ ସାମଗ୍ରୀ ରହିଛି । ଓଡ଼ିଶାର ୩୨ଟି ହସ୍ତଶିଳ୍ପ ସ୍ଥାନିତ ହୋଇଥିବାବେଳେ ବାହାର ରାଜ୍ୟର ୨୮ଟି ରହିଛି । ଓଡ଼ିଶାର ଯେଉଁ ହସ୍ତଶିଳ୍ପଗୁଡ଼ିକ 'ଗାନ୍ଧୀ ଶିଳ୍ପ ବଜାର'ରେ ରହିଛି ସେଗୁଡ଼ିକ ହେଲା, କାଠରେ ତିଆରି ସାମଗ୍ରୀ, ପିପିଲି ଚାନ୍ଦୁଆ, କାଗଜରେ ପ୍ରସ୍ତୁତ ସାମଗ୍ରୀ, ଧାତବଶିଳ୍ପ, କାଠ ଖୋଦେଇ, ରୂପା ତାରକସି କାମ, ଚିତ୍ରକଳା, ଶିଙ୍ଗକାମ, ଚମଡ଼ା, ଝୋଟ, ମେଟାଲ୍ କ୍ରାଫଫ, ହାତପ୍ରିଂଟ ଟେକ୍ସଟାଇଲ୍, ତାଳପତ୍ର, ଅଳଙ୍କାର, ହାତର ଏମ୍ବ୍ରଡରି, ଜନଜାତି ଅଳଙ୍କାର, ଗୋଲ୍‌ଡେନ୍ ଗ୍ରାସ୍, କତାଶିଳ୍ପର ସାମଗ୍ରୀ, ଇମିଟେସନ୍ ଜୁଏଲାରୀ, ଶାମୁକା ତିଆରି ସାମଗ୍ରୀ, କାଠ କଣ୍ଢେଇ ଓ ଖେଳଣା, ଟେରାକୋଟା, ଧୂପକାଠି, ଲାଖଚୂଡ଼ି, ସବାଇଘାସରେ ତିଆରି ସାମଗ୍ରୀ, ମ୍ୟାଟ୍ ଉଇଭିଙ୍ଗ୍, ପେଟିଂ, ଡୋକ୍ରା, ଟେକ୍ସଟାଇଲ୍, ଟାଏ ଆଣ୍ଡ ଡାଏ, ଜରିରେ ତିଆରି ସାମଗ୍ରୀ ଭଳି ୩୨ଟି ହସ୍ତଶିଳ୍ପ ପ୍ରଦର୍ଶନ ଓ ବିକ୍ରୟ ହେଉଛି ।

'ଉତ୍କଳିକା'ର ଆକର୍ଷଣୀୟ ଷ୍ଟଲରେ ଶାଢ଼ି, ବେଡ୍‌ସିଟ୍, ଡ୍ରେସ୍ ମ୍ୟାଟେରିଆଲ୍ ଭଳି ହସ୍ତତନ୍ତ ସାମଗ୍ରୀ ଠାରୁ ଆରମ୍ଭ କରି ବୟନ ଓ ହସ୍ତଶିଳ୍ପ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରୁଛି । ଗାନ୍ଧୀ ଶିଳ୍ପ ବଜାରରେ କୋହ୍ଲାପୁରୀ ଚପଲ ଓ ଜୋତାର କାରିଗରୀ କଳା ପ୍ରତି ଟିକିଏ ଦୃଷ୍ଟିପାତ କଲେ କାରିଗର ହାତର କଳା ଯେ କେତେ ମହନୀୟ ଓ ଉତ୍କର୍ଷ ତାହାର ଏକ ସ୍ପଷ୍ଟ ଚିତ୍ର ସ୍ୱତଃ ଉଦ୍‌ଭାସିତ ହୋଇଉଠେ ମାନସପଟରେ । ମହାରାଷ୍ଟ୍ରର କୋହ୍ଲାପୁରରୁ ଆସିଥିବା ମହିଳା ଚମଡ଼ାଶିଳ୍ପୀ ସୀମା ରେବିରାଜ କାମ୍‌ଲେ ଯେ କି, ମାସକୁ ଚମଡା ଚପଲ ତିଆରି କରି ଅନ୍ୟୁନ ୩୦ ହଜାର ଟଙ୍କା ଆୟ କରି ତାଙ୍କ ପରିବାର ଚଳାଇଥା'ନ୍ତି । ଆଉ ବିହାରରୁ ଆସିଥିବା ମଧୁବନୀ କଳାଚାତୁରୀ କେତେ ଯେ ସୁନ୍ଦର ତାହା ବାସ୍ତବିକ ଅପୂର୍ବ ଓ ଅତୁଳନୀୟ । ଛତିଶଗଡ଼ର ଲୌହ କଳାଶିଳ୍ପ ବେଶ୍ ଆକର୍ଷଣୀୟ । ପୁରୀର ପିତଳ ଶିଳ୍ପକଳାର ନିର୍ମାଣ ଶୈଳୀ ଯେତିକି ସୁନ୍ଦର କାଠଶିଳ୍ପ ତତୋଧିକ ମନୋରମ । ଓଡ଼ିଶା ରାଜ୍ୟ ସରକାରଙ୍କର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା) ଦ୍ୱାରା ଏହି 'ଗାନ୍ଧୀ ଶିଳ୍ପ ବଜାର -୨୦୨୧' ଆୟୋଜନ କରାଯାଇଛି । ଭାରତ ସରକାରଙ୍କ ବିକାଶ ଆୟୁକ୍ତ(ହସ୍ତଶିଳ୍ପ) ନୂଆଦିଲ୍ଲୀର ଆର୍ଥିକ ସହାୟତା ଏହି ଗାନ୍ଧୀ ଶିଳ୍ପ ବଜାର ଅନୁଷ୍ଠିତ ହେଉଛି । ଗାନ୍ଧୀ ଶିଳ୍ପ ବଜାର-୨୦୧ ପ୍ରତ୍ୟହ ଦିବା ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହୁଛି । ମାର୍ଚ୍ଚ ୨୪ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ।

# ଚୋରା ମଦ ବେପାରୀଙ୍କ ଘର ଆଗରେ ମହିଳାଙ୍କ ଧାରଣା

ଧର୍ମଶାଳା,୨୧।୩ (ନି.ପ୍ର): ଦିନକୁ ଦିନ ଚୋରା ମଦ ବେପାର ବୃଦ୍ଧି ପାଉଛି । ହାତ ପାହାନ୍ତାରେ ମଦ ମିଳିବା ଫଳରେ ଯୁବକମାନଙ୍କ ଉପରେ ଏହାର ପ୍ରଭାବ ପଡୁଛି । ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛଇ ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି । ଫଳରେ ମହିଳାମାନେ ଉତ୍ୟକ୍ତ ହୋଇ ମଦ ବେପାରୀଙ୍କ ଘର ଆଗରେ ଧାରଣା ଦେଇଛନ୍ତି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ କଂଟିଗଡିଆ ଅଂଚଳରେ । ଏହି ଅଂଚଳରେ ୨ ଜଣ ବ୍ୟକ୍ତି ବିଭିନ୍ନ ସ୍ଥାନରୁ ମଦ ଆଣି ଏଠାରେ ଚୋରାରେ ଖୁଲମଖୁଲା ବେପାର କରୁଛନ୍ତି । ଫଳରେ ଗ୍ରାମରେ ଥିବା ଯୁବକମାନେ ଓ ଦିନ ମଜୁରୀଆମାନଙ୍କ ଉପରେ ଏହାର ପ୍ରଭାବ ପଡୁଛି । ଏବଂ ଅନେକ ସମୟରେ ମଦ୍ୟପମାନଙ୍କ ମଧ୍ୟରେ କଳିଝଗଡା ଲାଗି ରହୁଛି । ବିଦ୍ୟାଳୟ ଓ ମନ୍ଦିରକୁ ଯିବା ଆସିବା ସମୟରେ ଯୁବତୀ ଓ ମହିଳାମାନେ ସୁରକ୍ଷିତ ମଣୁ ନାହାନ୍ତି । ଫଳରେ ଏହି ଚୋରା ମଦ ବେପାରକୁ ବିରୋଧ କରିଛନ୍ତି ଗ୍ରାମର ଶତାଧିକ ମହିଳାମାନେ ।

# ଦିଲ୍ଲୀରୁ ଫେରିଲା ସୁହାନି ଜେନା

କେନ୍ଦ୍ରାପଡ଼ା,୨୧।୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଦେଉଳଡୋଳା ଗ୍ରାମର ସନ୍ତୋଷ ଜେନାଙ୍କ ଝିଅ ଦୀର୍ଘ ୨ବର୍ଷ ପରେ ଦିଲ୍ଲୀରୁ କେନ୍ଦ୍ରାପଡା ଫେରିଥିବା ଜଣାପଡିଛି । ଦିଲ୍ଲୀର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ୨ବର୍ଷଧରି ଅସହାୟ ଅବସ୍ଥାରେ ଥିବା ଏହି ଝିଅଟିକୁ ଫେରାଇ ନେବାପାଇଁ ଦିଲ୍ଲୀର ଶିଶୁ ମଙ୍ଗଳ କମିଟି କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନକୁ ଜଣାଇଥିଲା । କରୋନା ମହାମାରୀ ପାଇଁ ଏହି ଅନାଥ ଝିଅଟି ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ହେବ ସେଠାରେ ରହି ଅସୁବିଧାର ସମ୍ମୁଖୀନ ହେଉଥିଲା । କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ରତୁରାଜଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ପୂର୍ଣ୍ଣଚନ୍ଦ୍ର ମଲିକ, ଲଳିତାଞ୍ଜଳୀ ଦାସ ଦିଲ୍ଲୀରୁ ଆଣି କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଶନିବାର ଅପରାହ୍ନ ୫ଟା ସମୟରେ ପହଁଚିବା ପରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଭଗବତୀ ପ୍ରସାଦ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ବାଦଲ ଦାସ, ସ୍ମିତାଞ୍ଜଳୀ ମହାପାତ୍ର ପ୍ରମୁଖଙ୍କ ସହାୟତାରେ ଗରଦପୁର ବ୍ଲକସ୍ଥିତ ପଲ୍ଲିଶ୍ରୀ ମହିଳା ସମିତି ଓ କୋରୁଆର ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଛି । ସେଠାରେ ଏହି ଅନାଥ ଝିଅଟି ପାଠ ପଢିବ ବୋଲି ସୂଚନା ମିଳିଛି । ଖବର ମୁତାବକ ପିତା ମାତାଙ୍କ ଦ୍ୱାରା ଅଲୋଡା ହୋଇ ଦିଲ୍ଲୀରେ ପିଉଶୀ ଘରେ ରହି ପାଠ ପଢୁଥିବା ବେଳେ ପିଉସୀର ଅତ୍ୟାଚାର ଓ ଶାରିରୀକ ନିର୍ଯ୍ୟାତନା ସହୁଥିଲା । ତେବେ ସେଠାକାର ସ୍କୁଲ କର୍ତୃପକ୍ଷ ସୁହାନିର ଦେହ, ହାତ, ଗୋଡ, ମୁହଁରେ ଆଘାତ ଚିହ୍ନ ଦେଖି ତା ଠାରୁ ନିର୍ଯ୍ୟାତନା ସମ୍ବନ୍ଧୀୟ ତଥ୍ୟ ଅବଗତ ହୋଇ ଦିଲ୍ଲୀର ଶିଶୁ ମଙ୍ଗଲ କମିଟିକୁ ଜନାଇଥିଲେ । କମିଟି ତରଫରୁ ସୁହାନିକୁ ଉଦ୍ଧାର କରାଯାଇ ନିଜ ହେପାଜତରେ ରଖାଯିବା ସହ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ସହ ଫେରାଇ ନେବାପାଇଁ ଯୋଗାଯୋଗ କରାଯାଇ ଥିଲା । ଏହାର ଫଳ ସ୍ୱରୂପ କେନ୍ଦ୍ରାପଡା ଶିଶୁ ମଙ୍ଗଳ କମିଟି ର ପ୍ରତିନିଧି ମାନେ ସୁହାନିକୁ ଦିଲ୍ଲୀରୁ ଶନିବାର ଫେରାଇ ଆଣିଛନ୍ତି ।

# ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ସ୍ଥଗିତ : ଦୁଇ ଶହ ବର୍ଷର ପରମ୍ପରା ଭଙ୍ଗ

ଗଞ୍ଜାମ,୨୧।୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ପ୍ରସିଦ୍ଧ ବୁଢ଼ୀ ଠାକୁରାଣୀ ଯାତ୍ରାକୁ ପ୍ରଶାସନ ପକ୍ଷରୁ ଶେଷ ପର୍ଯ୍ୟାୟରେ ନିଷ୍ପତି କ୍ରମେ ସ୍ଥଗିତ କରାଯାଇଛି । ବ୍ୟାପକ ପ୍ରସ୍ତୁତିମଧରେ ଗତକାଲି ବିଳମ୍ବିତ ରାତିରେ ଯାତ୍ରା ପାଇଁ ଶୁଭ ଖୁଂଟି ସ୍ଥାପନ କାର୍ଯ୍ୟକ୍ରମ ରହିଥିଲା, ତେବେ କରୋନା ସଂକ୍ରମଣ କ୍ରମଶଃ ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ କଟକଣା ମାନି ସ୍ୱଳ୍ପ ସମୟ ଅବଧି ମଧରେ (୭ ଦିନ)ରେ ଯାତ୍ରା ଶେଷ କରିବାକୁ ଜିଲ୍ଲା ପ୍ରଶାସନର ନିଷ୍ପତିକୁ ଯାତ୍ରା ପରିଚାଳନା କମିଟି ଏବଂ ଦେଶି ବେହେରା ପି. ଦୂର୍ଗା ପ୍ରସାଦ ଅସାମର୍ଥ୍ୟତା ପ୍ରକାଶ କରିବାରୁ ବିଏମସି କମିଶନର ଠାକୁରାଣୀ ଯାତ୍ରାକୁ ସ୍ଥଗିତ ରଖିଥିବା ଜଣାପଡିଛି ।

ଦେଶି ବେହେରାଙ୍କ କହିବା ଅନୁଯାୟୀ, ୨୧ ଦିନରୁ କମ୍ ଅବଧି ମଧରେ ଯାତ୍ରା ହୋଇପାରିବ ନାହିଁ । ଯାତ୍ରା ଆରମ୍ଭ ହେଲେ ମା ବୁଢ଼ୀ ଠାକୁରାଣୀଙ୍କ ଘଟ ସାହି ପରିକ୍ରମା କରିବା ବିଧି ରହିଛି । ଏହି ବିଧିକୁ ବନ୍ଦ କରାଯାଇପାରିବ ନାହିଁ । ଅନ୍ୟପକ୍ଷରେ ମେଢ଼ ରଥ ଓ କଳାକୁଞ୍ଜ ନଥାଇ ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ହେବା ଅସମ୍ଭବ । ତେଣେ ଯାତ୍ରା ହେଲେ ବାହାର ରାଜ୍ୟର ବହୁ ଲୋକ ଆସିବାର ସମ୍ଭାବନା ରହିଥିବାରୁ ସଂକ୍ରମଣ ରୋକିବା ସମ୍ଭବ ହେବ ନାହିଁ ବୋଲି ଶ୍ରୀ ବେହେରା ମତ ଦେଇଛନ୍ତି । ଏହା ପରେ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଯାତ୍ରା ବନ୍ଦ କରିବାକୁ ନିଷ୍ପତି ନିଆଯାଇଛି । ଆସନ୍ତା ୨୦୨୩ ମସିହାରେ ଏହି ଯାତ୍ରା ହେବ ବୋଲି ସୂଚନା ମିଳିଛି । ଅପରପକ୍ଷରେ ଯାତ୍ରା ବନ୍ଦ ହେବା ଶୁଣିବା ପରେ ସ୍ଥାନୀୟ ଜନସାଧାରଣ କ୍ଷୁବ୍ଧ ହେବା ସହ ଯାତ୍ରା କରିବା ପାଇଁ ସ୍ଥାନୀୟ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ଉପରେ ଚାପ ପକାଇଥିବା ଜଣାପଡିଛି । ଅନ୍ୟପଟେ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ଉନ୍ନୟନ ପରିଷଦର ଏକ ପ୍ରତିନିଧି ଦଳ ଆସନ୍ତା ସୋମବାର ଦିନ ଭୁବନେଶ୍ୱର ଯାତ୍ରା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଯାତ୍ରାର ଆୟୋଜନ ପାଇଁ ଦାବି ଉପସ୍ଥାପନ କରିବେ ବୋଲି ଜଣାପଡିଛି ।

# ମା' ତାରାତାରିଣୀଙ୍କ ଚୈତ୍ର ଯାତ୍ରା : ଆସନ୍ତା ମଙ୍ଗଳବାରଠାରୁ ୫ ମଙ୍ଗଳବାର

ଗଞ୍ଜାମ,୨୧।୩ (ନି.ପ୍ର): ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ମା ତାରାତାରିଣୀଙ୍କ ଚୈତ୍ର ଯାତ୍ରା ପାଇଁ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମଙ୍ଗଳବାର ଠାରୁ ୫ଟି ମଙ୍ଗଳବାର ଏହି ଯାତ୍ରା ଅନୁଷ୍ଠିତ ହେବ । ଏହାକୁ ସୁଚାରୁ ରୂପେ ପରିଚାଳନା କରିବାକୁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଉପ ଜିଲ୍ଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଯାତ୍ରା କିପରି କରୋନା କଟକଣାକୁ ଅନୁପାଳନ କରି ଆୟୋଜିତ ହେବ ସେଥିନେଇ ଗୁରୁତ୍ୱ ପ୍ରଦାନ କରାଯାଇଛି । କାର୍ଯ୍ୟନିର୍ବାହୀ ଅଧିକାରୀ ପି. କେ. ରେଡ୍ଡି, ଇ.ଓ. ସୌମ୍ୟରଞ୍ଜନ ମିଶ୍ର, ପୁରୁଷୋତମପୁର ବିଡ଼ିଓ ବିଜୟ କୁମାର ବେହେରା, ପୁରୁଷୋତମପୁର ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ, ତହସିଲଦାର ନୀତିଶ ତ୍ରିପାଠୀ, ଇ.ଇ. ଅଭିଜିତ୍ ପାଢ଼ୀ, ଏ.ଇ. ସରୋଜ କୁମାର ପାଢ଼ୀ, ଏସଡିଓ ତୁଷାର କୁମାର ସାହୁ, ସେବାୟତ ତପନ କୁମାର ରଣା, ବିଷ୍ଣୁପ୍ରସାଦ ରଣା, ବାପି ରଣା ଓ ଧୃବ ରଣାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତା ମାନେ ଉପସ୍ଥିତ ଥିଲେ । ଭକ୍ତ ମାନେ ମାଙ୍କ ଦର୍ଶନ କରିବା, ମାନସିକଧାରୀଙ୍କ ନିମନ୍ତେ ସୁବିଧା ସମେତ ଆଇନ ଶୃଙ୍ଖଳା, ପାନୀୟ ଜଳ ସହ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବା, ସମସ୍ତେ ମାସ୍କ ପରିଧାନ ଓ ସାମାଜିକ ଦୂରତା ରକ୍ଷା ଉପରେ ବୈଠକରେ ଆଲୋଚନା ହୋଇଥିଲା ।

# କୋଟିଆ ବଂଚାଅ ପାଇଁ ଜୟପୁର ନାଗରିକ କମିଟି ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ

ଜୟପୁର,୨୧।୩ (ନି.ପ୍ର): ଜୟପୁର ନାଗରିକ କମିଟିର ସାଧାରଣ ସମ୍ପାଦକ ଗୀତା ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି । ଓଡିଶାର ଅବିଚ୍ଛେଦ୍ୟ ଅଙ୍ଗ କୋଟିଆ ଗ୍ରାମ ପଂଚାୟତ ୨୧ ଟି ଗ୍ରାମ ପୁଞ୍ଜକୁ ଆନ୍ଧ୍ର ସରକାର ଆକ୍ତିଆର କରିବାର ଅପଚେଷ୍ଟାକୁ ପ୍ରତିହତ କରିବା ପାଇଁ କମିଟିର ପ୍ରତିନିଧି ସଭାପତି ମୀନ କେତନ ଦାସ ଭାରତୀୟ ସମ୍ବିଧାନର ଅନୁଛେଦର ୩୨ ପ୍ରକାରେ ଆନ୍ଧ୍ର ସରକାରଙ୍କ ବିରୁଦ୍ଧରେ ସୁପ୍ରିମକୋର୍ଟରେ ମାମଲା ଦାୟର କରିଛନ୍ତି । କମିଟି ତରଫରୁ ରି ପିଟିସନ ୩୨ ଯୋଗେ ଅନୁରୋଧ କରାଯାଇଛି । ପରିତାପର ବିଷୟ ଏହି ଯେ ଗତ ମାସ ଆନ୍ଧ୍ର ସରକାର କୋଟିଆ ଗ୍ରାମ ପଂଚାୟତର କେତେଟି ଗ୍ରାମରେ ଅନୈତିକ ଭାବରେ ନିର୍ବାଚନ କରିଥିଲେ । ଅଥଚ ସବୁ ଜାଣି ଶୁଣି ରାଜ୍ୟ ସରକାର କୈଣସି ଉଚିତ ପଦକ୍ଷେପ ନେଲେ ନାହିଁ । ସଭାପତି ମିନକେତନ ଦାସ ଉପସ୍ଥିତ ରହି ସୁଚନା ଦେଇଥିଲେ ଯେ କୋଟିଆ ଓଡିଶାର ଆଉ ଏହା କୋରାପୁଟ ଜିଲାର ଅବଛେଦ୍ୟ ଅଙ୍ଗ । ଏହାକୁ ନେଇ ସୁପ୍ରିମକୋର୍ଟରେ ପିଟିସେନ ଦାୟର ହୋଇଛି । ହେଲେ କୋଟିଆ ପ୍ରସଙ୍ଗରେ ଆଗରୁ ସୁପ୍ରିମ କୋର୍ଟ ହସ୍ତକ୍ଷେପ କରିବାକୁ ମନା କରିଥିଲେ । ସେପଟେ ସେଂଟ୍ରାଲ କମିଟି ମଧ୍ୟ ହସ୍ତକ୍ଷେପ କରୁ ନାହାଁନ୍ତି । ଏଭଳି ସ୍ଥିତିରେ କୋଟିଆ ବଂଚିବ କେମିତି ବୋଲି ପ୍ରଶ୍ନ କରିଛନ୍ତି । ଏଭଳି ପରିସ୍ଥିତିରେ କୋଟିଆକୁ ବଂଚାଇବା ପାଇଁ ନାଗରିକ କମିଟି ତରଫରୁ କୋଟିଆରେ ପହଂଚି ଜନ ସଚେତନ କରାଇବ ବୋଲି ନିଷ୍ପତି ନେଇଛି ନାଗରିକ କମିଟି । ଏହି ପିରପ୍ରେକ୍ଷୀରେ ଚଳିତ ମାସ ୩୧ ତାରିଖ ଦିନ କମିଟିର କର୍ମକର୍ତାଗଣ କୋଟିଆ ଠାରେ ରାତ୍ର ଯାପନ କରି ଏପ୍ରିଲ ୧ ତାରିଖ ଦିନ କୋଟିଆ ଓ ନିକଟବର୍ତୀ ଗ୍ରାମ ମାନଙ୍କରେ ଉତ୍କଳ ଦିବସ ପାଳନ ସହ ପ୍ରତ୍ୟେକ ବର୍ଷ ପ୍ରତିବର୍ଷ କୋଟିଆ ମହୋତ୍ସବ ପାଳନ କରିବାକୁ ଦାବୀ କରିଛନ୍ତି ସାଧାରଣ ସମ୍ପାଦକ ଗୀତା ପ୍ରକାଶ ମିଶ୍ର । ପର୍ବ ମହୋତ୍ସବ ପରି କୋଟିଆ ମହୋତ୍ସବ କରାଯାଉ । ଉତ୍କଳ ଦିବସରେ ସମସ୍ତ ଅନୁଷ୍ଠାନ, ପୂର୍ବତନ ବିଧାୟକ, ସାସଂଦ ଓ ବର୍ତମାନର ବିଧାୟକ ପ୍ରମୁଖ ଉପସ୍ଥିତ ରହିବେ । ପ୍ରାୟ ୫ ଶହରୁ ଅଧିକା ଲୋକ ଉପସ୍ଥତ ରହିବେ ବୋଲି କୁହାଯାଇଛି । ଉକ୍ତ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କରାଯିବ ବୋଲି କମିଟି ନିଷ୍ପତି ନେଇଛି । ଗତ ୧୯୯୦ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ମଧ୍ୟ କୋଟିଆକୁ ବଂଚାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ଏହି ଖବରଦାତା ସମ୍ମିଳନୀରେ ସଭାପତି ମୀନ କେତନ ଦାସ, ସାଧାରଣ ସମ୍ପାଦକ ଗୀତା ପ୍ରକାଶ ଚନ୍ଦ୍ର ମିଶ୍ର, ରାମ କୃଷ୍ଣ ସାହୁ, ଯାଦବ ସୁବୁଦ୍ଧି, ସୁବାଷ ପଣ୍ଡା, ଗୌର ହରି ନାୟକ ଉପସ୍ଥିତ ଥିଲେ ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଓ୍ୱା ତରଫରୁ ସେନାବହିନିରେ ନିଯୁକ୍ତି ପାଇଁ ମକ୍ ଟେଷ୍ଟ

ଜୟପୁର,୨୧।୩ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଓ୍ୱା ତରଫରୁ ଆଜି ସେନାବାହିନୀରେ ଆର୍ମି ଓ ଡିଫେନ୍ସ ମିନି ମକ୍ ଟେଷ୍ଟ ଅନୁଷ୍ଠିତ ହୋଇଛି । ଏହି ଲିଖିତ ଓ ମକ ଇଂଟରିଭ୍ୟୁରେ ୨୫ ଜଣ ପ୍ରାର୍ଥି ଭାଗ ନେଇଥିଲେ । ଶାରୀରିକ ତାଲିମକୁ ଓଏସଏପି ହାବିଲଦାର ରାଜେସ ସାହୁ ତତ୍ୱାବଧାନରେ କରାଯାଇଥିଲା । ସଭାପତି ଅଜୟ ମିଶ୍ର, ସମ୍ପାଦକ ପ୍ରତାପ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସୌମ୍ୟ ଦଳାଇ, ସଦସ୍ୟ ପ୍ରଦୀପ୍ତ ସାହୁ, ବି. ନଳିନି ପରିଚାଳନା କରିଥିଲ । ଏହା ସହ ପ୍ରାର୍ଥି ମାନଙ୍କୁ ପରୀକ୍ଷାରେ ଅଧିକ ମାର୍କ ଆଣି ଭଲ ପ୍ରଦର୍ଶନ କରିବାକୁ ବିଭିନ୍ନ ଉପାୟ ସମ୍ପର୍କରେ ବୁଝାଇଥିଲେ । ଗତ ସପ୍ତାହରେ ଅନୁଷ୍ଠାନ ତରଫରୁ ସେନାବାହିନୀରେ ଲିଖିତ ପରୀକ୍ଷା ଓ ସାକ୍ଷାତକାର କିପରି ଦେବେ ସେ ସମ୍ପର୍କରେ ତାଲିମ ସହ ଅଭ୍ୟାସ ପରୀକ୍ଷା କରାଯାଇଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଓ୍ୱା ପକ୍ଷରୁ ନିଜ କାର୍ଯ୍ୟାଳୟ ପରିସରରେ ୩୨ ଜଣ ଯୁବକଙ୍କୁ ତାଲିମ ଦେବା ସହ ପରୀକ୍ଷା କରାଯାଇଥିଲା । ସ୍ଥାନୀୟ ଅଂଚଳରେ ସେନାବାହିନିରେ ଭର୍ତି ହେବା ପାଇଁ ଆଗ୍ରହୀ ଯୁବକଙ୍କ ପାଇଁ କୌଣସି ତାଲିମ ବ୍ୟବସ୍ଥା ନଥିବାରୁ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ସିଓ୍ୱା ପକ୍ଷରୁ କୁହାଯାଇଛି । ଏଠାରେ ସେନାବାହିନିରେ ଭର୍ତିହେବା ପାଇଁ ଯୋଗ୍ୟ ଯୁବକ ଯୁବତୀ ଅଛନ୍ତି ଏଠାରେ ତାଲିମ ଦେବା ବ୍ୟବସ୍ଥା ନାହିଁ । କିମ୍ବା ବେସରକାରୀ ତାଲିମ ବ୍ୟବସ୍ଥା ନାହିଁ । ତେଣୁ ସିଓ୍ୱା ପକ୍ଷରୁ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି ।

# ଚିତ୍ରକଳା ଶିବିର ଉଦ୍‌ଘାଟିତ

ପୁରୀ,୨୧।୩ (ନି.ପ୍ର): ସ୍ଥାନୀୟ ୟୁଥ ହଷ୍ଟେଲ ଠାରେ ଏକ ରାଜ୍ୟସ୍ତରୀୟ ଚିତ୍ରକଳା ଶିବିର ଦାରୁବ୍ରହ୍ମ ସୁରାମି ଉଦଘାଟିତ ହୋଇଛି । ଏହାକୁ ଜଗନ୍ନାଥ ସଂସ୍କୃତି ଗବେଷକ ପିତବାସ ରାଉତରାୟ ଉଦଘାଟନ କରିଥିଲେ । ଜଗନ୍ନାଥଙ୍କ ସଂପର୍କକୁ କିପରି ଚିତ୍ରକଳାରେ ବର୍ଣ୍ଣିତ କରାଯିବ ସେ ସଂପର୍କରେ ଆଲୋଚନା ହୋଇଥିଲା । ମୁଖ୍ୟ ଅତିଥିଭାବେ କବି ଶଙ୍କର ପରିଡା ଯୋଗ ଦେଇ କହିଲେ ଚିତ୍ରଶିଳ୍ପୀମାନେ ଦାରୁ ମାଧ୍ୟମରେ ଚିତ୍ରକରି ଏକ ନିଆର ଚମକ ସୃଷ୍ଟି କରିଛନ୍ତି । ସମ୍ମାନିତ ଅତିଥିଭାବେ ବଦ୍ରି ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଯୋଗଦେଇଥିଲେ । ଏହି ଶିବିରରେ ବରିଷ୍ଠ ଚିତ୍ରଶିଳ୍ପୀ ରବିନାରାୟଣ ରଥ, ଶଶିକାନ୍ତ ରାଉତ, ଦୁର୍ଗାମାଧବ କର, ମମତା ସାମନ୍ତରାୟ, ପୂନମ ପଟ୍ଟନାୟକ, ବିଶ୍ୱମୋହନ ରଥ, ମନୋରଞ୍ଜନ ମହାପାତ୍ର ପ୍ରମୁଖ ଅନେକ ଚିତ୍ରଶିଳ୍ପୀ ଯୋଗଦେଇଥିଲେ ।

# ଉପ ଜିଲ୍ଲାପାଳଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଡ୍ରାଇଭ

ଜୟପୁର,୨୧।୩ (ନି.ପ୍ର): ଜୟପୁର ଉପ ଜିଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରି ହେମକାନ୍ତ ସାୟଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି । ପରିମଳ ବ୍ୟବସ୍ଥାକୁ କରାଯାଇଛି ଫୋକସ । ସପ୍ତାହର ପ୍ରତ୍ୟେକ ଶନିବାର ଓ ରବିବାର ସ୍ୱତନ୍ତ୍ର ଡ୍ରାଇଭ କରାଯିବ । ସହରକୁ ସ୍ୱଚ୍ଛ ସୁନ୍ଦର କରିବାକୁ ଉପ ଜିଲାପାଳ ହେମକାନ୍ତ ସାୟଙ୍କ ପ୍ରାୟସକୁ ସହରବାସୀ ପ୍ରଶଂସା କରୁଥିବା ଲକ୍ଷ୍ୟ କରାଯାଇଛି । ସକାଳ ୬ଟାରେ ଉପ ଜିଲାପାଳ ସାୟ ପୌର କର୍ମଚାରୀଙ୍କ ସହ ବାହାରି ପଡିଥିଲେ । ସାହି ଗଳି କନ୍ଦି ବୁଲି ସ୍ୱତନ୍ତ୍ର ଭାବେ ସଫେଇ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ଓ ୱାର୍ଡ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ । ପୌରପାଳିକର ସଫେଇ କର୍ମଚାରୀଙ୍କୁ ନେଇ ୱାର୍ଡ ୨୬ ଓ ୨୭ର ନୁଆସାହିର ୧ ଲାଇନ, ୨ ଲାଇନ, ତୃତୀୟ ଲାଇନ , ଜଗତ ଜନନୀ ରାସ୍ତା ଭିଆଇପି ଲାଇନ ସାଉ ଭଉଣି, ୧, ୨, ୩, ୪, ୫ ପୁରା ସଫେଇ କରିବା ସହିତ ମଶା ମରା ଔଷଧ, ବ୍ଲିଚିଂ ପାଉଡର ସିଂଚନ କରାଯାଇଥିଲା । ଏଥିରେ ସ୍ୱାସ୍ଥ୍ୟ ଅଧିକାରି ଅରୁଣ ପାଢୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରି ପିତବାସ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ସକାଳ ୬ ଟା ଠାରୁ ଆରମ୍ଭ ହୋଇଥିଲା । ସପ୍ତାହ ପ୍ରତ୍ୟେକ ଶନିବାର ଓ ରବିବାର ସ୍ୱତନ୍ତ୍ର ଡ୍ରାଇଭ ପାଇଁ ଆଲୋଚନା ହୋଇଥିଲା ।

## ଅସୁନ୍ଦରୀର...

(ପୃଷ୍ଠା ୫ର ଅବଶିଷ୍ଟ)

କ'ଣ ହେଉଛି... ? କ'ଣ ଦେହ ଖରାପ... ? ଭାଇ ଭାଉଜ ଥଙ୍ଗ ଥଙ୍ଗ ହୋଇ କହିଲେ ନା ନା ଆମେ ଦେଖିବାକୁ ଆସିଥିଲୁ ତୁ ଏଭଳି ସତରେ ଡ଼ାକ୍ତର ନା ମିଛରେ। ଆମକୁ ଗାଁରୁ ଜଣେ ଯାଇ କହିଲେ ତା ଆମେ ମିଛ କି ସତ ଦେଖିବାକୁ ଆସିଥିଲୁ।

ରିନି କହିଲା ଓଃ !!! ତମେ ଯେତେବେଳେ ଘରୁ ବାହାର କରିଦେଲ। ମୁଁ ବଂଚିବାକୁ ହେଲେ କିଛି କର୍ମ କରିବାକୁ ପଡ଼ିବ ନା। ତେଣୁ ଭାବିଲି ମତେ ଜଣେ ଦେବଦୂତଙ୍କ ପରି ମୋ ବଂଚିବାର ରାହା ଦେଲେ। ସେବେଠୁ ନେଇ ଏ ପର୍ଯ୍ୟନ୍ତ କେତେ ଯେ ସଂଘର୍ଷ କରି ଆସିଛି। ଯୋଉଟା କି ମୁଁ ମୋ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଛି। ଆଜି ସେଇ ଦେବଦୂତଙ୍କୁ ଚିର ନମସ୍ୟ।

ହଉ ଆସିଛ ଯେତେବେଳେ କିଛି ଟଙ୍କା ନେଇ ଯାଅ। ପିଲାଙ୍କ ପାଇଁ କ'ଣ କିଛି କିଣି ନେଇଯିବ। ମୋ ପାଖରେ ମଣିଷ ପଣିଆ ଅଛି। ତମ ପରି ମୁଁ ନିର୍ଦ୍ଦୟ ନୁହେଁ।

ଆମକୁ କ୍ଷମା କରିଦେ ରିନି। ଆମର ଭୁଲ ହୋଇ ଯାଇଛି।

ରିନିକୁ ପଚାରିଲେ ତୋ ଶାଶୁଘର କୋଉଠି ରିନି ? ସବୁ କହିଲା ପରେ ରିନିର ଭାଇ ଭାଉଜ କହିଲେ ହଉ ଆମେ ଯାଉଛୁ ଆଉ କେବେ ତୋ ଘରକୁ ଯିବୁ। ଏହା କହି ପଳେଇଗଲେ।

ରିନି ଘରକୁ ଯାଇ ସବୁ କିଛି କହିଲା। ଘର ଲୋକ ଓ ସ୍ୱାମୀ ଶୁଣି କହିଲେ ହଉ ଆସନ୍ତୁ। ରିନିର ସ୍ୱାମୀ କହିଲେ ଆମର ଏବେ କିଛି ଅଭାବ ନାହିଁ। ସେତେବେଳେ ବୋଝ ଭାବି ଦୂରେଇ ଦେଇଥିଲେ। ଏବେ ତମେ ଭଲରେ ଅଛ। ଜାଣନ୍ତୁ ଯାହାକୁ ଆମେ ବୋଝ ଭାବି ଘରୁ ତଡ଼ି ଦେଉଥିଲୁ ତା ଯୋଗୁଁ ଆମେ ମୁଣ୍ଡ ନୁଆଇଁ ଚାଲୁଛୁ କି ମୁଣ୍ଡ ଟେକିକି। ଏମିତି ଧୀରେ ଧୀରେ ସେମାନେ ରିନି ଘରକୁ ଯିବା ଆସିବା କଲେ। ଗାଆଁରୁ ଅଞ୍ଚ ଜିନିଷ ନେଇକି ଗଲେ ଫେରିଲା ବେଳକୁ ଗାଡ଼ି ବୋଝେଇ କରି ଭଉଣୀ ରିନି ପାଖରୁ ଆଣିକି ଆସିଲେ।

ଭାଗ୍ୟ କି ଖେଳ ଖେଳେ... ଯାହାକୁ ଅସୁନ୍ଦରୀ ଅପାଠୋଇ କହି ଘରୁ ତଡ଼ି ଦେଇଥିଲେ। ସିଏ ଆଜି ରୋଜଗାର କରିଲା ବୋଲି ମଲି ମଲି ହୋଇ ଭଉଣୀ ଭଉଣୀ କହି ବଳେ ପଶିଲେ। ଏ ଦୁନିଆରେ ପଇସା କ'ଣ ନ କରି ପାରେ... ? ରିନି ଆଜି ଖୁବ୍ ଖୁସି ଅଛି। ଜୀବନର ସବୁ ଅବସାଦ ଅପସରି ଯାଇଛି। ଅମାବାସ୍ୟାର ଅମା ଅନ୍ଧାର ଦୂରେଇ ଗଲା... କଳାର କଳା ବାଦଲ ହଟିଗଲା...ମନର କୁତ୍ସିତ ଚିନ୍ତାଧାରା ଅପସରି ଗଲା... ସମାଜରେ ଏମିତି ଆହୁରି ଅନେକ ଅସୁନ୍ଦରୀ ରାତ୍ରୀର ଅନ୍ଧାରୀ ଭିତରେ ଗୁମୁରି ଗୁମୁରି ଲୁହ ଗଡ଼ାଉଥିବେ। ଅସୁନ୍ଦରୀର ସୁନ୍ଦରତା କର୍ମ ହିଁ ସଫଳତାର ପରିଚୟ...

+କରମକୂଳ, କେନ୍ଦ୍ରାପଡ଼ା

## ଡ. ସଦାନନ୍ଦ ଦୀକ୍ଷିତଃ ହେଲେ ଲୋକଭାଷା ପ୍ରଚାର ସମିତିର ରାଷ୍ଟ୍ରୀୟ ଅଧ୍ୟକ୍ଷ



ଭଦ୍ରକ,୨୧/୦୩ (ନି.ପ୍ର) : ସମଗ୍ର ବିଶ୍ୱରେ ସଂସ୍କୃତ ଭାଷାକୁ ଲୋକପ୍ରିୟ ଲୋକଭାଷାରେ ପରିଣତ କରିବା ଲକ୍ଷ୍ୟରେ ୧୯୮୩ ମସିହାରେ ପ୍ରତିଷ୍ଠିତ ଲୋକଭାଷା ପ୍ରଚାର ସମିତି ଦେଶର ୨୫ଟି ରାଜ୍ୟରେ ଶାଖା ମାଧ୍ୟମରେ ପ୍ରଚାର ପ୍ରସାର କରୁଛି। ଏହି ସର୍ବ ବୃହତ ସମିତିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ସମିତିର ପ୍ରତିଷ୍ଠାତା ଡକ୍ଟର ସଦାନନ୍ଦ ଦୀକ୍ଷିତଙ୍କୁ ମନୋନୀତ କରାଯାଇଛି। ପୁରୀଠାରେ ଅନୁଷ୍ଠିତ ଏହାର ୩୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଘୋଷିତ କର୍ମକର୍ତ୍ତା ଅବସରରେ ଏହି ମନୋନୟନ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପୁରୀରୁ ଡ. ମନୋରମା ଦାଶ, ଚେନ୍ନାଇରୁ ଡ. ମମତା ମିଶ୍ର, ଗୁଆହାଟିରୁ ଡ. ଗୋକୁଳେନ୍ଦ୍ର ନାରାୟଣ ଦେବଗୋସ୍ୱାମୀ, ଦିଲ୍ଲୀରୁ ଡ. ରାଧେଶ୍ୟାମ ଶୁକ୍ଳ, ବରୋଦାରୁ ଡ. ହରି ପ୍ରସାଦ ପାଣ୍ଡେୟ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିପରି ମହାସଚିବ ଭାବେ ପୁରୀରୁ ଡ. ବସନ୍ତ କୁମାର ମିଶ୍ର, କଟକରୁ ବିଭୂତି ନାରାୟଣ କର, ଦିଲ୍ଲୀରୁ ଡ. ଶ୍ରୀଧର ବାରିକ ଏବଂ ଆସାମରୁ ଡ. କୁଶଳ କଳିତା ରହିଥିବା ବେଳେ ସଚିବ ଭାବେ ପୁରୀରୁ ଡ. ହରପ୍ରିୟା ଦାଶ, ସୁରତରୁ ଡ. ଧନଞ୍ଜୟ ଭଂଜ, ସିକିମ୍‌ରୁ ଡ. ହେମପ୍ରସାଦ ଢକ୍କାଲ ଓ ନାଗପୁରରୁ ଡ. ପ୍ରଗତି ଦୀକ୍ଷିତ ମନୋନୀତ ହୋଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ସ୍କୁଲ ଫି' ଛାଡ଼ ପ୍ରସଙ୍ଗରେ ....

ରାଜ୍ୟ ସରକାରଙ୍କ ସହ ଏ ନେଇ ଏମଓୟୁ କରିଥିବା ସ୍କୁଲ ପାଇଁ ଉଦ୍ଦିଷ୍ଟ । ଚୁକ୍ତିପତ୍ରରେ ସ୍ୱାକ୍ଷର କରିନଥିବା ସ୍କୁଲ ଉପରେ ଲାଗୁ ହେବନାହିଁ ଫି' ହ୍ରାସ ବିଜ୍ଞପ୍ତି ରାଜ୍ୟ ସରକାର ଏହି ସ୍କୁଲ ସଂଘ ସହ ସାନି ଆଲୋଚନା କରିପାରିବେ ସହମତି ପ୍ରକାଶ ପାଇଲେ ଆଇନ ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ କରିପାରିବେ ରାଜ୍ୟ ସରକାର ସରକାରଙ୍କ ନୂଆ ବିଜ୍ଞପ୍ତି ଉପରେ ଅସନ୍ତୋଷ ଥିଲେ ହାଇକୋର୍ଟକୁ ଯାଇପାରିବେ ସ୍କୁଲ ସଂଘ ଆବେଦନକାରୀଙ୍କ ଦାବି କେତେ ଯୁକ୍ତିଯୁକ୍ତ ଏ ନେଇ ଟିପଣୀ ଦେଇନାହାନ୍ତି ସୁପ୍ରିମକୋର୍ଟ । କିମ୍ବା ରାଜ୍ୟ ସରକାରଙ୍କ କ୍ଷମତା ସଂପର୍କରେ ମଧ୍ୟ କିଛି କହିନାହାନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ସୁପ୍ରିମକୋର୍ଟଙ୍କ ରାୟକୁ ଫେଡେରେସନ୍ ଅଫ୍ ପ୍ରାଇଭେଟ ସ୍କୁଲ୍ସ ତର୍ଜମା କରି କହିଛି, ଏମଓୟୁରେ ସାମିଲ ନଥିବା ସ୍କୁଲଗୁଡ଼ିକ ଉପରେ ସରକାରଙ୍କ ଫି' ଛାଡ଼ ବିଜ୍ଞପ୍ତି ଲାଗୁ ହେବନାହିଁ । ରାୟକୁ ତର୍ଜମା କରି ସଂଘ ଆହୁରି ମଧ୍ୟ କହିଛି, ସମସ୍ତ ବିଦ୍ୟାଳୟ ୨୦୧୯-୨୦ ଓ ୨୦୨୦-୨୧ ଶିକ୍ଷାବର୍ଷର ଶତ ପ୍ରତିଶତ ସ୍କୁଲ ଦେୟ ଅଭିଭାବକମାନଙ୍କ ଠାରୁ ୬ଟି କିସ୍ତିରେ ଆଦାୟ କରିପାରିବେ । ସେପଟେ ଅଭିଭାବକ ମହାସଂଘ ଦାବି କରିଛି, ଫି' ଛାଡ଼ ମାମଲାରେ ରାଜ୍ୟ ସରକାର ଆଇସିଏସଇ, ସିବିଏସଇ ଆଦି ସମସ୍ତ ବୋର୍ଡ ପାଇଁ ଏକକ ବ୍ୟବସ୍ଥା କରି ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରନ୍ତୁ । ତେବେ ସ୍କୁଲ ଫି' ଛାଡ ପ୍ରସଙ୍ଗରେ ଏବେ ପୁଣିଥରେ ବିବାଦ ସୃଷ୍ଟି ହୋଇଛି । ରାଜ୍ୟ ସରକାର ଏ ନେଇ କି ପଦକ୍ଷେପ ନେବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

### ସୁପର ସ୍ପେଶାଲିଟି ହସ୍ପିଟାଲ ....

ତାଛଡ଼ା ଦୁନିଆକୁ ରାଉରକେଲା ବହୁ ମହାନ ହକି ଖେଳାଳି ଦେଇଛି । ବିଶେଷ ଭାବେ ମହିଳା ହକି ଖେଳାଳୀଙ୍କୁ ପ୍ରଶଂସା କରିଛନ୍ତି ରାଷ୍ଟ୍ରପତି। ଓଡ଼ିଶା ହକି ବିଶ୍ୱକପ୍ର ଆୟୋଜକ ଥିଲା । ଏହାକୁ ଭୁରୀ ଭୁରୀ ପ୍ରଶଂସା କରିଛନ୍ତି ରାମନାଥ । ଉଦ୍‌ଘାଟିତ ହସ୍ପିଟାଲରେ ନ୍ୟୁରୋଲୋଜି, ନ୍ୟୁରୋ ସର୍ଜରୀ, ନେଫ୍ରୋଲୋଜି ଭଳି ଅନ୍ୟାନ୍ୟ ବିଭାଗ ରହିଛି । ହସ୍ପିଟାଲରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ସମ୍ପନ୍ନ ୫ଟି ଅପରେସନ୍ ଥିଏଟର୍ ରହିଛି । ରାଉରକେଲା ସମେତ ପଡ଼ୋଶୀ ଜିଲ୍ଲାର ପାଖାପାଖି ୬ ଲକ୍ଷ ଲୋକଙ୍କ ପାଇଁ ବେଶ ଉପକୃତ ହେବେ। କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ସମେତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଫଗନ ସିଂହ କୁଲସ୍ତେ, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ସମେତ ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ୍ ପ୍ରମୁଖ ଉପସ୍ଥିତ ଥିଲେ।

### ମୋ କଲେଜ ଅଭିଯାନର ....

ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଅଭିଯାନ କେବଳ ଛାତ୍ରମାନଙ୍କ ପାଇଁ ସୀମିତ ନୁହେଁ। ଅଣ-ଆଲୁମିନି ସମାଜସେବୀ, ଦାନଶୀଳ ସଂଗଠନ, ଗୋଷ୍ଠୀ ଏବଂ ଅନୁଷ୍ଠାନ ମଧ୍ୟ ଏହି ଅଭିଯାନର ଅଂଶ ହୋଇପାରିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ସୁସ୍ଥ ଶୈକ୍ଷିକ ବାତାବରଣ ପାଇଁ ମିଶନର ପ୍ରଚେଷ୍ଟା କରିବ ଏବଂ ଏହା ରାଷ୍ଟ୍ରନିର୍ମାଣ, ଦକ୍ଷତା ବିକାଶ ଏବଂ ଦଳଗତ କାର୍ଯ୍ୟକୁ ପ୍ରୋତ୍ସାହନ କରିବ, ଯାହା ଦ୍ୱାରା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ଅଧ୍ୟୟନ ପାଇଁ ଏକ ଅଭିନବ ତଥା ରୋମାଂଚକର ସ୍ଥାନ ହୋଇପାରିବ। ଆମେ ସମସ୍ତେ ନିଜ ନିଜ ଶିକ୍ଷାନୁଷ୍ଠାନକୁ ଫେରାଇବାର ଆନନ୍ଦ ଅନୁଭବ କରିବା ଉଚିତ, ଯେଉଁଠାରେ ଆମେ ଆମର ଯୌବନର ଅତ୍ୟନ୍ତ ମୂଲ୍ୟବାନ ସମୟ ଅତିବାହିତ କରିଥିଲା ଏବଂ ଆମ ଭବିଷ୍ୟତ ନିର୍ମାଣ କରିଥିଲୁ। ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସ ନାୟକ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଗତ ୨୪ ଘଂଟାରେ ଦେଶରୁ ....

ଆକ୍ରାନ୍ତ ହୋଇଛନ୍ତି । ଅନ୍ୟପଟେ ଓଡିଶାରେ ଗତ ୨୪ ଘଂଟାରେ ୯୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସବୁଠାରୁ ଅଧିକ ଖୋର୍ଦ୍ଧା ଜିଲ୍ଲାରୁ ୧୫ ଏବଂ କଟକରୁ ୯ ଜଣ ଚିହ୍ନଟ ହୋଇଛନ୍ତି । ଏଥିସହ ରାଜ୍ୟରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୭୯ରେ ପଂହଚିଛି । ସେପଟେ ମଧ୍ୟପ୍ରଦେଶର ଭୋପାଳ, ଇନ୍ଦୋର ଓ ଜବଲପୁରରେ ପ୍ରତ୍ୟେକ ରବିବାର ଦିନ ଲକଡାଉନ ଘୋଷଣା କରାଯାଇଛି । ଏହିସବୁ ସହରରେ ୩୧ ମାର୍ଚ୍ଚ ଯାଏଁ ସ୍କୁଲ ଓ କଲେଜ ବନ୍ଦ ରଖାଯାଇଛି ।

### ଫେରିଯିବ ବାଘୁଣୀ....

ନିୟମାବଳୀ ଆଧାରରେ ପ୍ରକଳ୍ପ ପୁଣି ଆରମ୍ଭ ହେବ ବୋଲି ସେ କହିଛନ୍ତି। ବ୍ୟାଘ୍ର ବଂଶ ବୃଦ୍ଧି ପାଇଁ କାହ୍ନା ଅଭୟାରଣ୍ୟରୁ ବାଘୁଣୀ ସୁନ୍ଦରୀକୁ ସାତକୋଶିଆ ଅଭୟରଣ୍ୟକୁ ଅଣାଯାଇଥିଲା। ମାତ୍ର ବାଘୁଣୀ କୋର ଏରିଆକୁ ନଯାଇ ପାର୍ଶ୍ୱବର୍ତୀ ଅଂଚଳରେ ଘୂରି ବୁଲୁଥିଲା। ସୁନ୍ଦରୀ ମଣିଷ ଓ ଗୋରୁଙ୍କୁ ଶିକାର କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୁନ୍ଦରୀକୁ ଫେରାଇ ନେବା ପାଇଁ ଦାବି ଉଠିଥିଲା। ପରେ ସୁନ୍ଦରୀକୁ ଧରିବା ପାଇଁ ଆରମ୍ଭ ହୋଇଥିଲା ସ୍ୱତନ୍ତ୍ର ଅପରେସନ୍। ମାସାଧିକ କାଳ ଚେଷ୍ଟା ପରେ ସୁନ୍ଦରୀ ଧରା ପଡ଼ିଥିଲା।

## କବି ଅଜିତ୍ ପାତ୍ରଙ୍କୁ 'ଶାମସୁର ରାହମାନ ସ୍ମାରକ ପୁରସ୍କାର-୨୦୨୧' ପ୍ରଦାନ



ବାରିପଦା,୨୧/୦୩ (ନି.ପ୍ର): ଚଳିତ ମାର୍ଚ୍ଚ ୧୭ ତାରିଖରେ ପଶ୍ଚିମବଙ୍ଗ ବାଂଲା ଏକାଡେମୀ, କଲକାତାର ସଭାଗୃହରେ 'ଚୋଖ ସାହିତ୍ୟ ପତ୍ରିକା, ଉଭୟ ବାଂଲା ( ପଶ୍ଚିମବଙ୍ଗ ଓ ବାଂଲାଦେଶ ) ଦ୍ୱାରା ଆୟୋଜିତ ଏକ ଭବ୍ୟ ସମାରୋହରେ ଓଡିସା ସାହିତ୍ୟ ଏକାଡେମୀର ସଦସ୍ୟ କବି ଅଜିତ୍ ପାତ୍ରଙ୍କୁ ତାଙ୍କର ଓଡିଆ ଓ ବଙ୍ଗଳା ସାହିତ୍ୟରେ ବିଶେଷ ଅବଦାନ ପାଇଁ 'ଶାମସୁର ରାହମାନ ସ୍ମାରକ ପୁରସ୍କାର-୨୦୨୧' ପ୍ରଦାନ କରାଯାଇଛି । ଏହି ଉତ୍ସବରେ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ କବି ଶଙ୍ଖ ଘୋଷଙ୍କୁ 'ବଙ୍ଗବନ୍ଧୁ ଜନ୍ମଶତାବ୍ଦୀ ସ୍ମାରକ ପୁରସ୍କାର' ପ୍ରଦାନ କରାଯିବା ସହିତ ଆଉ ଅନ୍ୟାନ୍ୟ ୩ ଜଣଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଇଛି। ପ୍ରକାଶ ଥାଉକି, ଏଥିପୂର୍ବରୁ ଏହି ସଂସ୍ଥାନ ଆଜିକି ତିନି ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ପଶ୍ଚିମବଙ୍ଗ ତଥା ବାଂଲାଦେଶର ସାହିତ୍ୟ-ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଖ୍ୟାତ ବ୍ୟକ୍ତିମାନଙ୍କୁ ଏହି ପୁରସ୍କାର ଦେଇ ଆସୁଛନ୍ତି। ନୋବେଲ ପୁରସ୍କାର ବିଜେତା ଅମର୍ତ୍ୟ ସେନଙ୍କୁ ମଧ୍ୟ ୨୦୧୯ରେ ଏହି ସଂସ୍ଥାନ ତରଫରୁ ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, କବି ଅଜିତ୍ ପାତ୍ର ଓଡ଼ିଆ ସାହିତ୍ୟରେ ଜଣେ ପ୍ରତିଷ୍ଠିତ ନାଁ ସହିତ ଓଡ଼ିଆ ସାହିତ୍ୟକୁ ଅନୁବାଦ ମାଧ୍ୟମରେ ବାଂଲାଦେଶର ପାଠକମାନଙ୍କ ପାଖରେ ପହଂଚାଇଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର କରିବା ସହିତ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଉପାଚାର୍ଯ୍ୟ ଶିକ୍ଷାବିତ ଡ଼ଃ ପବିତ୍ର ସରକାର ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବରେ ନାଟ୍ୟକାର ପାର୍ଥ ଲାହା ଯୋଗଦେଇଥିଲେ। ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଉତ୍ସବକୁ ସୁଚାରୁରୂପେ ପରିଚାଳନା କରିଥିଲେ। ତେବେ କବି ଶ୍ରୀ ପାତ୍ରଙ୍କୁ ଏହି ପୁରସ୍କାର ମିଳିବା ପରେ ବହୁ ସାରସ୍ୱତ ଅନୁଷ୍ଠାନ ତଥା ବ୍ୟକ୍ତି ବିଶେଷଙ୍କ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ଆମ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧/୦୩(ନି.ପ୍ର): ବିଶ୍ୱ କବିତା ଦିବସରେ ଆମ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସେ ଟ୍ୱିଟ କରି କହିଛନ୍ତି ଯେ - ମଣିଷ ମନର ସୃଜନଶୀଳତାକୁ ପରିପ୍ରକାଶ କରିବା ସହ ଭାଷା ଓ ସଂସ୍କୃତିର ସୁରକ୍ଷା ଦିଗରେ କବିତାର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଆ କାବ୍ୟ ଜଗତକୁ ଋଦ୍ଧିମନ୍ତ କରିଥିବା ସମସ୍ତ କବିମାନଙ୍କୁ ହୃଦୟରୁ ସମ୍ମାନ ଜଣାଉଛି। ବିଶ୍ୱ କବିତା ଦିବସରେ ଆସନ୍ତୁ ଆମ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ସଂକଳ୍ପବଦ୍ଧ ହେବା।

## ରାଜ୍ୟସ୍ତରୀୟ ଏନଏସଏସ ପୁରସ୍କାର ବିତରଣ
## ପୁରସ୍କୃତ ହେବେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଓ ପ୍ରୋଗ୍ରାମ ଅଫିସର

ବାରିପଦା,୨୧/୦୩ (ନି.ପ୍ର): ଆସନ୍ତା ମାର୍ଚ୍ଚ ୨୨ ତାରିଖରେ ଭୁବନେଶ୍ୱର ଠାରେ ରାଜ୍ୟ ସ୍ତରୀୟ ଏନ.ଏସ.ଏସ. ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବାକୁଥିବା ବେଳେ ଏନ.ଏସ.ଏସ.ରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ସ୍ୱେଚ୍ଛାସେବୀ ଏବଂ ଦକ୍ଷ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ସମ୍ମାନୀତ କରାଯିବ ବୋଲି ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ବିଭିନ୍ନ ବିଶ୍ୱ ବିଦ୍ୟାଳୟର କୁଳସଚୀବ ମାନଙ୍କୁ ଜଣାଇ ଦିଆଯାଇଛି । ଚଳିତ ବର୍ଷ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ୬ଜଣ ସ୍ୱେଚ୍ଛାସେବୀ ଓ ୩ଜଣ କାର୍ଯ୍ୟକ୍ରମ ଅଧିକାରୀଙ୍କ ନାମ ପୁରସ୍କାର ତାଲିକାରେ ରହିଥିବାର ଜଣାଯାଇଛି । ଏହି ୨୦୧୯-୨୦ ରାଜ୍ୟ ସମ୍ମାନ ପ୍ରାପ୍ତି ତାଲିକାର ପ୍ରଥମରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଡଃ ସ୍ମୃତିରଞ୍ଜନ ଦାସ ଓ ସେହି ତାଲିକାରେ ଅନ୍ୟଜଣେ ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ କରଂଜିଆ ସ୍ୱୟଂ ସାଶିତ ମହାବିଦ୍ୟାଳୟର ଡଃ ଦେବେଶ ହୋତା ରହିଥିବାର ଜଣାଯାଇଛି । ଏହା ବ୍ୟତୀତ ୨୦୧୮-୧୯ ତାଲିକାରେ ମୟୂରଭଞ୍ଜ ଜିଲ୍ଲାର କୁଣ୍ଡାବାଇ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଦିଲ୍ଲୀପ କୁମାର ପ୍ରମାଣିକ, ସ୍ୱେଚ୍ଛାସେବୀ ସ୍ମୃତି ମାଇତି, ଜ୍ୟୋତିର୍ମୟୀ ପଲାଇ, ଆଶିଷ କୁମାର ବେହେରା, ଦିବ୍ୟାନୀ ବେହେରା, ପ୍ରଭଞ୍ଜନ ମଣ୍ଡଳ, ଦୀପକ କୁମାର ପ୍ରଧାନ ପ୍ରମୁଖ ପୁରସ୍କୃତ ହେବେ ବୋଲି ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ସିଧାନ୍ତ ହୋଇଥିବାର ଜଣାଯାଇଛି । ତେବେ ତାଲିକାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ ଅଧିନରେ କାର୍ଯ୍ୟରତ ସବୁଠାରୁ ଅଧିକ ସଂଖ୍ୟକ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ନାମ ପୁରସ୍କାର ତାଲିକାରେ ଥିବାରୁ ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି ।

## ପ୍ରଥମ ଥର ପାଇଁ ହରିବୋଲ କ୍ଷେତ୍ରର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭଜନ ଭିଡ଼ିଓ ଲୋକାର୍ପିତ



ଭଦ୍ରକ,୨୧/୦୩ (ନି.ପ୍ର): ଗୋପାଳବିନ୍ଧା ଗ୍ରାମରେ ଅନୁଷ୍ଠିତ ତ୍ରିଦିବସୀୟ ଆଞ୍ଚଳିକ ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିନରେ କେଶପୁର ହରିବୋଲ କ୍ଷେତ୍ରରେ ବିଜେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଲୀଳା, ମହିମା ଉପରେ ଆଧାରିତ ଓ ମାଆ ଭଦ୍ରକାଳୀଙ୍କ ୧୦ଟି ଭାବପୂର୍ଣ୍ଣ ଭଜନର ଭିଡ଼ିଓ ଲୋକାର୍ପିତ ହୋଇ ଯାଇଛି। ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ବିଶ୍ୱଶାନ୍ତି ମହାଯଜ୍ଞ କମିଟିର ମୁଖ୍ୟ କର୍ମକର୍ତ୍ତା ସୁରେନ୍ଦ୍ର ପ୍ରସାଦ ଦାସ, ରାମଚନ୍ଦ୍ର ପଣ୍ଡା, ଦୁର୍ଗାଶଙ୍କର ଚକ୍ରବର୍ତ୍ତୀ, ପୂଜକ ଜନ୍ମେଜୟ ଉଦ୍‌ଗାତାଙ୍କ ସମେତ ପ୍ରଯୋଜକ ନଗେନ୍ଦ୍ର ପ୍ରସାଦ ଦାସ, ସଂଗୀତ ନିର୍ଦ୍ଦେଶକ ରୁଦ୍ରମାଧବ, ଗୀତିକାର ଭୀମ ଚରଣ ପରିଡ଼ା, ଚିତ୍ରଶିଳ୍ପୀ ପ୍ରେମଶ୍ରୀ ରାଉତ, କଣ୍ଠଶିଳ୍ପୀ ଦେବେନ୍ଦ୍ର ପ୍ରସାଦ ପଣ୍ଡା, କନକଲତା ପଣ୍ଡାଙ୍କ ଦ୍ୱାରା ଭଜନ ସିଡ଼ି ଟି ଲୋକାର୍ପିତ ହୋଇଥିଲା। ଏଲଇଡ଼ି ମାଧ୍ୟମରେ ଏହାକୁ ପ୍ରଦର୍ଶନ କରାଯାଇଥିଲା। ଭଜନ ଗୁଡ଼ିକର ସଂଗୀତ ନିର୍ଦ୍ଦେଶନା ରୁଦ୍ରମାଧବ ଦେଇଥିବା ବେଳେ ଏଥିରେ ରୁଦ୍ରମାଧବ, ନଗେନ ଭାଇ, ମିନତୀ ମହାନ୍ତି, କୃଷ୍ଣା କାବେରୀ, ଲୋପାମୁଦ୍ରା ପଣ୍ଡା, ଦେବେନ୍ଦ୍ର ପଣ୍ଡା, ଟିକିଲତା ବେହେରା, ସୁବାସ ଦାସ ଓ ଶ୍ରୀଚରଣ ମହାନ୍ତି କଣ୍ଠଦାନ କରିଛନ୍ତି। ଗୀତିକାର ମାନେ ହେଲେ ରୁଦ୍ରମାଧବ, ଭୀମଚରଣ ପରିଡ଼ା, ମିନତୀ ମହାନ୍ତି, ପଣ୍ଡିତ ରବିନ୍ଦ୍ର କୁମାର ଦାଶ ଓ ଉମେଶ କୁମାର। ହରିବୋଲ କ୍ଷେତ୍ରର ପ୍ରଚାର ପ୍ରସାର ପାଇଁ ଭଜନ ଭିଡ଼ିଓ ମାଧ୍ୟମରେ ଏହି ପ୍ରୟାସକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ। ମହାଯଜ୍ଞ କମିଟିର ସହଯୋଗରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

## ରାଜ୍ୟ ପଣ୍ୟାଗାର ନିଗମର ୬୩ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୨୧/୦୩ (ନି.ପ୍ର): ବିଗତ ଦୁଇଦଶନ୍ଧିରେ ରାଜ୍ୟ ସରକାରଙ୍କ ଦ୍ୱାରା ଜଳସେଚନର ସୁବିଧା ଓ ସମୟୋଚିତ ଯୋଜନା ଫଳରେ ରାଜ୍ୟ କୃଷି କ୍ଷେତ୍ରରେ ପ୍ରଭୂତ ଉନ୍ନତି ହାସଲ କରିଛି ଏବଂ ଖାଦ୍ୟଶସ୍ୟ ଓ ଅନ୍ୟ କୃଷିଜାତ ଦ୍ରବ୍ୟର ଉତ୍ପାଦନ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଓଡ଼ିଶା ଚାଉଳ ଉତ୍ପାଦନରେ ଏକ ବଳକା ରାଜ୍ୟରେ ପରିଣତ ହୋଇଛି । ଏହି ପରିପ୍ରେକ୍ଷୀରେ ଖାଦ୍ୟଶସ୍ୟକୁ ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ ଓ ସୁଷମ ବଣ୍ଟନକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି । କୃଷି କ୍ଷେତ୍ରର ଉତ୍ପାଦନ ଓ ବିପଣନ ବ୍ୟବସ୍ଥା ମଧ୍ୟରେ ପଣ୍ୟାଗାର ସମନ୍ୱୟ ରକ୍ଷା କରୁଥିବାରୁ ଏହାର ସୁପରିଚାଳନା ଆଜିର ଆହ୍ୱାନ ବୋଲି ଖୋଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ରବିବାର ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ୬୩ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ କୃଷିଜାତ ଦ୍ରବ୍ୟକୁ ଏପରି ଭାବରେ ସଂରକ୍ଷଣ କରି ରଖିବାକୁ ପଡ଼ିବ, ଯେପରି ଏହାର ଗୁଣାତ୍ମକ ମାନ ବଜାୟ ରହିବ। ଏଥି ନିମନ୍ତେ ଉନ୍ନତ ଜ୍ଞାନକୌଶଳ ଓ ବୈଜ୍ଞାନିକ ପଦ୍ଧତି ଆପଣେଇବାକୁ ପଡ଼ିବ। ଏଥି ସହିତ ଗୋଦାମଗୃହର ପୂର୍ଣ୍ଣ ବିନିଯୋଗ ନିମନ୍ତେ ସପ୍ଲାଇ ଚେନ୍ ମ୍ୟାନେଜ୍‌ମେଂଟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଗୋଦାମ ଗୃହଗୁଡ଼ିକର ଦକ୍ଷ ପରିଚାଳନା ନିମନ୍ତେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଓ କମ୍ପ୍ୟୁଟରାଇଜେସନ୍ ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଉତ୍ସବରେ ଅଧ୍ୟକ୍ଷତା କରି ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ଗରଡ଼ିଆ କହିଲେ ଯେ ନିଗମ ଏହାର ଅଂଶୀଦାର ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରୀୟ ପଣ୍ୟାଗାର ନିଗମକୁ ନିୟମିତ ଲାଭାଂଶ ପ୍ରଦାନ କରିଆସୁଛି।

## ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ପାଳିତ

ଭୁବନେଶ୍ୱର,୨୧/୦୩(ନି.ପ୍ର) : ଶ୍ରୀ ଶ୍ରୀ ମା' ଡାଲଖାଇ ଆଂଚଳିକ ଓଡ଼ିଶୀ ସଂକୀର୍ତନ ସମିତି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ଶତବାର୍ଷିକ ପାଳନ କରାଯାଇଛି। ମଣ୍ଡଳ ତରଫରୁ ରବିବାର ପ୍ରତ୍ୟୁଷରୁ ବାଳକାଟିସ୍ଥିତ ମଦନମୋହନ ମନ୍ଦିରରେ ସଂକୀର୍ତନ କରାଯାଇ ମହାତ୍ମା ଗାନ୍ଧୀ ତାଙ୍କ ଓଡିଶା ଗସ୍ତ ସମୟରେ ହରିଜନ ପଦଯାତ୍ରାରେ ଯୋଗ ଦେଇ ଗସ୍ତ କରିଥିବା ପୁରୁଣା ଜଗନ୍ନାଥ ସଡ଼କରେ ଏକ ସଂକୀର୍ତନ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଜୟଦେବ ବିଧାୟକ ଡଃ. ଅରବିନ୍ଦ ଢାଲି, କଂଗ୍ରେସ ନେତା ବେଣୁଧର ଭୋଇ, ଭାଜପା ନେତା ଶିବ ମଲ୍ଲିକ, ସରପଂଚ ଭାଗ୍ୟଧର ନନ୍ଦୀ, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସମିତିର ସଂଯୋଜକ ପ୍ରବୀର ମହାନ୍ତି, ସତ୍ୟ ଜେନା, ମହାତ୍ମା ପଦଯାତ୍ରା ସ୍ମୃତି କମିଟିର ସଭ୍ୟ ଲକ୍ଷ୍ମୀଧର ବେହେରା ପ୍ରମୁଖ ବାଳକାଟି ବଜାର ପରିକ୍ରମା କରିବା ପରେ ଏହି ସଂକୀର୍ତନ ଶୋଭାଯାତ୍ରା ଗଡ଼କଂଟୁଣିଆ ସୁଦର୍ଶନ ଦାରୁପୀଠ ଦେଇ ଚଉଷଠୀ ଯୋଗିନୀ ପୀଠରେ ପହଂଚିଥିଲା। ଏହାପରେ ଟଙ୍କପାଣି ରୋଡ, ରଙ୍ଗବଜାର, ସତ୍ୟଭାମାପୁର, ଇନ୍ଦ୍ରପାଳ, ବଇଁଚୁଆ, ଭୁବନପୁର ଦେଇ ଶୋଭାଯାତ୍ରା ବାଲିଅନ୍ତା ଗାନ୍ଧୀ ପୀଠରେ ପହଂଚିଥିଲା ।

## ସହି ପାରିଲା ନାହିଁ ଗ୍ରାମବାସୀଙ୍କ ନିର୍ଯ୍ୟାତନା
## ଶେଷରେ ଭାଗିରଥୀ ଆତ୍ମହତ୍ୟାକୁ ବାଛିନେଲେ



ଖଇରା,୨୧।୩ : (ନିପ୍ର) ଖଇରା ଥାନା ତୁରିଗଡିଆ ନିକଟସ୍ଥ ତେନ୍ତୁଳିଆ ପଡା ଗ୍ରାମରେ ଗଛ ଡାଳ କଟାକୁ କେନ୍ଦ୍ରକରି ଘଟଛି ଅଘଟଣ । ଅଭିଯୋଗରେ ପ୍ରକାଶ ଯେ ଏହି ଗ୍ରାମର ଭାଗିରଥି ଦାସ(୪୬) ତାଙ୍କ ଘର ଉପରେ ଦୁଇମହଲା କାର୍ଯ୍ୟ ଆରମ୍ଭ କରିବା ପାଇଁ ଚେଷ୍ଟା କରିଥିଲେ । ଘରକୁ ଲାଗି ଏକ ବିରାଟକାୟ ନିଦ୍ରାବତୀ ଗଛ ଥିଲା ଏହାର ଡାଳ ଛାତ ଉପରକୁ ଲାଗିଥିବାରୁ କାମ କରିବା ପାଇଁ ସମାସ୍ୟା ଦେଖାଦେଇଥିଲା । ଏଥିନେଇ ସେ ଗ୍ରାମ୍ୟ କମିଟିରେ ସେ ଅଭିଯୋଗ କରିଥିଲେ । କମିଟିର ସିଦ୍ଧାନ୍ତ ଅନୁଯାୟୀ ସେ ଗଛର ଡାଳ କିଛି କାଟିଥିଲେ । କମିଟି ଅନୁମତି ଦେଇଥିବା ଡାଳ ବ୍ୟତିତ ଅନ୍ୟ ଅଧିକ ଡାଳ କାଟିଦେଇଥିବାରୁ ଏଥିନେଇ କମିଟି ଓ ଭାଗିରଥି ମଧ୍ୟରେ ଗତ ୧୯ ତାରିଖରେ ବଚସା ହେଲାପରେ ଥାନାରେ ଅଭିଯୋଗ କରିଥିଲେ । ଖଇରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଉଭୟ ପକ୍ଷ ବୁଝାବଣା ଭିତରେ କାର୍ଯ୍ୟକରିବା ପାଇଁ ପରାମର୍ଶଦେଇ ଫେରିଯାଇଥିଲା । ପୋଲିସ ଗଲାପରେ ଉକ୍ତ ଘଟଣାକୁ କେନ୍ଦ୍ରକରି ୨୦ ତାରିଖ ରାତିରେ ଭାଗୀରଥିଙ୍କୁ ଗ୍ରାମବାସୀମାନେ ଗୋଟିଏ ଘର ଭିତରେ ପୁରାଇ ମାଡମାରି ସ୍ତ୍ରୀ ଛୁଆପିଲାଙ୍କୁ ଅନ୍ୟ ଏକ ଘରେ ପୁରାଇ ଦେଇଥିଲେ । ସ୍ତ୍ରୀ ଛୁଆପିଲାମାନେ ଗ୍ରାମବାସୀ ଯିବା ପରେ କବାଟ ଭାଙ୍ଗିଦେଇ ବାପ ରହିଥିବା ଘର ଝରକା ଖୋଲି ଦେଖିବାକୁ ପାଇଲେ ଯେ ବାପା ଭାଗୀରଥି ଫ୍ୟାନରେ ଗାମୁଛା ଲଗାଇ ଝୁଲିପଡିଥିବାର ଦେଖାଯାଇଥିଲା । ମଧ୍ୟରାତ୍ରୀରେ ଏସବୁ ଘଟଣା ଘଟିଥିବାର ମୃତ ଭାଗୀରଥିଙ୍କ ସ୍ତ୍ରୀ ଆରତି ଲିଖିତ ଅଭିଯୋଗ ଥାନାରେ କରିଥିଲେ । ଖବର ପାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ସୋର ପଠାଇଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକ ମୃତ ଦେହକୁ ଟ୍ରଲିରେ ରଖି ସୋର କୁପାରି ରାଜ୍ୟରାଜପଥର ତୁଡିଗଡିଆ ଠାରେ ରାସ୍ତା ଅବରୋଧ କରିଥିଲେ । ଅଭିଯୁକ୍ତମାନଙ୍କୁ ଗିରଫ ସହିତ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ ଦାବି କରିଥିଲେ । ରାସ୍ତାର ଉଭୟ ପାର୍ଶ୍ୱରେ ଟାୟାର ଜାଳି ରାସ୍ତା ଅବରୋଧ କରିବା ଯୋଗୁଁ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରିରହିଛି । ଯାହାଫଳରେ କି ବହୁ ଯାତ୍ରୀବାହି ବସ ଉଭୟ ପାର୍ଶ୍ୱରେ ଅଟକି ରହିବା ଯୋଗୁଁ ନାହିଁ ନଥିବା ଅସୁବିଧାରେ ଜନସାଧାରଣ ସମ୍ମୁଖିନ ହୋଇଛନ୍ତି । ଉତ୍ୟକ୍ତ ଲୋକମାନଙ୍କୁ ଖଇରା ଥାନା ଆଇଆଇସି ସୁବ୍ରତ କୁମାର ବେହେରା,ଏସଆଇ ଶ୍ୟାମସୁନ୍ଦର ବିନ୍ଧାଣୀ ବୁଝାଇଥିଲେ ମଧ୍ୟ ରାସ୍ତାରୋକ ହଟିନଥିଲା ।

## ଗାନ୍ଧୀଙ୍କ ଭଦ୍ରକ ପ୍ରଥମ ଆଗମନର ଶତ ବାର୍ଷିକୀ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ




ଭଦ୍ରକ,୨୧/୦୩ (ନି.ପ୍ର) : ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଓଡ଼ିଶାକୁ ପ୍ରଥମ ଆଗମନର ଶହେ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ଏହାକୁ ସ୍ମରଣୀୟ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଉଛି। ଗାନ୍ଧିଜୀଙ୍କ ଓଡ଼ିଶା ଆଗମନରେ ଭଦ୍ରକକୁ ପ୍ରଥମ ମାର୍ଚ୍ଚ ୨୫ ତାରିଖରେ ଆଗମନ କରିଥିବାରୁ ଭଦ୍ରକ ଜିଲ୍ଲାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଚଳିତ ବର୍ଷ ମାର୍ଚ୍ଚ ୨୫ ତାରିଖରୁ ୨୦୨୨ ମାର୍ଚ୍ଚ ୨୫ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯିବ। ସେଥି ନିମନ୍ତେ ଭଦ୍ରକ ଜିଲ୍ଲା ପ୍ରଶାସନ କୋଭିଡ଼ କଟକଣା ମଧ୍ୟରେ ଏହି ଉତ୍ସବକୁ ପାଳନ କରିବାକୁ ଯାଉଛି। ଏଥି ନିମନ୍ତେ ପ୍ରଶାସନ ପକ୍ଷରୁ ଆଜି ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମାନନୀୟା ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀର ମାନ୍ୟବର ବିଧାୟକ ପ୍ରଫୁଲ୍ଲ ସାମଲ, ଧାମନଗରର ମାନ୍ୟବର ବିଧାୟକ ବିଷ୍ଣୁ ସେଠୀ, ଭଦ୍ରକର ମାନ୍ୟବର ବିଧାୟକ ସଂଜିବ କୁମାର ମଲ୍ଲିକ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅତିରିକ୍ତ ଜିଲ୍ଲାପାଳ ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ପୌର ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲେଖ ଚନ୍ଦ୍ର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ୨୫ ତାରିଖ ଭୋର ୪ଟା ୩୦ରେ ସମଗ୍ର ସହରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପ୍ରଚାର କରାଯିବ। ପରେ ସକାଳ ୮ଟା ସମୟରେ ଗାନ୍ଧୀ ପଡ଼ିଆ, ମହତାବ କୋଠୀ, ଜିଲ୍ଲା ସ୍କୁଲ ପରିସରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯିବ। ୮ଟା ୩୦ରେ ଚରମ୍ପା ରେଳ ଷ୍ଟେସନ ଠାରୁ ସ୍ୱଳ୍ପ ଗାନ୍ଧୀପ୍ରେମୀଙ୍କୁ ନେଇ କୋଭିଡ଼ କଟକଣାରେ ଏକ ଶୋଭାଯାତ୍ରା ବାହାରି ଗାନ୍ଧୀ ପଡ଼ିଆରେ ପହଞ୍ଚିବ। ସେଠାରେ ଶୋଭାଯାତ୍ରୀମାନେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ପରେ ଜିଲ୍ଲା ସଂସ୍କୃତି ଭବନରେ ଗାନ୍ଧୀଙ୍କ ଫଟୋ ପ୍ରଦର୍ଶନୀ ଉଦ୍‌ଘାଟନ କରାଯିବ। ଏହି କାର୍ଯ୍ୟକ୍ରମ ପରେ ଟାଉନ ହଲରେ ଗାନ୍ଧୀ ଚର୍ଚ୍ଚା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସଭା କାର୍ଯ୍ୟ କୋଭିଡ଼ କଟକଣାରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ପାଳନ କରାଯିବ। ଏହି ଅବସରରେ ପୌରପାଳିକା ପକ୍ଷରୁ ସହର ମଧ୍ୟରେ ଦିବସ ବ୍ୟାପୀ ରାମଧୂନ ଓ ଗାନ୍ଧୀ ଭଜନ ପରିବେଷଣ କରାଯିବ।

ଧ୍ୱନି ପ୍ରତିଧ୍ୱନି



# ମୋ କଲେଜ ଅଭିଯାନ ପୋର୍ଟାଲର ଉନ୍ମୋଚନ : ଡି.କେ କଲେଜରେ ପ୍ରତିବିମ୍ବିତ

ଜଳେଶ୍ୱର, ୨୧/୩ (ନିପ୍ର) : ଆଜି ଅପରାହ୍ନ ୪ଟା ସମୟରେ ଭୁବନେଶ୍ୱରର ଲୋକସେବା ଭବନ ପରିସରରେ ମୋ କଲେଜ ଅଭିଯାନ ପୋର୍ଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୋ କଲେଜ ଅଭିଯାନ ପରିଚାଳନା ସଂଗଠନର ରାଜ୍ୟସ୍ତରୀୟ ମୁଖ୍ୟ ଆକାଶ ଦାସ ନାୟକ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ପ୍ରଶାସନୀକ ଅଧିକାରୀ ପ୍ରଦୀପ କୁମାର ଜେନା, ଉଚ୍ଚଶିକ୍ଷା ବିଭାଗର ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗ ଦେଇ ପ୍ରକଳ୍ପର ଅଭିପ୍ରାୟକ ଉଦ୍ଦେଶ୍ୟ ଓ ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଅତ୍ୟାଧୁନୀକ ଜ୍ଞାନକୌଶଳ, ଡିଜିଟାଲ ଗବେଷଣା, ଶିକ୍ଷା ଦକ୍ଷତା ବିକାଶ, ସୃଜନ ଶୀଳତା, ବ୍ୟକ୍ତିତ୍ୱ ବିକାଶ, ସ୍ୱେଚ୍ଛାସେବୀ ମନୋଭାବ, କ୍ରୀଡା ଓ ନେତୃତ୍ୱର ବିକାଶ ଲାଗି ସରକାରଙ୍କ ସହିତ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷାମାନଙ୍କୁ ଯୋଡିବାଲାଗି ଏହାର ମୂଳ ଉଦ୍ଦେଶ୍ୟବୋଲି ସେମାନେ ମତବ୍ୟକ୍ତ କରିଛନ୍ତି । ଏହାର ସିଧା ପ୍ରସାରଣକୁ ଦିନକୃଷ୍ଣ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ପ୍ରତିଫଳନ କରାଗଲା ବେଳେ କଲେଜ ଅକ୍ଷ୍ୟକ୍ଷ ଡ. ରମେଶ ଚନ୍ଦ୍ର ରାଉତ, ସଂଯୋଜକ ଡ. ହିମାଂଶୁ ସେଖର ସାମଲ, ଆଲୁମିନି ଆବାହକ ଡ. ଚିତ୍ତରଂଜନ ଭଂଜ, ସଭାପତି ଡ. ରମାକାନ୍ ଭଂଜ, ଉପସଭାପତି ଅବନୀ ଚାନ୍ଦ, ସାଧାରଣ ସଂପାଦକ ଜିତାରାମ ଦେ, ଯୁଗ୍ମ ସଂପାଦକ ପତିତ ପାବନ ପ୍ରଧାନ, ସହ ସଂପାଦକ କାଳିଚରଣ ଦାସ, ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀ ପ୍ରମୁଖ ଏଥିରେ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ସୁଧାଂଶୁ ସେଖର ଗିରି, ରାଧାରଂଜନ ସେନାପତି, ଡ. ମାନସ କୁମାର ଦାସ, ଡ. ସୁଶାନ୍ତ କୁମାର ଗିରି, ଅଜୟ କୁମାର ଗିରି, ବିଜୟ କୁମାର ମଲ୍ଲିକ, ପୁଷ୍ପାଞ୍ଜଳି ପାଇକରାୟ, ସୁକାନ୍ତ କୁମାର ଦାସ, ସୁରେଶ କୁମାର ଜେନା, ବ୍ରଜମୋହନ ପଟ୍ଟାୟତ, ସୁନିଲ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ ।

# ବିଶ୍ୱ ଜଳଦିବସ : ବିହନ ପିଣ୍ଡୁଳାରେ ଜଳ ବଂଚିବାର ବାର୍ତ୍ତା

ଭୁବନେଶ୍ୱର,୨୧/୦୩ (ନି.ପ୍ର): ମାର୍ଚ୍ଚ ୨୨ ତାରିଖକୁ ସାରା ବିଶ୍ୱ ଜଳ ଦିବସ ରୂପେ ପାଳନ କରୁଛି । ସମ୍ପ୍ରତି ସାରା ବିଶ୍ୱ ଦିନକୁ ଦିନ ଜଳସଙ୍କଟ ଆଡ଼କୁ ଗତି କରୁଛି । ପରିବେଶବିତ୍, ବୈଜ୍ଞାନିକମାନଙ୍କ ପାଇଁ ଏହା ଚିନ୍ତାର ବିଷୟ ପାଲଟିଯାଇଛି । କିପରି ଭାବେ ଏ ବିଶ୍ୱକୁ ଏ ସଙ୍କଟରୁ ଉଦ୍ଧାର କରିବେ ଦିନରାତି ଗବେଷଣା ବି ଚାଲିଛି । ଜନ ସଚେଜନତା ବି ସୃଷ୍ଟି କରାଯାଉଛି । ଭୂତଳ ଜଳ ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି । ଏବେଠାରୁ ପାଣି ପାଇଁ ଚାରିଆଡ଼େ ଲୋକେ ତ୍ରାହି ବିକଳର ଦୃଶ୍ୟ ଦେଖିବାକୁ ମିଳିଲାଣି । ଭାଗବତ କୁହେ ପାଣି, ପବନ ଲାଗି ଦେହ, ଏଥୁ ଅଧିକେ କିଛି କୁହ । ଜଳ ବଂଚିଲେ ଜୀବନ ବଂଚିବ । ସେଥିପାଇଁ ଜଳର ଅନ୍ୟ ନାମ ଜୀବନ ବୋଲି କହିଥାଉ । ଏକ ବୁନ୍ଦା ଜଳ ଜଣେ ଶୋଷିଲା ଲୋକ ପାଇଁ ବହୁ ମଲ୍ୟବାନ । ଜାତିସଂଘ ଦ୍ୱାରା ହୋଇଥିବା ପରିସଂଖ୍ୟାନ ରିପୋର୍ଟ କୁହେ ପୃଥିବୀ ଜନସଂଖ୍ୟାର ୨.୧ ବିଲିୟନ ଲୋକ ନିରାପଦ ପାନୀୟ ଜଳ ପାଆନ୍ତି ନାହିଁ । ପ୍ରତି ୪ଟି ପ୍ରାଥମିକ ସ୍କୁଲରୁ ୧ଟି ସ୍କୁଲରେ ନିରାପଦ ପାନୀୟ ଜଳର ସୁବିଧା ନଥାଏ । ପ୍ରାୟ ବର୍ଷକୁ ୫ ବର୍ଷରୁ କମ୍ ୭ଶହ ପିଲା ଅପରିଷ୍କାର ପାଣି ପିଇ ଡ଼ାଇରିଆ ଯୋଗୁ ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ଏଭଳି ଘଡ଼ିସନ୍ଧି ମୁହୂର୍ତରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍ମାର୍ଟନଗରୀ ଭୁବନେଶ୍ୱର ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ ଠାରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ବିଶ୍ୱ ଜଳ ଦିବସ ଅବସରରେ ବିହନ ପିଣ୍ଡୁଳାରେ ବଳିଷ୍ଠ ବାର୍ତ୍ତା ପ୍ରଦାନ କରିଛନ୍ତି । ମାଟି, ଖତ, ମଞ୍ଜିରେ ପ୍ରସ୍ତୁତ ଏହି ପରିବେଶ ଉପଯୋଗୀ ବିହନ ପେଣ୍ଡୁ ଗୁଡ଼ିକୁ ଗଛ ରୂପରେ ସ୍ଥାନିତ କରି ଜଳସଂରକ୍ଷଣ ଦିଗରେ ଗଛର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଯାହା ସେ ଏହି ବିହନ ପିଣ୍ଡୁଳାରେ ଦର୍ଶାଇଛନ୍ତି । ନିମ୍ନଗାମୀ ଜଳକୁ ରୋକିବାରେ ହେଉ, କି ଜଳ ସଂଚୟ ହେଉ, କି ପରିବେଶ ସନ୍ତୁଳନ ଦିଗରେ ଗଛର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ବର୍ତମାନ ଏହି ସଙ୍କଟ ପରିସ୍ଥିତିରେ ବିହନ ପିଣ୍ଡୁଳାରେ ଯଥେଷ୍ଟ ଆବଶ୍ୟକତା ରହିଛି । ସ୍ୱଳ୍ପ ଖର୍ଚ୍ଚ ଓ କମ୍ ସମୟରେ ସବୁଜିମା ସୃଷ୍ଟି କରିବା ଦିଗରେ ବିହନ ପେଣ୍ଡୁ ଅର୍ଥାତ୍ (ସିଡ୍‌ବଲ୍) ଏକମାତ୍ର ସାହା ଯାହା ଜଳ ସଙ୍କଟକୁ ରୋକିବାରେ ବେଶ୍ ସହାୟକ ହୋଇପାରିବ ବୋଲି ଶ୍ରୀ ସାହୁ ଆଶା ପ୍ରକଟ କରିଛନ୍ତି । ଏଣୁ ପ୍ରତ୍ୟେକ ମଣିଷ ନିଜ ପାଇଁ ଓ ଭବିଷ୍ୟତର ପିଢୀ ପାଇଁ ଗୋଟିଏ ଲେଖାଏଁ ଗଛ ଲଗାଇବା ପାଇଁ ସଂକଳ୍ପ ନିଅନ୍ତୁ ବୋଲି ସୁଶାନ୍ତ କହିଛନ୍ତି ।

# ଜଳେଶ୍ୱର-ପଶ୍ଚିମବାର୍ଡ ହେଉ ଜବରଦଖଲ ମୁକ୍ତ

## ସ୍ଥାନୀୟ ପ୍ରଶାସନ ବେକୁବ୍ : ସ୍ଥାନୀୟ ଯୁବକଙ୍କ ସାମ୍ବାଦିକ ସମ୍ମିଳନୀ



ଜଳେଶ୍ୱର, ୨୧/୩ (ନିପ୍ର) : ଜଳେଶ୍ୱରରୁ ପଶ୍ଚିମବାର୍ଡ ୨୦ କିମି ପୂର୍ତ୍ତବିଭାଗର ରାସ୍ତା ର ବିଭିନ୍ନ ସ୍ଥାନରେ ଜବର ଦଖଲ ହୋଇଥିବାରୁ ତାର ଜବରଦଖଲ ମୁକ୍ତ କରିବାପାଇଁ ଦାବି ହେଉଛି । ବିଶେଷତଃ ରାସ୍ତାର ଆରମ୍ଭ ସାହୁ ସାହି ଓ ପଂକେଶ୍ୱରୀ ମହାଦେବ ମନ୍ଦିର ନିକଟରେ ଏହି ପୂର୍ତ୍ତବିଭାଗର ରାସ୍ତାକୁ ନିଜ ନାମରେ ନାମିତ କରିଥିବାରୁ ତାର ଉଦ୍ଧାର ପାଇଁ ଆଜି ଜଳେଶ୍ୱର ଡାକବଂଗଳା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ସେକ୍‌ବାର୍ଡ ମୌଜାର ଭୃଗୁରାମ ପ୍ରମାଣିକ ଖାତା ନଂ ୧୨୩୮ ଖସଡା ନଂ ୫୬୬ ୯ ଡିସିମିଲ ସ୍ଥାନ ତ୍ରୁଟିପୂର୍ଣ୍ଣ ଭାବେ ତାଙ୍କ ନାମରେ ଖତିଆନ ହୋଇଛି । ସେହିପରି ଖାତା ନଂ ୩୯୪/୭୩୨ ଖସଡା ନଂ ୫୦୨ ଏ୦.୦୫ ଡିସିମିଲ ସ୍ଥାନ ପଥରପୁରା ଗ୍ରାମର ରବିନ୍ଦ୍ର ନାଥ ପଣ୍ଡାଙ୍କ ନାମରେ ଖତିଆନ ହୋଇଛି । ସେହି ୨ଟି ସ୍ଥାନରେ ଅବରୋଧ ହେଉଥିବାରୁ ପୂର୍ତ୍ତବିଭାଗ ପକ୍ଷରୁ ଜଳେଶ୍ୱର ତହସିଲଦାରଙ୍କୁ ୨୯୭ ତା ୧୫-୨-୨୦ରେ ଲେଖିଥିଲେ । କିନ୍ତୁ ତହସିଲଦାର ଏହାର ସମାଧାନ କରିପାରିବେ ନାହିଁ ବୋଲି ଜଣାଇବାରୁ ଗତ ୨୧-୨-୨୧ରେ ପୁଣି ଉକ୍ତ ୨ ସ୍ଥାନ ଅବରୋଧ ହୋଇଥିବାର ଆଜିର ଏକ ସାମ୍ବାଦିକ ସମ୍ମିଳନୀରେ ବିଜୟ କୁମାର ପରିଡା, ହରିଶଂକର ସେଠୀ, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ଦର୍ଶାଇଛନ୍ତି । ଏ ସଂପର୍କରେ ବାଲେଶ୍ୱର ଜିଲାପାଳ, ଏସ୍‌ପି ବାଲେଶ୍ୱର ଇତ୍ୟାଦିଙ୍କୁ ଲିଖିତଭାବେ ଜଣାଇ ଦିଆଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନଥିବାର ସେମାନେ କହିଛନ୍ତି । ସର୍ବସାଧାରଣ ରାସ୍ତାକୁ ଜବର ଦଖଲମୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି ।

# ମୋ କଲେଜ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ

ଖଇରା,୨୧।୩: (ନିପ୍ର) ମୋ ସ୍କୁଲ ଅଭିଯାନର ସଫଳତା ପରେ ରବିବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗଡସଙ୍ଗ ସ୍ଥିତ ଜୟେଶ୍ୱର ଡିଗ୍ରି ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରାତନ ଛାତ୍ରଛାତ୍ରୀ ସମସ୍ତ ଅଧାପକ ଅଧାପିକା ସମସ୍ତ ଅଣକର୍ମଚାରି ଜାତୀୟ ଦେବା ଯୋଜନାର ସ୍ୱେଚ୍ଛାସେବୀ ପୂର୍ବତନ ଅଧକ୍ଷ ମନିନ୍ଦ୍ର କୁମାର ଦିକ୍ଷିତ, ପୂର୍ବତନ ସମ୍ପାଦକ ଗଣେଶ ପ୍ରଶାଦ ଖିଲାର ବର୍ତ୍ତମାନର ଅଧକ୍ଷ ରତ୍ନାକର ହାତି, ସଂଯୋଜକ ସମିର କୁମାର ମହାରଣା, ମହାବିଦ୍ୟାଳୟର ବରିଷ୍ଠ କିରାଣୀ କମଳ କୁମାର ବାରିକ, ପବିତ୍ର ମୋହନ ମହାନ୍ତି, ରେଜେନ୍ଦ୍ର ବେହେରା, ଚନ୍ଦ୍ରଶେଖର କାଣ୍ଡି ଓ ପ୍ରଶାନ୍ତ କୁମାର ପୃଷ୍ଟି ପ୍ରମୁଖ ଭିଡିଓ କନଫରେନ୍ସିଂରେ ଉପସ୍ଥିତ ଥିଲେ । ସେହିପରି ଖଇରା କଲେଜ ରେ ପୁରାତନ ଛାତ୍ର,ଅବସରପ୍ରାପ୍ତ ଅଧ୍ୟକ୍ଷ,ପରିଚାଳନା କମିଟି ସଦସ୍ୟ ମାନେ ଉପସ୍ଥିତ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରସାରିତ ହୋଇଥିବା କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ପରେ କଲେଜ ଅଧ୍ୟକ୍ଷ ପ୍ରମୋଦ ଉପାଧ୍ୟାୟଙ୍କ ନେତୃତ୍ୱରେ ଆୟୋଜିତ ବୈଠରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ପୁରାତନ ଛାତ୍ରୀଛାତ୍ର ହୁଅନ୍ତୁ କି ଅବସରପ୍ରାପ୍ତ ଅଧ୍ୟକ୍ଷ ଅଧ୍ୟାପକ ମାନେ ସୋମାନଙ୍କର ଜ୍ଞାନକୁ ସେମାନେ ଛାଡି ଯାଇଥିବା କଲେଜରେ ଅଧ୍ୟାପନା ଜାରି ରଖିବାକୁ ପରାମର୍ଶ ଦେଇଥିଲେ ।

# ବିଜୟଭାନୁ ରେଡ ଓ ସୂର୍ଯ୍ୟଶିଖା କ୍ଲବ ବିଜୟୀ

ଭଦ୍ରକ,୨୧/୦୩ (ନି.ପ୍ର): ଚରମ୍ପା ରେଲୱେ ଗ୍ରାଉଣ୍ଡ ଓ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆ ଦୁଇଟି ସ୍ଥାନରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ 'ଭିଜନ-୨୦୨୪' ପରିପ୍ରେକ୍ଷୀରେ ଜିଲ୍ଲା କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ହୋଇ ଚାଲୁଥିବା ଆନ୍ତଃ ଜିଲ୍ଲା ସିନିୟର କ୍ଲବ ଲିଗ ଟୁର୍ଣ୍ଣାମେଣ୍ଟରେ ଆଜି ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଚରମ୍ପା ରେଲୱେ ପଡ଼ିଆରେ ବିଜୟଭାନୁ ମେମୋରିଆଲ କ୍ରିକେଟ ଏକାଡେମୀ ରେଡ଼ ଓ ସାଲନ୍ଦୀ କ୍ଲବ ମଧ୍ୟରେ ଖେଳା ଯାଇଥିଲା । ସାଲନ୍ଦୀ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୮୩ ରନ କରିଥିଲା । ସଞ୍ଜୟ କୁମାର ଜେନା ୫୫, ସତ୍ୟବ୍ରତ ବେହେରା ୫୨ ଓ ଇନ୍ଦ୍ରଜିତ ମହାନ୍ତି ୨୯ ରନ କରିଥିଲେ । ବିଜୟଭାନୁ ରେଡ ପକ୍ଷରୁ ରୋହିତ କୁମାର ଦାସ ୪ଟି, କୁମାର କୌଶିକ ସାହୁ ୨ଟି ଓ ସଞ୍ଜୟଶ୍ରୀ ରାଉଳ ଗୋଟିଏ ଉଇକେଟ ନେଇଥିଲେ । ପରେ ଦ୍ୱିତୀୟାର୍ଦ୍ଧ ବ୍ୟାଟିଂରେ ବିଜୟଭାନୁ ରେଡ ଆବଶ୍ୟକ ୧୮୪ ରନ ୩୭.୩ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା । ଦଳ ପକ୍ଷରୁ ଆକାଶ ମହାପାତ୍ର ଅପରାଜିତ ୪୬, ମୀର ଜଫରୁଦ୍ଦିନ ୪୭ ଓ ଅବିନାଶ ସିଂ ଅପରାଜିତ ୪୮ ରନ କରିଥିଲେ । ସାଲନ୍ଦୀ ପକ୍ଷରୁ ଜାମିଲ ଅଖତର କାଦ୍ରୀ, ନନ୍ଦ ମୁଣ୍ଡା ଓ ରଂଜିତ କୁମାର ବାରିକ ପ୍ରତ୍ୟେକେ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ । ରୋହିତ କୁମାର ଦାସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା । ସେହିଭଳି ଭଦ୍ରକ କଲେଜ ପଡ଼ିଆରେ ଏକ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ ବଙ୍କସାହି ଯୁବକ ସଂଘ ଓ ସୂର୍ଯ୍ୟଶିଖା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବଙ୍କସାହି ଦଳ ଟସ୍ ଜିତି ବ୍ୟାଟିଂ କରି ୩୫.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୭୫ ରନ କରିଥିଲା । ଦଳର ପ୍ରୀତିରଂଜନ ସାହୁ ୫୨, ସଚିନ କିଶାନ ଜେନା ୧୫ ଓ ଅଭିଜିତ ବେହେରା ୧୪ ରନ କରିଥିଲେ । ସୂର୍ଯ୍ୟଶିଖା ପକ୍ଷରୁ ଆଲୋକ କୁମାର ବାରିକ ୩ଟି, ଇମ୍ରାନ ଖାନ୍ ଓ ସୂର୍ଯ୍ୟକାନ୍ତ ବାରିକ ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ । ୧୭୬ ରନକୁ ପିଛା କରି ବ୍ୟାଟିଂ କରିଥିବା ସୂର୍ଯ୍ୟଶିଖା ଦଳ ୩୬ ଓଭରରେ ୭ ଉଇକେଟ ହରାଇ ୧୭୮ରନ କରି ବିଜୟୀ ହୋଇଥିଲା ।

# ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଜୟପାଲସିଂହ ମୁଣ୍ଡାଙ୍କ ୫୦ ତମ ଶ୍ରାଦ୍ଧାବାର୍ଷିକି ପାଳିତ



ବାରିପଦା,୨୧/୦୩ (ନି.ପ୍ର): ଶାମାଖୁଂଟା ବ୍ଲକ ଅନ୍ତର୍ଗତ ବଡକୁଚିଆମରା ଗ୍ରାମରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଜୟପାଲସିଂହ ମୁଣ୍ଡାଙ୍କ ୫୦ତମ ଶ୍ରାଦ୍ଧ ବାର୍ଷିକି ଭାରତ ମୁଣ୍ଡା ସମାଜ ଓଡିଶା ରାଜ୍ୟ ସଭାପତି ରବିନ୍ଦ୍ରନାଥ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଭାପତି ସ୍ୱର୍ଗତଃ ଜୟପାଲସିଂହଙ୍କ ଜିବନୀ ସମ୍ବନ୍ଧରେ ସମ୍ୟକ ସୂଚନାଦେବା ସାଙ୍ଗକୁ ଅନ୍ୟବକ୍ତାଙ୍କ ମଧ୍ୟରେ ଭାରତମୁଣ୍ଡା ସମାଜର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଶ୍ରୀ ନାଥ ସିଂ, ଓଡିଶା ରାଜ୍ୟ ସମ୍ପାଦକ ଗୋବର୍ଦ୍ଧନ ସିଂ, କୋଷାଧ୍ୟକ୍ଷ ବାଇଧର ସିଂ, ଓଡିଶା ମୁଣ୍ଡା ଛାତ୍ର ସଂଗଠନର ସଭାପତି ମଙ୍ଗଲ ସିଂ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ରସିଂ ସିଂ, ସବରନ ସିଂ, ଶାନ୍ତିଲତା ସିଂ, ଶୁକୁଲାଲ ସିଂ, ସୁଦର୍ଶନ ସିଂ, ପ୍ରମୁଖ କହିଥିଲେ ଯେ ସ୍ୱର୍ଗତଃ ଜୟପାଲ ସିଂ, ଏକାଧାରାରେ ଅକ୍ସଫୋର୍ଡ ୟୁନିଭାରସିଟିର ଜଣେ ମେଧାବୀ ଛାତ୍ର, ଆଇ.ସି.ଏସ୍ ଅଫିସର, ଝାରଖଣ୍ଡ ପାର୍ଟିର ନେତୃତ୍ୟ ଥିବାବେଳେ ଭାରତ ବର୍ଷର ପ୍ରଥମ ବିରୋଧି ଦଳର ନେତା ମଧ୍ୟ ଥିଲେ , ଆମଷ୍ଟଡମ୍ ଅଲମ୍ପିକ୍ ହକି ଖେଳରେ ଭାରତୀୟ ହକିଦଳର ନେତୃତ୍ୟ ନେଇ ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିଲେ ।

# ଭୁଜାଖିଆ ପୀରବାବାଙ୍କ ଉର୍ସ ପାଇଁ ଶାନ୍ତି କମିଟି ବୈଠକ



ବାଲେଶ୍ୱର,୨୧।୩(): ଭାଇଚାରାର ପ୍ରତୀକ ସୁନହଟ ଭୁଜାଖିଆ ପୀରବାବାଙ୍କ ୭୭ତମ ବାର୍ଷିକ ଉତ୍ସବ ଉର୍ଷ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ବାବାଙ୍କ ଆସ୍ଥାନ ନିକଟରେ ରବିବାର ଅନୁଷ୍ଠିତ ହୋଇଯାଇଛି । କମିଟିର କର୍ମକର୍ତ୍ତା ଯୁବ ସଂଗଠକ ସଲିମ ରେଜା ଏଥିରେ ସଭାପତିତ୍ୱ କରିଥିଲେ । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ଟାଉନଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ଯୁବ ସଂଗଠକ ଭାଗବତ ସାହୁ, ଚିନ୍ମୟ ବିଶ୍ୱାଳ, ସୁବୋଧ ମହାନ୍ତି, ସାହିରୁଲ ହକ୍, ହାଜି ତଫଜ୍ଜୁଲ ହୋସେନ, ଉର୍ସ କମିଟି ସଭାପତି ଶେଖ ଅବଦୁଲ ରଫିକ ଓ ସମ୍ପାଦକ ଶେଖ ଜାହିରୁଦ୍ଦିନ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆସନ୍ତା ୨୪ ତାରିଖରୁ ଆରମ୍ଭ ସହ ୨୬ ତାରିଖରେ ଶେଷ ହେଉଥିବା ପୀରବାବାଙ୍କ ବାର୍ଷିକ ଉର୍ସର ରୂପରେଖ ତଥା ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଭାଇଚାରାର ପ୍ରତୀକ ଭାବେ ପ୍ରତିବର୍ଷ ଶାନ୍ତିଶୃଙ୍ଖଳାର ସହ ହୋଇ ଆସୁଥିବା ବାବାଙ୍କ ଉତ୍ସବରେ ଏ ବର୍ଷ ମଧ୍ୟ ତା'ର ଗାରିମା ବଜାୟ ରଖିବ ବୋଲି ବିଧାୟକ ଶ୍ରୀ ଦାସ ଆଶା ପ୍ରକାଶ କରିଥିଲେ । ମହାମାରୀ କରୋନା ଭୂତାଣୁ ସଂକ୍ରମଣ ହ୍ରାସ ପାଇଥିଲେ ବି ପ୍ରଶାସନର ନିୟମ ଓ କଟକଣା ପ୍ରତି ଧ୍ୟାନ ଦେଇ ସତର୍କତା ଅବଲମ୍ବନ ପାଇଁ ଏହି ବୈଠକରେ ସମସ୍ତେ ଗୁରୁତ୍ୱାରୋପ କରିଥିଲେ । ବିଧି ବିଧାନ ମଧ୍ୟରେ ବାବାଙ୍କ ତିନିଦିନିଆ ଉତ୍ସବର ସମସ୍ତ କର୍ମକାଣ୍ଡ ଯଥାରୀତି ସମ୍ପନ୍ନ ହେବ ବୋଲି କମିଟି କର୍ମକର୍ତ୍ତାମାନେ କହିଥିଲେ । ଉତ୍ସବର ପ୍ରଥମ ଦିନରେ ଗୋସାଲ, କୋରାନ ପାଠ, ମିଲାତ ସରିଫ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରଥମ ସନ୍ଧ୍ୟାରେ ପୀଠରେ କୋରାନ ପାଠ ଆରମ୍ଭ ହୋଇ ପରଦିନ ସକାଳେ ଶେଷ ହେବ । ଦ୍ୱିତୀୟ ଏବଂ ତୃତୀୟ ଦିନ ଭକ୍ତମାନେ ବାବାଙ୍କୁ ଦର୍ଶନ କରି ଚାଦର ଚଢାଇବେ ଏବଂ ମୌଲବୀମାନଙ୍କ ଦ୍ୱାରା ଧର୍ମ ସଭାର ଆୟୋଜନ କରାଯାଇଛି ବୋଲି ବାବା ଭୁଜା ଖିଆ ପୀର କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ଓଡ଼ିଶୀ ନୃତ୍ୟାଙ୍ଗନା ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୨୧/୦୩ (ନି.ପ୍ର): ଓଡ଼ିଶୀ ନୃତ୍ୟାଙ୍ଗନା ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ମହାନ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଗୁରୁ କେଳୁଚରଣ ମହାପାତ୍ରଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ । ଓଡ଼ିଶୀକୁ ସମୃଦ୍ଧ କରିବା ଦିଗରେ ତାଙ୍କର ଅତୁଳନୀୟ ଅବଦାନ ସର୍ବଦା ସ୍ମରଣୀୟ ରହିବ । ତାଙ୍କ ଅମର ଆତ୍ମାର ସଦଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ଏହା ସହିତ ତାଙ୍କର ଶେଷକୃତ୍ୟ ରାଜକୀୟ ସମ୍ମାନରେ ପୁରୀ ଠାରେ ହେବ ବୋଲି ସେ ସୂଚନା ଦେଇଛନ୍ତି ।

# ଜିଲ୍ଲାର ୨ୟ ପୁରାତନ ଲକ୍ଷ୍ମଣନାଥ ହାଇସ୍କୁଲକୁ ଜିଲା ପ୍ରଶାସନର ପୋଷ୍ୟ ଗ୍ରହଣ



ଜଳେଶ୍ୱର, ୨୧/୩ (ନିପ୍ର) : ମୋ ସ୍କୁଲ ଅଭିଯାନରେ ବିଦ୍ୟାଳୟ ମାନଙ୍କର ଉନ୍ନତି ଲାଗି ସରକାର ଯୋଜନା କରୁଥିବା ବେଳେ ଏବେ ବାଲେଶ୍ୱର ଜିଲାର ଅବହେଳିତ ଭାବେ ରହିଥିବା ୨ୟ ସର୍ବପୁରାତନ ଲକ୍ଷ୍ମଣନାଥ ଉଚ୍ଚ ବିଦ୍ୟାଳୟର ବିକାଶ ଲାଗି ଜିଲା ପ୍ରଶାସନର ଅନୁମୋଦନ ପରେ ଜଳେଶ୍ୱର ବିଡିଓ ପୋଷ୍ୟଭାବେ ଗ୍ରହଣ କରିଛନ୍ତି । ପୂର୍ବରୁ ଏହି ବିଦ୍ୟାଳୟକୁ ବିଧାୟକ ପୋଷ୍ୟ ଭାବେ ଗ୍ରହଣ କରି ଏହାର ବିକାଶ ଲାଗି ଅର୍ଥର ଅଭାବ ରହିବ ନାହିଁ ବୋଲି କହିଥିବା ବେଳେ ଆଜି ବିଡିଓ ଦିପ୍ତିରଂଜନ ସେଠୀଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ବିଦ୍ୟାଳୟ ପରିସରରେ ବସିଥିଲା । ପୁରାତନ ଛାତ୍ର ସଂସଦର ସଭାପତି , ସଂପାଦକ ଓ ସଭ୍ୟ ସଭ୍ୟା ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ । ବିଦ୍ୟାଳୟରେ ୪ଟି ସ୍ମାଟ କ୍ଲାସ ଓ ନୂତନ ୩ଟି ଶ୍ରେଣୀଗୃହ ନିର୍ମାଣ ଲାଗି ବୈଠକରେ ନିଷ୍ପତ୍ତି ହୋଇଥିଲା । ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଗିରି ସୂଚନା ଦେଇଥିବା ବେଳେ ଶ୍ୟାମଚରଣ ଦାସ, ଶୁଭ୍ରାଂଶୁ ଶେଖର ଦାସମହାପାତ୍ର ବକ୍ତବ୍ୟ ରଖିଥିଲେ । ସୁବ୍ରତ ଘୋଷାଲ ବିବରଣୀ ପାଠ କରିଥିଲେ । ରଂଜନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରୀ ସହରରେ ସୁଜଳ ଯୋଜନା ସଫଳତା ପାଇଁ ୱାଟକୋ ପୁରସ୍କୃତ

ଭୁବନେଶ୍ୱର,୨୧/୦୩ (ନି.ପ୍ର): ପୁରୀ ସହରରେ "ସୁଜଳ" ଯୋଜନାର ସଫଳ କାର୍ଯ୍ୟକାରୀତା ନିମନ୍ତେ ୱାଟକୋକୁ "ଆୱାର୍ଡ ଅଫ୍ ଏକ୍ସେଲେନ୍ସ" ପୁରସ୍କାର ମିଳିଛି । ଗତ ଗୁରୁବାର ଦିନ ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଓ ଇଲେଟ୍ସ ଟେକ୍ନୋ ମଡିଆ ଆୟୋଜିତ ୨ୟ ଜାତୀୟ ଜଳ ଓ ପରିମଳ ଉଦ୍ଭାନନୀ ସମ୍ମିଳନୀ ୨୦୨୧ରେ ସ୍ମାର୍ଟ ଜଳ ପରିବହନ ଏବଂ ବିତରଣ ବିଭାଗରେ ଦେଶର ବିଭିନ୍ନ ସହର ମଧ୍ୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ଉତ୍କର୍ଷତା ପାଇଁ ପ୍ରତିଯୋଗୀତା ହୋଇଥିଲା । ଏଥିର ପୁରୀ ସହରରେ ୱାଟକୋ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ୨୪ଘଣ୍ଟା ବିଶୁଦ୍ଧ ପାନୀୟ ଜଳ ଜଳ ଯୋଗାଣ ବ୍ୟବସ୍ଥାକୁ ପୁରସ୍କୃତ କରାଯାଇଥିବା ଗୃହ ଓ ନଗର ଉନ୍ନୟନ ବିଭାଗ ସୂତ୍ରରୁ ପ୍ରକାଶ ।

# ବିଶ୍ୱବନ ଦିବସ ପାଳନ ଅବସରରେ ଡ଼ି ରିଜର୍ଭ ପ୍ରତ୍ୟାହାର ଦାବି ନେଇ ଅନଶନ ଓ ଧର୍ମଘଟ



ଉଦଳା ୨୧/୦୩(ନି.ପ୍ର)- ବିଶ୍ୱବନ ଦିବସ ପାଳନ ଅବସରରେ ଉଦଳା ବ୍ଲକ ଅନ୍ତର୍ଗତ ନାବରା ଗ୍ରାମର ସ୍ଥାୟୀ ବାସିନ୍ଦା ଅବସରପ୍ରାପ୍ତ ଶିକ୍ଷକ ପ୍ରକୃତିବନ୍ଧୁ ନରୋତ୍ତମ ଦାସ ଆଜି ଉଦଳା ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ ୭ ଦଫା ଦାବୀ ନେଇ ଅନଶନ ଆରମ୍ଭ କରିଛନ୍ତି । ତେବେ ଏ ବାବଦରେ ପୂର୍ବରୁ ସେ ଲିଖିତ ଆକାରରେ ଜିଲ୍ଲାପାଳ ମୟୂରଭଞ୍ଜ, ଉପଜିଲ୍ଲାପାଳ କପ୍ତିପଦା, ପୋଲିସ ଅଧିକ୍ଷକ ମୟୂରଭଞ୍ଜ, ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ମୁଖ୍ୟ ନିର୍ଦ୍ଦେଶକ, ତହସିଲଦାର ଉଦଳା ପ୍ରମୁଖଙ୍କୁ ଜଣାଇଥିବାର ଗଣମାଧ୍ୟମକୁ କହିଛନ୍ତି । ତାଙ୍କର ଦାବୀ ଗୁଡ଼ିକ ମଧ୍ୟରେ ନାବରା ରିଜର୍ଭ ଜଙ୍ଗଲ ସମୀକ୍ଷା କରାଯାଉ । (୧୯୭୯ ରୁ ୨୦୨୧ ମସିହା), ଡ଼ି ରିଜର୍ଭ ପ୍ରତ୍ୟାହାର ହେଉ, ନାବରା କଲୋନୀ ଓ ଜମୁନାଗଡ଼ ବିସ୍ଥାପିତଙ୍କ ଥଇଥାନ ଜମି ଚିହ୍ନଟ କରାଯାଉ, ଜଙ୍ଗଲ ଟ୍ରେଞ୍ଚ ଲାଇନ ସିମା ଭିତର ଜବରଦଖଲକାରିଙ୍କୁ ଉଚ୍ଛେଦ କରାଯାଉ, ଯମୁନାଗଡ଼ ଥିଥାନ ବେଳେ ହୋଇଥିବା ନିସ୍ପତିକୁ ବନବିଭାଗ ମାନିବା ସହିତ ୬ହଜାର ଚାରା ରୋପଣ କରନ୍ତୁ ଓ ନାବରା କଲୋନୀ ଓ ବହୁବନ୍ଧ ଭି.ଏସ୍.ଏସ୍. ଗଠିତ ହେଉ । ସରକାର ବନବିଭାଗ ଓ ବନସମିତି ମଧ୍ୟରେ ପୂର୍ବ ୪୫ ବର୍ଷରୁ ଜଙ୍ଗଲ ସୁରକ୍ଷା ବ୍ୟବସ୍ଥା ଅକ୍ଷୁର୍ଣ୍ଣ ରଖାଯାଉ ପ୍ରଭୃତି ରହିଛି । ସେ ଆଜି ଅନସନରେ ବସିଥିବା ସମୟରେ ସ୍ଥାନୀୟ ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇ ଓ ସମାଜସେବବୀ ପ୍ରମିଳା ପଣ୍ଡା ଘଟଣାସ୍ଥଳକୁ ଯାଇ ସମସ୍ତ କଥା ବୁଝାବୁଝି କରିଛନ୍ତି । ପରେ ଉଦଳାରେ କାର୍ଯ୍ୟରତ ରେଞ୍ଜର କାର୍ଯ୍ୟାଳୟକୁ ଅନସନରେ ବସିଥିବା ନରୋତ୍ତମ ବାବୁଙ୍କୁ ଡ଼ାକି ସମସ୍ତ ବିଷୟରେ ଆଲୋଚନା କରିବା ସହିତ ଜଙ୍ଗଲ ସୁରକ୍ଷା ପାଇଁ ସହଯୋଗର ହାତ ବଢ଼ାଇବେ ବୋଲି ପ୍ରତିଶୃତି ଦେଇଥିବାର ଜଣାପଡ଼ିଛି ।

# ବାରିପଦା ତହସିଲ ଅଫିସ ଘେରିଲେ ଓକିଲ

## ଅତିରିକ୍ତ ତହସିଲଦାର ଲୋକଙ୍କୁ କାର୍ଯ୍ୟରେ ବିଳମ୍ବ କରୁଥିବା ଅଭିଯୋଗ



ବାରିପଦା,୨୧/୦୩ (ନି.ପ୍ର) : ଆଜି ବାରିପଦା ତହସିଲଦାରଙ୍କ କାର୍ଯ୍ୟାଳୟକୁ ଅପରାହ୍ନରେ ବିଭିନ୍ନ କାମ ନେଇ ଆସିଥିବା ଲୋକେ ଏବଂ ଓକିଲ ମାନେ ଘେରାଓ କରି ଅତିରିକ୍ତ ତହସିଲଦାର ସସ୍ମିତା ମୁର୍ମୁଙ୍କ ମନୋମୁଖି କାର୍ଯ୍ୟକଳାପର ବିରୋଧ କରିଥିବା ଦେଖାଯାଇଥିଲା । ଘଟଣାରୁ ପ୍ରକାଶ ଯେ, ଅତିରିକ୍ତ ତହସିଲଦାର ଦୂରଦୂରାନ୍ତରୁ ଆସିଥିବା ଗରୀବ ଲୋକଙ୍କ ଏଫିଡେଭିଟ ଆଦି କାର୍ଯ୍ୟ ସମୟ ମୁତାବକ ନକରିବାରୁ ଲୋକେ ବାରମ୍ବାର କାର୍ଯ୍ୟାଳୟକୁ ଦଉଡି ନୟାନ୍ତ ଓ ଖର୍ଚ୍ଚାନ୍ତ ହେବା ସହିତ ବିଭିନ୍ନ ସମୟରେ ବିଭିନ୍ନ ସରକାରୀ ଯୋଜନାରେ ତଥା ପିଲାଙ୍କ ଆଡମିଶନ ଆଦିକାର୍ଯ୍ୟରେ ଆବେଦନ କରିବାର ଶେଷ ତାରିଖ ପାର ହୋଇଯାଉଥିଲେ ମଧ୍ୟ ସମୟ ମୁତାବକ କାର୍ଯ୍ୟ ସମ୍ପାଦିତ ହେଉନଥିବାରୁ ଆଜି ଅଫିସକୁ କାମ ନେଇ ଆସିଥିବା କିଛି ମହିଳା ଓ ପୁରୁଷ ହିତାଧିକାରୀ ୨ଦିନ ଧରି ଅଫିସକୁ ଆସୁଥିଲେ ମଧ୍ୟ ତାଙ୍କର ଏଫିଡେଭିଟ ଆଦିକାର୍ଯ୍ୟ ଅତିରିକ୍ତ ତହସିଲଦାର କରିନଥିଲେ । ତେବେ ଛୋଟ ପିଲାଧରି ମହିଳା ଏବଂ ଅନ୍ୟ ଲୋକେ ସକାଳରୁ ସଂଧ୍ୟାପର୍ଯ୍ୟନ୍ତ ଅପେକ୍ଷା କରିମଧ୍ୟ କାମ ନହେବାରୁ ପାଟିହୁରି କରିଥିଲେ । କିଛି ଓକିଲ ମଧ୍ୟ ସେମାନଙ୍କର କାର୍ଯ୍ୟ କରିଦେବାକୁ ତାଙ୍କୁ ଅନୁରୋଧ କଲାପରେ ମଧ୍ୟ କାମ ନକରି ଓଲଟା ତାଙ୍କର ସମୟ ନାହିଁ ସେ ଅଲଗା କାମରେ ଥିବାର କହିବାରୁ ଗଣ୍ଡୋଗୋଳ ଉଗ୍ରରୂପ ନେଇଥିଲା । ଶେଷରେ ବହୁ ଓକିଲ ଏବଂ ମୋହରୀର ତହସିଲଦାରଙ୍କ କାର୍ଯ୍ୟାଳୟ ଘେରାଓ କରିଥିବା ବେଳେ ଘଟଣା ସ୍ଥଳରେ ପୋଲିସ ମୁତୟନ କରାଯାଇଥିଲା । ତେବେ ତହସିଲଦାର ରାମଚନ୍ଦ୍ର ମୁର୍ମୁ ଅଫିସରେ ପହଂଚି ଓକିଲ ମାନଙ୍କୁ ବୁଝାସୁଝା କରିବା ପରେ ଘଟଣା ଶାନ୍ତ ପଡିଥିଲା ।

ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
Managing & Executive Editor : Srustidhar Parida
Editor: Sairindhree Sahoo